

ନବରାତ୍ର ଉପଚାର

ମା'ଙ୍କ ବ୍ରହ୍ମଚାରିଣୀ ବେଶ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-110 •TUESDAY •13 OCTOBER 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୪ •ସଂଖ୍ୟା-୧୧୦ •ମଙ୍ଗଳବାର •୧୩ ଅକ୍ଟୋବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ହଲ୍ ଓ ଉଡ୍‌ଫୋର୍ଡଙ୍କୁ ଅର୍ଥନୀତିରେ ନୋବେଲ

■ ଷ୍ଟକ୍‌ହୋମ୍, ୧୨।୧୦ (ଏଜେନ୍ସି): ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ ହଲ୍ ଓ ମାଇକେଲ୍ ଉଡ୍‌ଫୋର୍ଡଙ୍କୁ ଅର୍ଥନୀତି କ୍ଷେତ୍ରରେ ୨୦୨୬ ମସିହାର ନୋବେଲ ପୁରସ୍କାର ପ୍ରଦାନ କରାଯିବ। ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତି ଭଳି ଅର୍ଥନୈତିକ ସମସ୍ୟାର ମୁକାବିଲା ପାଇଁ



ଉପଯୋଗୀ ମଡେଲ୍ ବିକାଶରେ ଅବଦାନ ଲାଗି ସେମାନଙ୍କୁ ଏହି ସମ୍ମାନ ମିଳିବ। ସୋମବାର ରୟାଲ୍ ସ୍ୱିଡିସ୍ ଏକାଡେମି ଅଫ୍ ସାଇନ୍‌ସେସ୍ ଏହି ଘୋଷଣା କରିଛି। ଉଭୟଙ୍କୁ ମିଳିତ ଭାବେ ୧୨ ନିୟୁତ ସ୍ୱିଡିସ୍ କ୍ରୋନା ପୁରସ୍କାର ମିଳିବ। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ପ୍ରାୟ ୧୧୫ କୋଟି ଟଙ୍କା। ଏହି ରାଶି ▶ପୃଷ୍ଠା-୭

## ଇଣ୍ଡିଆ ମେଣ୍ଟର 'ସୁପ୍ରିମ' ମାର୍ଚ୍ଚ

# ଦିଲ୍ଲୀ ଜନସମୁଦ୍ର

■ ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି): 'ଭୋଟଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଆନ୍ଦୋଳନ ଜୋର ଧରିବାରେ ଲାଗିଛି। ଏହି ଦାବିରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଜି ସୁପ୍ରିମକୋର୍ଟ ଆଡ଼କୁ ପଦଯାତ୍ରାର ଆୟୋଜନ କରାଯାଇଛି। କନ୍ନଟ ପ୍ଲେସରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିବା ବେଳେ ମଣ୍ଡି ହାଉସ ପର୍ଯ୍ୟନ୍ତ ରାସ୍ତା ଜନସମୁଦ୍ର ପାଲଟିଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବାହାରିଥିବା ଏହି ଶୋଭାଯାତ୍ରା ସୁପ୍ରିମ କୋର୍ଟ ଆଡ଼କୁ ଯାଉଥିବା ବେଳେ ବାଟରେ ପୁଲିସ ସେମାନଙ୍କୁ ଅଟକାଇଥିଲା। ଏହାପରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ସୁପ୍ରିମ କୋର୍ଟରେ ଏକ ପିଟିସନ ▶ପୃଷ୍ଠା-୭

**ଜ୍ଞାନେଶଙ୍କୁ ବହିଷ୍କାର ପାଇଁ ସୁପ୍ରିମକୋର୍ଟରେ ପିଟିସନ**

**ଆଜି ହୋଇପାରେ ଶୁଣାଣି**

ବାଟରେ ଅଟକାଇଲା ପୁଲିସ, ସୁପ୍ରିମକୋର୍ଟରେ ପହଞ୍ଚିଲେ ନେତା



## ଯନ୍ତରମନ୍ତରରେ ଆନ୍ଦୋଳନ ମନା

**ଆଉ ହେବନି ଧାରଣା**

**ପ୍ରତିବାଦ ପାଇଁ ଦିଲ୍ଲୀରେ ୩ଟି ବିକଳ୍ପ ସ୍ଥାନ ଚିହ୍ନଟ**

■ ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଚାଲିଥିବା ଆନ୍ଦୋଳନରେ ବିବ୍ରତ ଦିଲ୍ଲୀ ପୁଲିସ ଯନ୍ତରମନ୍ତରରେ ସମସ୍ତ ପ୍ରକାର ପ୍ରତିବାଦ ଧାରଣାକୁ ବ୍ୟାନ୍ କରିଛି। ଏଠାରେ ଆଉ କୌଣସି ଆନ୍ଦୋଳନ ହେବନାହିଁ। ଏହାକୁ ଧାରଣା ଓ ପ୍ରତିବାଦ ପାଇଁ ନିର୍ଦ୍ଧାରିତ ସ୍ଥାନ ତାଲିକାରୁ ବାଦ୍ ଦେଇଛି ଦିଲ୍ଲୀ ପୁଲିସ। ଏହା ବଦଳରେ ତିନୋଟି ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି। ଅକ୍ଟୋବର ୧୧ର ନିର୍ଦ୍ଦେଶ ଅନୁସାରେ, ରାମଲୀଳା ମଇଦାନ, ପୂର୍ବ ଦିଲ୍ଲୀର ସିବିଡି ମଇଦାନ ଓ ଉତ୍ତର ଦିଲ୍ଲୀର ବୁରାଡ଼ି ମଇଦାନରେ ପ୍ରତିବାଦ କରାଯାଇପାରିବ। ଦିଲ୍ଲୀ ପୁଲିସ କମିସନର ଅନୁରାଗ କୁମାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୨ ଏପ୍ରିଲ ୨୮ ର ପୂର୍ବ ନିର୍ଦ୍ଦେଶରେ ସଂଶୋଧନ କରାଯାଇ ଏହି ନିର୍ଦ୍ଦେଶ ଦିଆଯାଇଛି। କମିସନର କହିଛନ୍ତି ଯେ ବିକଳ୍ପ ସ୍ଥାନ ବାଛିବା ଲାଗି କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା ଏବଂ କମିଟିର ▶ପୃଷ୍ଠା-୭

**କେନ୍ଦ୍ର ସରକାରଙ୍କ ଏମ୍‌ଓଏସ୍‌ପିଆଇ ରିପୋର୍ଟ**

**୭.୭୪%ରେ ପହଞ୍ଚିଲା ଖାଦ୍ୟ ମୁଦ୍ରାସ୍ଫୀତି**

**୫.୫୪%କୁ ବୃଦ୍ଧି ହେଲା ଖୁଚୁରା ମୁଦ୍ରାସ୍ଫୀତି**

## ବେଲଗାମ୍ ଦରବୃଦ୍ଧି: ସହରଠାରୁ ଗାଁ ମହଙ୍ଗା

■ ଭୁବନେଶ୍ୱର, ୧୨।୧୦ (ସମିସ): ଦରଦାମ ବୃଦ୍ଧି ଏବେ ଦେଶର ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ବିଭିନ୍ନ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପ୍ରତ୍ୟେକ ବର୍ଗ ଉପଭୋକ୍ତାଙ୍କ ପାଇଁ ଶିରପୀଡ଼ା ବଢ଼ାଇଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ) ସୋମବାର ପ୍ରକାଶ କରିଥିବା ରିପୋର୍ଟ ଅନୁଯାୟୀ, ଅଗଷ୍ଟରେ ୫.୯୭ ପ୍ରତିଶତ ଥିବା ଖାଦ୍ୟ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ବୃଦ୍ଧି ପାଇ ୭.୭୪ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟସାମଗ୍ରୀ, ପନିପରିବା ଓ ଅନ୍ୟ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ



ସାମଗ୍ରୀର ଦର ବୃଦ୍ଧି ଯୋଗୁଁ ପରିବାରଗୁଡ଼ିକର ମାସିକ ଖର୍ଚ୍ଚ ବଢ଼ିବା ସହ ଘରୋଇ ବଜେଟ୍ ଉପରେ ଚାପ ବଢ଼ିଛି। ବିଶେଷକରି ନିମ୍ନ ଓ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟକ୍ଷମତାକୁ ଏହା ବିଶେଷ ପ୍ରଭାବିତ କରିଛି। ଅନୁରୂପ ଭାବରେ ଖୁଚୁରା ମୁଦ୍ରାସ୍ଫୀତି ହାର ଗୋଟିଏ ମାସରେ ୦.୭୨% ବୃଦ୍ଧି ପାଇ ୫.୫୪%ରେ ପହଞ୍ଚିଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଦର ବୃଦ୍ଧି ହାର ଅଧିକ ରହିଛି। ଅଗଷ୍ଟରେ ଗ୍ରାମୀଣ ଅଞ୍ଚଳରେ ମୁଦ୍ରାସ୍ଫୀତି ୫.୨୪% ରହିଥିବା ସମୟରେ ସେପ୍ଟେମ୍ବରରେ ଏହା ୬.୦୮% ଅତିକ୍ରମ କରିଛି। ସେହିପରି ▶ପୃଷ୍ଠା-୭

### ବଦଳିଲେ ୬ ରାଜ୍ୟର ରାଜ୍ୟପାଳ

## ବ୍ରଜ ମୋହନ ରାମ ଓଡ଼ିଶାର ନୂଆ ରାଜ୍ୟପାଳ

■ ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୬ଟି ରାଜ୍ୟରେ ନୂତନ ରାଜ୍ୟପାଳ ନିଯୁକ୍ତି ଦେଇଛନ୍ତି । ସୋମବାର ରାଷ୍ଟ୍ରପତି ଭବନରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଝାଡ଼ଖଣ୍ଡର ପୂର୍ବତନ ଲୋକସଭା ସାଂସଦ ବ୍ରଜ ମୋହନ ରାମଙ୍କୁ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ତାଙ୍କୁ ଏବର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ହରିବାବୁ ୨୦୨୫ ଜାନୁଆରୀରେ ଓଡ଼ିଶା ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ମିଜୋରାମ ରାଜ୍ୟପାଳ ଥିଲେ।



ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ପାଇଥିବା ବ୍ରଜମୋହନ ଝାଡ଼ଖଣ୍ଡର ପଲାମୁ ସଂସଦୀୟ ▶ପୃଷ୍ଠା-୭




## ବିଶେଷ ଟିପ୍ପଣୀ



ନିର୍ବାଚନ କମିସନଙ୍କୁ ସଶକ୍ତ କରିବା ପାଇଁ ବିଜେପି ସରକାର ସୁପ୍ରିମକୋର୍ଟଙ୍କୁ ଦୁର୍ବଳ କରିଛି।

-ଧର୍ମେନ୍ଦ୍ର ଯାଦବ (ସମାଜବାଦୀ ସାଂସଦ)



ସେମାନେ ଆମକୁ ଦମନ କରିବା କିମ୍ବା ଅତ୍ୟାଚାର କରିବା ପାଇଁ ଯାହା କରିବା କଥା କରନ୍ତୁ। ଆମେ ଆଗକୁ ବଢ଼ି ଚାଲିବୁ। ନଇଁବୁ ନାହିଁ କି ଭାଙ୍ଗି ପଡ଼ିବୁ ନାହିଁ। ଆମକୁ ଗଣତନ୍ତ୍ରର ପୁନରୁଦ୍ଧାର କରିବାକୁ ହେବ।

-ଜନ୍ ବ୍ରିଟାସ୍ (ସିପିଆଇ-ଏମ୍ ସାଂସଦ)

## ଜେନ୍ Z

ଆମର ପୂର୍ବପୁରୁଷମାନେ ଭାରତକୁ ବ୍ରିଟିଶଙ୍କ କବଳରୁ ମୁକ୍ତ କରିଥିଲେ। ଆଜି ଆମକୁ ଭାରତକୁ ବ୍ରିଟିଶମାନଙ୍କ ଦାସତ୍ୱରୁ ମୁକ୍ତ କରିବାକୁ ପଡିବ। ଆମେ ଏପରି ଶାସକ ଚାହୁଁନାହୁଁ, ଯିଏ ନେତନ୍ୟାହୁଙ୍କ ଇସାରାରେ ନାଚନ୍ତି।

-ଜୋତି ବର୍ମା @Jotti__Vr

## ନକଲି ସେନା କର୍ଣ୍ଣେଲ ଗିରଫ



ମୁର୍ଶିଦାବାଦ,୧୨।୧୦(ଏଜେନ୍ସି): ନିଜକୁ ଭାରତୀୟ ସେନାର କର୍ଣ୍ଣେଲ୍ ଓ ସାମରିକ ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀ ବୋଲି ପରିଚୟ ଦେଇ ଲୋକଙ୍କୁ ଠକେଇ କରିଥିବା ଅଭିଯୋଗରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରୁ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଅଭିଯୁକ୍ତ ତରୁଣ ଦାସ ସାଗରଦିଘି ଅଞ୍ଚଳର ବାସିନ୍ଦା। ସୋମବାର ତାଙ୍କୁ ଲାଲବାଗ ଉପଖଣ୍ଡ ଅଦାଲତରେ ହାଜର କରାଯାଇଥିବା ବେଳେ ଅଧିକ ତଦନ୍ତ ପାଇଁ ପୁଲିସ ୧୦ ଦିନିଆ ହେପାଜତ ମାଗିଛି। ପୁଲିସ ଓ ସେନା ଗୁଇନ୍ଦା ବିଭାଗର ସୂଚନା ଅନୁଯାୟୀ, ତରୁଣ ନିଜକୁ ସେନାର ଲେଫ୍ଟନାଣ୍ଟ କର୍ଣ୍ଣେଲ ଏବଂ ସାମରିକ ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀ ବୋଲି ପରିଚୟ ଦେଉଥିବା ଅଭିଯୋଗ ହୋଇଛି। ସେ ସେନା ପୋଷାକ ପିନ୍ଧି ବିଭିନ୍ନ ଅଞ୍ଚଳରେ ବୁଲୁଥିଲେ ଏବଂ ନକଲି ପରିଚୟପତ୍ର ଦେଖାଇ ଲୋକଙ୍କ ବିଶ୍ୱାସ ଜିତୁଥିଲେ। ସେନାରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ସେ ଅନେକ ଲୋକଙ୍କଠାରୁ ବିପୁଳ ଟଙ୍କା ନେଇଥିବା ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି। ତାଙ୍କର ସନ୍ଦେହଜନକ କାର୍ଯ୍ୟକଳାପ ଉପରେ କୋଲକାତା ସେନା ଗୁଇନ୍ଦା ବିଭାଗ କିଛି ଦିନ ଧରି ନଜର ରଖିଥିଲା। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ରବିବାର ରାତିରେ ଗୁଇନ୍ଦା ବିଭାଗ ଓ ନବଗ୍ରାମ ପୁଲିସ ମିଳିତ ଭାବେ ତାଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କଠାରୁ 'ଭାରତ ସରକାର' ଲେଖାଥିବା ଷ୍ଟିକର୍ ଲାଗିଥିବା ଏକ ଚାରିଚକିଆ ଗାଡ଼ି, ତିନୋଟି ୱାକିଟକି, ଏକାଧିକ ମୋବାଇଲ୍ ଫୋନ୍, ନକଲି ପରିଚୟପତ୍ର ଓ ସନ୍ଦେହଜନକ କାଗଜପତ୍ର ଜବତ ହୋଇଛି। ଏହି ଠକେଇରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ପୁଲିସ ତାହାର ତଦନ୍ତ କରୁଛି।

## ହାର୍ଭାର୍ଡରେ ନାମଲେଖା ଆଳରେ ୯୩ ଲକ୍ଷ ଠକେଇ



ପାକିସ୍ତାନୀ ଛାତ୍ରୀଙ୍କ ଆତ୍ମହତ୍ୟା

ଇସଲାମାବାଦ,୧୨।୧୦(ଏଜେନ୍ସି): ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ପାଇଁ ନାମଲେଖା, ବୃତ୍ତି ଓ ଭିସା କରାଇଦେବାର ପ୍ରତିଶ୍ରୁତି ଦେଇ ୯୩ ଲକ୍ଷ ପାକିସ୍ତାନୀ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମାନସିକ ଚାପରେ ଥିବା ୨୦ ବର୍ଷୀୟା ପଦାର୍ଥ ବିଜ୍ଞାନର ସ୍ୱର୍ଣ୍ଣପଦକ ବିଜୟିନୀ ଲାଇବା ଏଜାଜଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁକୁ ଆତ୍ମହତ୍ୟା ବୋଲି ଦର୍ଶାଯାଇଛି। ପାକିସ୍ତାନର ସରଗୋଧାର ବାସିନ୍ଦା ଲାଇବା ଇସଲାମାବାଦସ୍ଥିତ ଆନ୍ତର୍ଜାତୀୟ ଇସଲାମିକ୍ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ହାସଲ କରିଥିଲେ। ତାଙ୍କ ପରିବାରର ଅଭିଯୋଗ ଅନୁଯାୟୀ, ମହମ୍ମଦ ନୌମାନ ନାମକ ଜଣେ ବ୍ୟକ୍ତି ବିଦେଶରେ ପାଠପଢ଼ା ପାଇଁ ସହାୟତାର ପ୍ରତିଶ୍ରୁତି ଦେଇ ଟଙ୍କା ନେଇଥିଲେ। କିନ୍ତୁ ଦେଇଥିବା କାଗଜପତ୍ର ନକଲି ବୋଲି ଜଣାପଡ଼ିଥିଲା। ପରିବାର ଜମି ବିକ୍ରି କରିବା ସହ ମାଆଙ୍କ ଗହଣା ବନ୍ଧକ ରଖି ତାଙ୍କ ପାଠପଢ଼ା ପାଇଁ ଅର୍ଥ ଯୋଗାଡ଼ କରିଥିଲେ। ଅକ୍ଟୋବର ୯ରେ ଇସଲାମାବାଦର ଜି-୧୦ ଅଞ୍ଚଳର ଏକ ବଜାରରୁ ତାଙ୍କ ମୃତଦେହ ମିଳିଥିଲା। ପାକିସ୍ତାନର ଫେଡ଼ରାଲ ତଦନ୍ତ ସଂସ୍ଥା ନୌମାନଙ୍କୁ ଗିରଫ କରିଛି। ଫାତିମା ସରୱାର ନାମକ ଅନ୍ୟ ଜଣଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି। ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ତ୍ୱରିତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତର ଶ୍ରେଷ୍ଠ ୧୦% ଧନୀଙ୍କ ଆୟ ବିକଶିତ ରାଷ୍ଟ୍ରର ୧୦% ଗରିବଙ୍କ ଆୟଠୁ କମ୍: ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ବିଶ୍ୱର ଧନୀ ଦେଶ ଗୁଡ଼ିକର ସବୁଠାରୁ ଗରିବ ୧୦% ଲୋକଙ୍କ ଦୈନିକ ଆୟ ବା ବ୍ୟୟ, ଭାରତର ସବୁଠାରୁ ଧନୀ ୧୦% ଲୋକଙ୍କ ଆୟଠାରୁ ମଧ୍ୟ ଅଧିକ ରହିଛି। ବିଶ୍ୱବ୍ୟାଙ୍କର 'ଦାରିଦ୍ର୍ୟ ଓ ଅସମାନତା ମଞ୍ଚ' ୨୦୨୬ର ରିପୋର୍ଟରେ ଏହି ତଥ୍ୟ ପ୍ରକାଶ କରିଛି। ଏହି ବିଶ୍ଳେଷଣରୁ ସ୍ପଷ୍ଟ ହୋଇଛି ଯେ, ଭାରତର ସବୁଠାରୁ ସମୃଦ୍ଧ ପରିବାରଗୁଡ଼ିକର ଜୀବନଧାରଣର ମାନ ମଧ୍ୟ ବିକଶିତ ଅର୍ଥବ୍ୟବସ୍ଥାର ସବୁଠାରୁ ନିମ୍ନସ୍ତରରେ ଥିବା ଲୋକଙ୍କ ତୁଳନାରେ ଯଥେଷ୍ଟ କମ୍ ରହିଛି। ରିପୋର୍ଟ ଅନୁଯାୟୀ, ଭାରତର ସବୁଠାରୁ ଗରିବ ୧୦% ଲୋକଙ୍କ ଦୈନିକ ଆୟ ବା ବ୍ୟୟର ସୀମା ପ୍ରାୟ ୩ ଆମେରିକୀୟ ଡଲାର ରହିଛି। କିନ୍ତୁ ଆମେରିକାରେ ଏହା ୨୫ ଡଲାର, କାନାଡ଼ାରେ ୩୧ ଡଲାର ଏବଂ ଜର୍ମାନୀ ଓ ଅଷ୍ଟ୍ରେଲିଆରେ ୨୮ ଡଲାର ରହିଛି। ଅପରପକ୍ଷରେ, ଭାରତର ସବୁଠାରୁ ଧନୀ ୧୦% ଲୋକଙ୍କ ଦୈନିକ ଆୟ ବା ବ୍ୟୟର ସୀମା ପ୍ରାୟ ୧୦ ଡଲାର ବୋଲି ଜଣାପଡ଼ିଛି। ମାତ୍ର ଆମେରିକାରେ ଏହି ସୀମା ୧୭୩ ଡଲାର, କାନାଡ଼ା ଓ ଅଷ୍ଟ୍ରେଲିଆରେ ୧୨୯ ଡଲାର ଏବଂ ଜର୍ମାନୀରେ ୧୨୮ ଡଲାର ରହିଛି। ଭାରତୀୟ ଅର୍ଥନୈତିକ ସର୍ବେକ୍ଷଣ ଅନୁସାରେ, ଭାରତରେ ମାସକୁ ୮୦,୦୦୦ ଟଙ୍କା ଆୟ କରୁଥିବା ଜଣେ ବ୍ୟକ୍ତି ଦେଶର ଶୀର୍ଷ ୧୦% ଆୟକାରୀଙ୍କ ମଧ୍ୟରେ ଗଣିତ ହୋଇଥାନ୍ତି। ଫାଉଣ୍ଡେସନ୍ ଫର୍ ଇକୋନୋମିକ୍ ଡେଭେଲପମେଣ୍ଟର ପ୍ରୋଗ୍ରାମ୍ ଆସୋସିଏଟ୍ ଅହୋନା ଦତ୍ତାଗୁପ୍ତାଙ୍କ ଅନୁଯାୟୀ, ଏହି ତୁଳନା ଦ୍ୱାରା ଭାରତର ଦାରିଦ୍ର୍ୟ ସହ ସମଗ୍ର ଅର୍ଥବ୍ୟବସ୍ଥାରେ କମ୍ ଆୟ ରହିଥିବା ଭଳି ଗଭୀର ସମସ୍ୟା ଉଜାଗର ହୋଇଛି। ଭାରତରେ ଦୈନିକ ୧୦ ଡଲାର ବ୍ୟୟ କରୁଥିବା ବ୍ୟକ୍ତି ସବୁଠାରୁ ଧନୀ ୧୦ ପ୍ରତିଶତଙ୍କ ମଧ୍ୟରେ ସ୍ଥାନ ପାଉଥାନ୍ତି; ହେଲେ କାନାଡ଼ା, ଜାପାନ ଓ ଆମେରିକା ଭଳି ଦେଶରେ ସମାନ ପରିମାଣର ଅର୍ଥ ବ୍ୟୟ କରୁଥିବା ଲୋକ ସବୁଠାରୁ ଗରିବ ୧୦% ପ୍ରତିଶତଙ୍କ ଶ୍ରେଣୀରେ ରହିଥାନ୍ତି। ତେଣୁ କେବଳ ଗରିବ ଲୋକଙ୍କୁ ଧନୀ ଶ୍ରେଣୀକୁ ଆଣିବା ଦେଶକୁ ସମୃଦ୍ଧ କରିବା ପାଇଁ ଯଥେଷ୍ଟ ହେବନାହିଁ। ଭାରତକୁ ଦୀର୍ଘସ୍ଥାୟୀ ସମୃଦ୍ଧି ହାସଲ କରିବାକୁ ହେଲେ କେବଳ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ କମାଇବା ପରିବର୍ତ୍ତେ ସମଗ୍ର ଜନସଂଖ୍ୟାର ଆୟ ଏବଂ ଉତ୍ପାଦନଶୀଳତା ବୃଦ୍ଧି କରିବାକୁ ପଡ଼ିବ। ଉଚ୍ଚ ଉତ୍ପାଦନଶୀଳତା ଦ୍ୱାରା ସମାନ ଜମି, ଶ୍ରମ ଓ ପୁଞ୍ଜି ବ୍ୟବହାର କରି ଅଧିକ ଉତ୍ପାଦନ କରାଯାଇପାରିବ। ଏହା ଅଧିକ ଦରମା ଓ ଆୟ ବୃଦ୍ଧିରେ ସହାୟକ ହେବ। ଉତ୍ପାଦନଶୀଳତା ବୃଦ୍ଧି ପାଇଁ ବ୍ୟବସାୟିକ ଅନୁକୂଳ ପରିବେଶ, ସରଳ କର ବ୍ୟବସ୍ଥା ଏବଂ ନିୟମ ପାଳନର ବୋଝ କମାଇବା ଆବଶ୍ୟକ। ଭାରତରେ ନିୟମାବଳୀର ସମୀକ୍ଷା, ଚୁକ୍ତିପତ୍ରର ଦ୍ରୁତ କାର୍ଯ୍ୟାନ୍ୱୟନ ଏବଂ ଶିଳ୍ପ କ୍ଲଷ୍ଟର ବିକାଶ ଭଳି ଆହୁରି ସଂସ୍କାର ଆବଶ୍ୟକତା ରହିଛି।

## ଫର୍ମ-୬କୁ ଅନୁମୋଦନ ଦିଆଯାଇନି, ସ୍ପଷ୍ଟ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ନୂଆ ଫର୍ମ-୬କୁ ସୁପ୍ରିମକୋର୍ଟ ଅନୁମୋଦନ ଦେଇନାହାନ୍ତି। ସୋମବାର ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମ୍ପର୍କିତ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହା ସ୍ପଷ୍ଟ କରିଛନ୍ତି। ଏହା ସହ ଫର୍ମ-୬କୁ ଅଦାଲତଙ୍କ ଅନୁମୋଦନ ମିଳିଥିବା ନେଇ ନିର୍ବାଚନ ଆୟୋଗର ପୂର୍ବ ସୂଚନା ଉପରେ ପ୍ରଶ୍ନ ଉଠିଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି ମୋହନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଯୁକ୍ତି ଦେଇଥିଲେ ଯେ ନୂଆ ଫର୍ମ-୬କୁ ସୁପ୍ରିମକୋର୍ଟ ଅନୁମୋଦନ ଦେଇଥିବା ନିର୍ବାଚନ ଆୟୋଗ କହିଛି। ଏହାର ଉତ୍ତରରେ ବିଚାରପତି ବାଗଚୀ କହିଥିଲେ, 'ନୂଆ ଫର୍ମ-୬ ଉପରେ କୌଣସି ବିଚାର କରାଯାଇନାହିଁ।' ବିହାରର ଏସ୍ଆଇଆର୍ ମାମଲାର ଶୁଣାଣି ସମୟରେ ନୂଆ ଫର୍ମ-୬ ପ୍ରସଙ୍ଗ ଉଠିନଥିଲା ବୋଲି ସେ ସ୍ପଷ୍ଟ କରିଥିଲେ। ଫର୍ମ-୬ ହେଉଛି ଭୋଟର ତାଲିକାରେ ନାମ ସାମିଲ କରିବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଆବେଦନପତ୍ର। ଏହା ପୂର୍ବରୁ ଅକ୍ଟୋବର ୫ରେ ଅନ୍ୟ ଏକ ଆବେଦନର ଶୁଣାଣି ସମୟରେ ମଧ୍ୟ ସୁପ୍ରିମକୋର୍ଟ କହିଥିଲେ ଯେ ବିଭିନ୍ନ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପାଇଁ ବ୍ୟବହୃତ ଫର୍ମ-୬ରେ ନିର୍ବାଚନ ଆୟୋଗ କରିଥିବା ପରିବର୍ତ୍ତନକୁ ଅଦାଲତ ଅନୁମୋଦନ ଦେଇନାହାନ୍ତି। ସେପ୍ଟେମ୍ବର ୨୬ରେ ନିର୍ବାଚନ ଆୟୋଗ ଜାରି କରିଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ବିହାର ଏସ୍ଆଇଆର୍ ସମ୍ପର୍କିତ ମେ' ୨୦୨୬ର ରାୟରେ ସୁପ୍ରିମକୋର୍ଟ ଫର୍ମ-୬ର ଘୋଷଣାପତ୍ରକୁ ସମର୍ଥନ କରିଥିବା ଭଳି ସୂଚନା ଦିଆଯାଇଥିଲା। ସୋମବାରର ସ୍ପଷ୍ଟୀକରଣରୁ ଜଣାପଡ଼ିଛି ଯେ ନୂଆ ଫର୍ମ-୬ ଉପରେ ଅଦାଲତ କୌଣସି ନିଷ୍ପତ୍ତି ନେଇନାହାନ୍ତି।





ନୂଆଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ପଦଯାତ୍ରା

## ମୋଦୀ ସରକାରର ୨୦୦ ଅଧିକାରୀ ଆମ ସହ ସମ୍ପର୍କରେ ଅଛନ୍ତି: ରାହୁଲ

ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି): ଭୋଟଚୋରି ଏବଂ ମୁଖ୍ୟ ନିର୍ବାଚନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଚଳାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ପୁଣି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଅନେକ ବିସ୍ଫୋରକ ବୟାନ ଦେଇ କହିଛନ୍ତି ଯେ ମୋଦୀ ସରକାରର ପ୍ରାୟ ୨୦୦ ଅଧିକାରୀ ତାଙ୍କ ସହ ଯୋଗାଯୋଗରେ ଅଛନ୍ତି ଏବଂ ସେମାନେ ତାଙ୍କୁ ସବୁ ପ୍ରକାର ସରକାରୀ ସୂଚନା ଦେଉଛନ୍ତି। ଏଥିରେ ସିବିଆଇ, ଇଡି ଏବଂ ବୈଦେଶିକ ବିଭାଗର ଅଧିକାରୀ ଅଛନ୍ତି। ତେବେ ରାହୁଲ ସେମାନଙ୍କର ନାମ ପ୍ରକାଶ କରି ନାହାନ୍ତି କି ସେମାନେ ତାଙ୍କୁ କେଉଁ ପ୍ରକାର ତଥ୍ୟ ଦେଉଛନ୍ତି, ତାହା ମଧ୍ୟ କହି ନାହାନ୍ତି। ଏହାସହିତ ଆଉ ବିସ୍ଫୋରକ କଥା ମଧ୍ୟ କହିଛନ୍ତି। ସେ ଦାବି କରିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ମଧ୍ୟ ତାଙ୍କ ସହ ଯୋଗାଯୋଗରେ ଅଛନ୍ତି। ସେ ମଧ୍ୟ ତାଙ୍କୁ ମେସେଜ୍ ପଠାଉଛନ୍ତି। ଜ୍ଞାନେଶ ପ୍ରବଳ ଚାପରେ ଅଛନ୍ତି ଏବଂ ତାଙ୍କୁ ରାତିରେ ନିଦ ହେଉନି। ଅନ୍ୟମାନଙ୍କ କଥାରେ ପଡ଼ି ଯେ ଭୋଟର ତାଲିକାରେ ଜାଲିଆତି କରିଛନ୍ତି। ରାହୁଲ କହିଲେ ଯେ ଜ୍ଞାନେଶ ଆଉ ବର୍ତ୍ତି ପାରିବେ ନାହିଁ, ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ସେ ସରକାରୀ ସାକ୍ଷୀ ହୋଇ କାହା କଥାରେ ସବୁ ଜାଲିଆତି କରାଯାଇଛି, ତାହା ସେ ପ୍ରକାଶ କରନ୍ତୁ ବୋଲି ରାହୁଲ ଦାବି କରିଛନ୍ତି। ସାମ୍ବାଦିକମାନେ ଜ୍ଞାନେଶ କୁମାର ତାଙ୍କ ସହ ଯୋଗାଯୋଗ କରିଥିଲେ କି ବୋଲି ପଚାରିବାରୁ ରାହୁଲ କହିଥିଲେ, 'ହଁ, ବାର୍ତ୍ତା ଆସୁଛି। ମୁଁ ତାଙ୍କୁ କହିଛି, ସରକାରୀ ସାକ୍ଷୀ ହୁଅନ୍ତୁ। ଆପଣ ଏକ ଅପରାଧ କରିଛନ୍ତି। କିନ୍ତୁ ଆପଣ ଏହାର ମୁଖ୍ୟ ଅପରାଧୀ ନୁହନ୍ତି। ଆପଣ ଭୁଲ୍ କରିଛନ୍ତି, କିନ୍ତୁ ଏହା ପଛରେ ଥିବା ମୁଖ୍ୟ ବ୍ୟକ୍ତି ଆପଣ ନୁହନ୍ତି।' ତେବେ ଜ୍ଞାନେଶ କୁମାରଙ୍କଠାରୁ ମିଳିଥିବା ବାର୍ତ୍ତାର ବିଷୟବସ୍ତୁ କ'ଣ, ସେ ସମ୍ପର୍କରେ ରାହୁଲ କିଛି ସ୍ପଷ୍ଟ କରିନାହାନ୍ତି।।

- ଜ୍ଞାନେଶ ବି ତାଙ୍କୁ ମେସେଜ୍ ପଠାଉଛନ୍ତି
- ଆନ୍ଦୋଳନ ହେଉଛି ଶିବଙ୍କ ତାଣ୍ଡବ, ଏଥିପାଇଁ ଯୋଜନା ଦରକାର ନାହିଁ

ରାହୁଲ ଆହୁରି ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ସରକାର ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଓ ଶିଳ୍ପପତି ଗୌତମ ଆଦାନିଙ୍କ ଚାପରେ ଜ୍ଞାନେଶ କୁମାର କାର୍ଯ୍ୟ କରିଥିବା ସେ ଦାବି କରିଛନ୍ତି। ରାହୁଲ କହିଛନ୍ତି, ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା, ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ଆଣିବା ଓ ନ୍ୟାୟ ସୁନିଶ୍ଚିତ କରିବା ପର୍ଯ୍ୟନ୍ତ ବିରୋଧୀଙ୍କ ଆନ୍ଦୋଳନ ଜାରି ରହିବ। ସମ୍ବିଧାନର ସୁରକ୍ଷା ପାଇଁ ଲଢୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଦଳ ସମର୍ଥନ କରିବ ବୋଲି ସେ କହିଛନ୍ତି।

ଏହି ଆନ୍ଦୋଳନର ରଣନୀତି ସମ୍ପର୍କରେ ପ୍ରଶ୍ନର ଉତ୍ତର ଦେଇ ରାହୁଲ କହିଛନ୍ତି, ଏହା ଭଗବାନ ଶିବଙ୍କ ତାଣ୍ଡବ ନୃତ୍ୟ ପରି। ଏଥିପାଇଁ କୌଣସି ଯୋଜନାର ଆବଶ୍ୟକତା ନାହିଁ। ଯିଏ ଚାହିଁବେ, ଏହି ଆନ୍ଦୋଳନରେ ସାମିଲ ହୋଇପାରିବେ। ତାଙ୍କ ଲଢେଇ କେବଳ ରାସ୍ତା ପାଇଁ ନୁହେଁ। ଏହା ଭାରତୀୟଙ୍କ ମନ ଓ ହୃଦୟ ଜିତିବାର ଲଢେଇ। ଦେଶରେ ଯେଉଁ ପ୍ରକାର ପରିସ୍ଥିତି ସୃଷ୍ଟି ହେଉଛି, ତାହା ଭାରତ ପାଇଁ ବିପଜ୍ଜନକ ବୋଲି ସେ ଲୋକଙ୍କୁ ବୁଝାଇବାକୁ ଚାହୁଁଛନ୍ତି। ନିଜ ଭଉଣୀ ତଥା କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସହ ରଣନୀତି ନେଇ ହୋଇଥିବା ଆଲୋଚନାର ଉଦାହରଣ ଦେଇ ସେ କହିଥିଲେ, ପ୍ରିୟଙ୍କା ଏକ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। କିନ୍ତୁ ଏହା ଯୋଜନାବଦ୍ଧ ଆନ୍ଦୋଳନ ନୁହେଁ ବୋଲି ସେ ତାଙ୍କୁ ବୁଝାଇଥିଲେ।

## 'ଏବେ ସାରା ଦେଶ ପାଲଟିବ ଯନ୍ତରମନ୍ତର'



ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ ଏବେ ସାରା ଦେଶ ଯନ୍ତରମନ୍ତର ପାଲଟିବ ବୋଲି ସୋମବାର ଚେତାବନୀ ଦେଇଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ବିରୋଧ ପ୍ରଦର୍ଶନ ପାଇଁ ଯନ୍ତରମନ୍ତର ବଦଳରେ ୩ଟି ନୂତନ ସ୍ଥାନ ଚିହ୍ନଟ କରାଯାଇଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଠିତ ସମୀକ୍ଷା କମିଟିର ସୁପାରିଶ କ୍ରମେ ଯନ୍ତରମନ୍ତରକୁ ବିକ୍ଷୋଭ ସ୍ଥଳ ତାଲିକାରୁ ବାଦ୍ ଦିଆଯାଇଛି। ଏହାପରେ ଦୀପକେ ଅନ୍ଦୋଳନକୁ ଦେଶବ୍ୟାପୀ କରିବାକୁ ଚେତାବନୀ ଦେଇଛନ୍ତି। ଦୀପକେ କହିଛନ୍ତି ଯେ, ଶାସକ ଗୋଷ୍ଠୀ ଏକଛତ୍ରବାଦୀ ଶାସନ ଚଳାଇଛି। ସେମାନେ ବିରୋଧୀ ସ୍ୱରକୁ ଚପାଇବାକୁ ଚେଷ୍ଟା କରୁଛନ୍ତି। ସେହିପରି ସିଜେପି ନେତା ସୌରଭ ଦାସ ଏହାକୁ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦ ଅଧିକାର ଉପରେ ଆକ୍ରମଣ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟତମ ସିଜେପି ନେତା ଆଶୁତୋଷ ରାଙ୍କା ମାଉଣ୍ଟ ଏଭରେଷ୍ଟକୁ ବିକ୍ଷୋଭ ସ୍ଥଳ ଭାବେ ଘୋଷଣା କରାଯାଉ ବୋଲି କଟାକ୍ଷ କରିଛନ୍ତି।

ସେପଟେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ତାରିଖ ନିର୍ଦ୍ଧାରଣ କରିବାକୁ ସିଜେପିର କାର୍ଯ୍ୟକର୍ତ୍ତା ସୌରଭ ଦାସ ଦିଲ୍ଲୀ ପୁଲିସକୁ ୨୪ ଘଣ୍ଟାର ସମୟ ଦେଇଛନ୍ତି। ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ପହଞ୍ଚି ସୌରଭ କହିଛନ୍ତି ଯେ ବିକ୍ଷୋଭର ତାରିଖ ଓ ସମୟ ସ୍ଥିର କରିବାର ସମ୍ପୂର୍ଣ୍ଣ ସୁଯୋଗ ପୁଲିସକୁ ଦିଆଯାଇଛି। ଆମକୁ ବିକ୍ଷୋଭସ୍ଥଳ ନଦେବାରୁ ସମଗ୍ର ଦିଲ୍ଲୀ ସ୍ଥାଣୁ ହେଉଛି। ସେହିପରି ଆଶୁତୋଷ କହିଛନ୍ତି ଯେ ଯଦି ପୁଲିସ ନିର୍ଦ୍ଧାରିତ ସମୟମଧ୍ୟରେ ତାରିଖ ନଦିଏ, ତେବେ ଦଳ ୨୪ ଘଣ୍ଟା ମଧ୍ୟରେ ପରବର୍ତ୍ତୀ ଆହ୍ୱାନ ଦେବ। ଅନ୍ୟପକ୍ଷରେ, ନିର୍ବାଚନ ଆୟୋଗଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ 'ଚଲୋ ଦିଲ୍ଲୀ' ପ୍ରତିବାଦ ଶୋଭାଯାତ୍ରା ଚାଲିଥିବାରୁ କେନ୍ଦ୍ରୀୟ ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ବାରିକେଡ୍ ଲଗାଯିବା ସହ ସୁରକ୍ଷା ବାହିନୀ ମୁତୟନ କରାଯାଇଛି ଏବଂ କେତେକ ମେଟ୍ରୋ ଷ୍ଟେସନ ବନ୍ଦ ରଖାଯାଇଛି।

## ସଙ୍କଟରେ ମହାରାଷ୍ଟ୍ର: ୫୦ ବର୍ଷରେ ସବୁଠାରୁ ଭୟଙ୍କର ମରୁଡ଼ି ମାଡ଼

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ମହାରାଷ୍ଟ୍ରରେ ଭୟଙ୍କର ମରୁଡ଼ି ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ଚଳିତ ବର୍ଷର ଫଳ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହୋଇଛି। କୂଅ ଶୁଖିଯାଉଥିବାବେଳେ ଜଳସେଚନ ଖର୍ଚ୍ଚ ବଢ଼ିଛି। ପ୍ରାୟ ୫ ହଜାର ହେକ୍ଟର କମଳା ବଗିଚାରେ ଗଛ କଟାଯାଇଥିବା ରିପୋର୍ଟ ହୋଇଛି। ନାସିକ୍‌ର ଅଙ୍ଗୁର ଚାଷ ଅଞ୍ଚଳରେ ମଧ୍ୟ ଲତା ଶୁଖିବା ଆରମ୍ଭ କରିଛି।

ସେପ୍ଟେମ୍ବରରେ ମହାରାଷ୍ଟ୍ର ସରକାର ରାଜ୍ୟର ୩୫୮ଟି ତାଲୁକା ମଧ୍ୟରୁ ୨୬୫ଟିକୁ ମରୁଡ଼ି ପ୍ରଭାବିତ ଘୋଷଣା କରିଥିଲେ। ଏହା ରାଜ୍ୟର ପ୍ରାୟ ୭୪ ପ୍ରତିଶତ ଅଞ୍ଚଳ। ବର୍ଷାରେ ୧୮.୮ ପ୍ରତିଶତ ଅଭାବ ଓ ଦୀର୍ଘ ଶୁଷ୍କ ପାଗ ଯୋଗୁଁ ଫସଲ ନଷ୍ଟ ହୋଇଛି। ମରାଠୱାଡ଼ା ଓ ବିଦର୍ଭ ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି। ଅଙ୍ଗୁର, ଡାଳିମ୍ବ, କଦଳୀ ଓ ଆମ୍ବ ଚାଷୀ ଏବେ ଗଛ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ଚଳିତ ବର୍ଷର ଫଳ ଅମଳ ହରାଇବା ଅପେକ୍ଷା ଗଛ ମରିଯିବା ଚାଷୀଙ୍କ ପାଇଁ ବଡ଼ ଚିନ୍ତା। ନୂଆ ଗଛ ଲଗାଇବା ପରେ ଫଳ ମିଳିବାକୁ ଅନେକ ବର୍ଷ ଲାଗିବ। ମହାରାଷ୍ଟ୍ରର ଜାଲନା ଜିଲ୍ଲାର କଡ଼ଭଞ୍ଚି ଗାଁର ଚାଷୀ ସୁନୀଲ ଯୋଶୀ ଜଳାଭାବ ଯୋଗୁଁ ନିଜର ପାଞ୍ଚ ଏକର ଅଙ୍ଗୁର ବଗିଚା ମଧ୍ୟରୁ ଦୁଇ ଏକରର ଲତା ଉପାଡ଼ି ଦେଇଛନ୍ତି। ଗାଁର ପ୍ରାୟ ୧୪୦୦ ଏକର ଅଙ୍ଗୁର ଚାଷ ମଧ୍ୟ ମରୁଡ଼ି ବିପଦରେ ରହିଛି। ମହାରାଷ୍ଟ୍ର ଦେଶର ସର୍ବାଧିକ ଅଙ୍ଗୁର ଉତ୍ପାଦନକାରୀ ରାଜ୍ୟ। ୨୦୨୪-୨୫ରେ ଦେଶର ମୋଟ ଅଙ୍ଗୁର ଉତ୍ପାଦନର ୬୯ ପ୍ରତିଶତରୁ ଅଧିକ ଏହି ରାଜ୍ୟରୁ ଆସିଥିଲା। ନାସିକ୍, ସାଙ୍ଗଲି, ସୋଲାପୁର ଓ ପୁଣେ ଏହାର ପ୍ରମୁଖ ଅଙ୍ଗୁର ଉତ୍ପାଦନ ଅଞ୍ଚଳ। ମରୁଡ଼ି ଯୋଗୁଁ ଏହି ଶିଳ୍ପ ସହ ଜଡ଼ିତ ଚାଷୀ ଓ ବ୍ୟବସାୟୀଙ୍କ ଉପରେ ମଧ୍ୟ ଚାପ ବଢ଼ିଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଚଳିତ ବର୍ଷର ମରୁଡ଼ି ୧୯୭୨ର ଭୟଙ୍କର ମରୁଡ଼ିଠାରୁ ମଧ୍ୟ ଅଧିକ ହୋଇପାରେ ବୋଲି ଚେତାବନୀ ଦେଇଛନ୍ତି। ସରକାର ରଣ ପୁନର୍ଗଠନ, ଜମି ରାଜସ୍ୱ ଛାଡ଼ ଓ କୃଷି ଋଣ ଆଦାୟ ସ୍ଥଗିତ ରଖିବା ଭଳି ପଦକ୍ଷେପ ଘୋଷଣା କରିଛନ୍ତି। କିନ୍ତୁ ଚାଷୀଙ୍କ ମୁଖ୍ୟ ଦାବି ହେଉଛି ଜଳ ଯୋଗାଣ। କେତେକ ଚାଷୀ ଟ୍ୟାଙ୍କର ଓ ଜଳବାହୀ ଟ୍ରେନ୍ ମାଧ୍ୟମରେ ପାଣି ଯୋଗାଇବାକୁ ଦାବି କରିଛନ୍ତି। ଛତ୍ରପତି ସମ୍ଭାଜୀନଗର ଜିଲ୍ଲାର ଶାହାପୁର ଅଞ୍ଚଳର ଚାଷୀ ବଦ୍ରିନାଥ ଭାରତଙ୍କ କୂଅ ଶୁଖିଯାଇଛି। ଫଳରେ ସେ ପ୍ରତିଦିନ ଦୁଇଟି ଟ୍ୟାଙ୍କର ପାଣି ପାଇଁ ୩ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ତାଙ୍କର କପା ଓ ମକା ଫସଲ ନଷ୍ଟ ହୋଇସାରିଛି। ଏବେ ସେ ଅଦା ଚାଷ, ପରିବାର ଓ ୧୦ଟି ଗୋରୁଙ୍କ ପାଇଁ କିଣା ପାଣି ଉପରେ ନିର୍ଭର କରୁଛନ୍ତି। ମରୁଡ଼ିର ପ୍ରଭାବ କେବଳ ଗୋଟିଏ ଋତୁର ଫସଲରେ ସୀମିତ ନୁହେଁ। ଅଙ୍ଗୁର ଲତା କିମ୍ବା ଆମ୍ବ ଓ ଡାଳିମ୍ବ ଗଛ ମରିଗଲେ ଚାଷୀଙ୍କୁ ନୂଆ ବଗିଚା ପ୍ରସ୍ତୁତ କରିବାକୁ ପଡ଼ିବ। ଅଙ୍ଗୁର ଲତାରୁ ବ୍ୟବସାୟିକ ଭାବେ ଫଳ ମିଳିବାକୁ ପ୍ରାୟ ଚାରି ବର୍ଷ ଅପେକ୍ଷା କରିବାକୁ ପଡ଼ିପାରେ। ତେଣୁ ତୁରନ୍ତ ଜଳ ଯୋଗାଣ ଓ ସରକାରୀ ସହାୟତା ନମିଳିଲେ ଫଳ ଚାଷୀଙ୍କ କ୍ଷତି ଦୀର୍ଘକାଳୀନ ହେବାର ଆଶଙ୍କା ରହିଛି।

୫ ହଜାର ହେକ୍ଟର କମଳା ବଗିଚା ନଷ୍ଟ, ଶୁଖୁଛି ଅଙ୍ଗୁର ଲତା



THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

## ଦୁର୍ଗା ପୂଜାରେ ଶୁଖିଲା ପାଗ

**ଦଶହରା ପରେ କଅଁଳ ଶୀତ**

■ ଭୁବନେଶ୍ୱର,୧୨।୧୦(ସମିସ): ସୋମବାର ରାଜ୍ୟର ଆହୁରି କିଛି ଅଞ୍ଚଳରୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଥିବା ବେଳେ, ଆଗାମୀ ୨-୩ଦିନ ମଧ୍ୟରେ ଦେଶ ସମେତ ରାଜ୍ୟର ଅବଶିଷ୍ଟ ଅଞ୍ଚଳରୁ ମୌସୁମୀ ସମ୍ପୂର୍ଣ୍ଣ ବିଦାୟ ନେବାର ସମ୍ଭାବନା ରହିଛି। ଏହି ସମୟରେ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସମ୍ଭାବନା ଥିଲେ ହେଁ ଦୁର୍ଗା ପୂଜା ଓ ଦଶହରା ସମୟରେ ବର୍ଷା ଆଶଙ୍କା କ୍ରମଶଃ ହ୍ରାସ ପାଇଛି । ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଉଚ୍ଚତା ଅନୁସାରେ ପବନର ବେଗ ଓ ଦିଗର ପରିବର୍ତ୍ତନ ଏବଂ ଶୁଖିଲା ବାୟୁର ପ୍ରବେଶ ଯୋଗୁଁ ଏହା ଅଧିକ ଶକ୍ତିଶାଳୀ ହେବାରେ ବାଧା ସୃଷ୍ଟି ହୋଇପାରେ। ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ନେଇ ଏପର୍ଯ୍ୟନ୍ତ ସ୍ୱଷ୍ଟ ▶ପୃଷ୍ଠା-୭

♦VOLUME- 44 ♦ISSUE-110 ♦TUESDAY ♦13 OCTOBER 2026 ♦PAGE-12 ♦₹ 7.00
♦ବର୍ଷ-୪୪ ♦ସଂଖ୍ୟା-୧୧୦ ♦ମଙ୍ଗଳବାର ♦୧୩ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

**ଆଉ ୩ ସପ୍ତାହ ପରେ ମଣ୍ଡିରୁ ଧାନ କିଣା**

# କେଉଁଠି ରହିବ ଖରିଫ ଧାନ

■ ଗୋଦାମ୍‌ରେ ସ୍ଥାନାଭାବ: ମିଲ୍‌ରେ ଗଦା ହୋଇଛି ଚାଉଳ
■ ଏଫ୍‌ସିଆଇ ଉଠାଇଛି ମାତ୍ର ୮.୪ ଲକ୍ଷ ଟନ୍
■ ମନ୍ତ୍ରୀଙ୍କ ବିନତିକୁ ବି ଶୁଣିଲାନି ଏଫ୍‌ସିଆଇ



■ ଭୁବନେଶ୍ୱର,୧୨।୧୦(ସମିସ): ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ୨୦୨୬-୨୭ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ଆରମ୍ଭ ହୋଇଯିବ। ନୂଆ ଖରିଫ୍ ଋତୁ ପାଇଁ ଧାନ କିଣିବାକୁ ହାତରେ ଆଉ ମାତ୍ର ୨୦ ଦିନ ରହିଥିବା ବେଳେ ୨୦୨୫-୨୬ରେ ସଂଗୃହୀତ ଧାନରୁ ପ୍ରସ୍ତୁତ ଚାଉଳକୁ ସରକାର ଏବେ ପର୍ଯ୍ୟନ୍ତ ଉଠାଇବାରେ ବିଫଳ ହୋଇଛନ୍ତି। ଏହି ଚାଉଳ ଏବେ ବି ମିଲ୍‌ଗୁଡ଼ିକରେ ଗଚ୍ଛିତ ରହିବା ସହ ସାରା ରାଜ୍ୟରେ ମିଲରମାନଙ୍କ ଗୋଦାମ ଏକ ପ୍ରକାର ପୂର୍ଣ୍ଣ ଅବସ୍ଥାରେ ଅଛି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଆବଶ୍ୟକ ମାତ୍ରାରେ ଚାଉଳ ଉଠାଉ ନ ଥିବାରୁ ଆଗକୁ ସରକାର କିପରି ଚାଷୀଙ୍କଠାରୁ ନୂଆ ଧାନ ସଂଗ୍ରହ କରିବେ ଓ ମିଲର୍ସମାନେ ନୂଆ ଧାନ ନେଇ କେଉଁଠାରେ ରଖିବେ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୨୫-୨୬ ବିପଣନ ଋତୁରେ ଓଡ଼ିଶାରେ ରେକର୍ଡ ୯୭.୯୪ ଲକ୍ଷ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ଏଥିମଧ୍ୟରୁ ଖରିଫ୍ ଋତୁରେ ୭୭.୪୮ ଲକ୍ଷ ଟନ୍ ଏବଂ ରବି ଋତୁରେ ୨୦.୪୬ ଲକ୍ଷ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏହି ଧାନରୁ ପ୍ରସ୍ତୁତ ଚାଉଳକୁ ଏଫ୍‌ସିଆଇ ଉଠାଇବାରେ ବିଳମ୍ବ କରୁଥିବାରୁ ମିଲ୍‌ଗୁଡ଼ିକରେ ଚାଉଳ ଗଚ୍ଛିତ ହୋଇ ରହିଛି। ବିଭାଗୀୟ ସୂତ୍ର ଅନୁସାରେ, ପଞ୍ଜୀକୃତ ରାଇସ୍ ମିଲର୍ସମାନେ ୨୭ ଲକ୍ଷ ଟନ୍‌ରୁ ଅଧିକ କଷ୍ଟମ୍ ମିଲ୍ଡ ରାଇସ୍ (ସିଏମ୍‌ଆର୍) ଯୋଗାଇ ସାରିଛନ୍ତି। ଏଥିମଧ୍ୟରୁ ପ୍ରାୟ ୧୯ ଲକ୍ଷ ଟନ୍ ଚାଉଳ ରାଜ୍ୟ ପୁଲ୍‌ରେ ରହିଛି। ଏହି ସମୟ ମଧ୍ୟରେ ଏଫ୍‌ସିଆଇ ମାତ୍ର ୮.୪ ଲକ୍ଷ ଟନ୍ ଚାଉଳ ଉଠାଇଛି। ଫଳରେ ମିଲର୍ସମାନଙ୍କ ପାଖରେ ଆହୁରି ୨୫.୪୦ ଲକ୍ଷ ଟନ୍ ଚାଉଳ ପଡ଼ି ରହିଛି। ମିଲ୍‌ଗୁଡ଼ିକରେ ଉପଲବ୍ଧ ସ୍ଥାନଠାରୁ ଅଧିକ ଚାଉଳ ଗଚ୍ଛିତ ରହିଥିବାରୁ ମିଲର୍ସମାନେ ରାଜ୍ୟ ସରକାରଙ୍କୁ ଏଫ୍‌ସିଆଇ ଉପରେ ଚାଉଳ ଉଠାଣ ପାଇଁ ବାରମ୍ବାର ଚାପ ପକାଉଛନ୍ତି। ନିର୍ଦ୍ଧାରିତ ସମୟରେ ଗୋଦାମ ଖାଲି ନ ହେଲେ ନୂଆ ଧାନ ରଖିବା ଓ ମିଲିଂ କାର୍ଯ୍ୟ ପରିଚାଳନା କରିବା କଷ୍ଟକର ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ଦୀର୍ଘ ଦିନ ହେବ ଏହି ସମସ୍ୟା ଲାଗି ରହିବା କାରଣ ଗତ କିଛି ମାସ ତଳେ ଖୋଦ୍ ଯୋଗାଣ ମନ୍ତ୍ରୀ ଭରା ସଭାରେ ନିଜର ଅସହାୟତା ପ୍ରକଟ କରିଥିଲେ। ଏଫ୍‌ସିଆଇ ଚାଉଳ ଉଠାଉ ନ ଥିବାରୁ ସେ କେତେ ଚାପରେ ଅଛନ୍ତି, ତାହା କହିଥିଲେ। ହେଲେ ଏହା ପରେ ମଧ୍ୟ ନା ଏଫ୍‌ସିଆଇ ଚାଉଳ ଉଠାଇଲା, ନା ମନ୍ତ୍ରୀଙ୍କ ମନ୍ତବ୍ୟର ମର୍ଯ୍ୟାଦା ରହିଲା।

ମିଳିଥିବା ସୂଚନା ଅନୁଯାୟୀ ଏଫ୍‌ସିଆଇ ନିକଟରେ ଏବେ ପର୍ଯ୍ୟାପ୍ତ ପରିମାଣର ଚାଉଳ ମହଜୁଦ ରହିଛି। ବିଭିନ୍ନ ରାଜ୍ୟରୁ ଚାଉଳର ଚାହିଦା କମ୍ ରହିଥିବାରୁ ଓଡ଼ିଶାରୁ ଚାଉଳ ଉଠାଣ ଧିମା ହୋଇଛି। ରାଜ୍ୟ ସରକାର ଏହି ସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଏଫ୍‌ସିଆଇ ସହ ବାରମ୍ବାର ଆଲୋଚନା ପରେ ମଧ୍ୟ ଏହା ବିଫଳ ହେଉଛି। ଏଥିସହ ଓଡ଼ିଶାରେ ମୁଖ୍ୟତଃ ଉଷୁନା ଚାଉଳ ଉତ୍ପାଦନ ହେଉଥିବାରୁ ରାଜ୍ୟ ବାହାରେ ଏହାର ଚାହିଦା ସୀମିତ ରହିବା ମଧ୍ୟ ଚାଉଳ ଉଠାଣରେ ସମସ୍ୟା ସୃଷ୍ଟି କରୁଛି। ୨୦୨୫-୨୬ ଖରିଫ ଋତୁରେ ଓଡ଼ିଶାରୁ ୨୨ ଲକ୍ଷ ଟନ୍ ଉଷୁନା ଚାଉଳ ଉଠାଇବା ପାଇଁ ଏଫ୍‌ସିଆଇ ଲକ୍ଷ୍ୟ ରଖିଥିଲା। କିନ୍ତୁ ସେପ୍ଟେମ୍ବର ୧୭ ସୁଦ୍ଧା ଏଫ୍‌ସିଆଇ ୬.୨୩ ଲକ୍ଷ ଟନ୍ ଉଷୁନା ଚାଉଳ ଏବଂ ୧.୮୯ ଲକ୍ଷ ଟନ୍ ଅରୁଆ ଚାଉଳ ଉଠାଇଥିଲା। ଉଭୟକୁ ମିଶାଇ ମୋଟ ଉଠାଣ ପରିମାଣ ୮.୧୨ ଲକ୍ଷ ଟନ୍ ହୋଇଛି। ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ମିଲ୍‌ଗୁଡ଼ିକରେ ଖାଲି ସ୍ଥାନ ସୃଷ୍ଟି କରିବା ଏବେ ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଚାଉଳ ଉଠାଣରେ ଆହୁରି ବିଳମ୍ବ ହେଲେ ମଣ୍ଡିରୁ ମିଲ୍‌କୁ ନୂଆ ଧାନ ପରିବହନ ଓ ସଂରକ୍ଷଣରେ ସମସ୍ୟା ଉପୁଜିବାର ଆଶଙ୍କା ସୃଷ୍ଟି ହୋଇଛି।

# ବିଶ୍ୱସନୀୟ ଭୋଟର ତାଲିକା ସୁନିଶ୍ଚିତ ଜରୁରୀ: ମୁଖ୍ୟମନ୍ତ୍ରୀ

■ଭୁବନେଶ୍ୱର,୧୨।୧୦(ସମିସ): ଦେଶବ୍ୟାପୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ନେଇ ବ୍ୟାପକ ଆନ୍ଦୋଳନ, ବିକ୍ଷୋଭ ଚାଲିଥିବା ବେଳେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା କିମ୍ବା ବରଖାସ୍ତ ଦାବିରେ ବିରୋଧୀ ଦଳ ଅଟଳ ରହିଛନ୍ତି। ଏହି ସମୟରେ ଏସଆଇଆର ସମର୍ଥନରେ ପୁଣିଥରେ ବାହାରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୋଟର ତାଲିକାରେ ଯେପରି କେବଳ ଯୋଗ୍ୟ ଭୋଟରଙ୍କ ନାମ ସଠିକ୍ ଭାବେ ରହିବ, ତାହା ସୁନିଶ୍ଚିତ କରିବାରେ ଏସଆଇଆର ପ୍ରକ୍ରିୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଣତନ୍ତ୍ରର ବିଶ୍ୱସନୀୟତା ମୁକ୍ତ ଓ ଅବାଧ ନିର୍ବାଚନ ସହିତ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଉପରେ ନିର୍ଭର କରେ। ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ଏହି ବିଶ୍ୱାସର ମୂଳ ଆଧାର। ଏକାଧିକ ଥର ନାମ ରହିବା, ପୁରୁଣା ତଥ୍ୟ ଅଦ୍ୟାବଧି ରହିଯିବା ଏବଂ ମୃତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ରହିବା ଏହାର ନିର୍ଭୁଲତାକୁ ପ୍ରଭାବିତ କରିପାରେ। ତେଣୁ ବିଶ୍ୱସନୀୟ ଭୋଟର ତାଲିକା ସୁନିଶ୍ଚିତ କରିବା କେବଳ ଏକ ପ୍ରଶାସନିକ ଆବଶ୍ୟକତା ନୁହେଁ; ଏହା ନିର୍ବାଚନୀ ବ୍ୟବସ୍ଥାର ସ୍ୱଚ୍ଛତା ଓ ଅଖଣ୍ଡତାକୁ ସୁରକ୍ଷିତ କରିବା ସହ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ଅତ୍ୟନ୍ତ ଜରୁରୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭୋଟର ତାଲିକାରେ ଯେପରି କେବଳ ଯୋଗ୍ୟ ଭୋଟରଙ୍କ ନାମ ସଠିକ୍ ଭାବେ ରହିବ, ତାହା ସୁନିଶ୍ଚିତ କରିବାରେ ଏସଆଇଆର ପ୍ରକ୍ରିୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ▶ପୃଷ୍ଠା-୭

**ଭୋଟର ତାଲିକାରେ ଯୋଗ୍ୟ ଭୋଟରଙ୍କ ନାମ ସଠିକ୍ ଭାବରେ ରହିବା ପାଇଁ ଏସଆଇଆର ଗୁରୁତ୍ୱପୂର୍ଣ୍ଣ**

## ଓଲଟ ପାଲଟ



ଅଣାଅଶି ବର୍ଷ ସ୍ୱାଧୀନତା ପରେ
ପରାଧୀନତାର ଛାଟ,
ଓଡିଶା ରାଇଜ ମାଳ ଅଞ୍ଚଳରେ
ବସୁଛି କଙ୍ଗାରୁ କୋର୍ଟ ।
ଖୁଣ୍ଟରେ ବାନ୍ଧିଣ ପିଟ
ନିଆଁ-ପାଣି ସବୁ ବାସନ୍ଦ ହୁଅଇ
ନାତ ଖାଉଥାଏ ପେଟ,
ପୁଲିସ ଓ ପ୍ରଶାସନକୁ ଅଡୁଆ
ଆଗରେ ଧର୍ମ ସଙ୍କଟ ।

- ଯାଯାବର

# ବିସିଜେଡି ସଭାପତି ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

■ଖୋର୍ଦ୍ଧା,୧୨।୧୦(ସମିସ): ଛାତ୍ରସଂସଦ ନିର୍ବାଚନକୁ ନେଇ ଖୋର୍ଦ୍ଧା ଜିଲ୍ଲାରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ନିରାକାରପୁର କେ.ବି. ଡି.ଏ.ଭି କଲେଜର ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ସଭାପତି ପ୍ରାର୍ଥୀ ବିଷ୍ଣୁଚରଣ ସେନାପତିଙ୍କୁ ଆକ୍ରମଣ ହୋଇଛି। ଟାଙ୍ଗୀ ବ୍ଲକ ଜଙ୍କିଆ ଥାନା ଅନ୍ତର୍ଗତ ନିରାକାରପୁର ଅଞ୍ଚଳର ରତାମାଟି ନାଲସିଂହ ଗ୍ରାମରେ ଆଜି ଅପରାହ୍ନରେ ନିର୍ବାଚନୀ ପ୍ରଚାର କରୁଥିବା ସମୟରେ ଏହି ଘଟଣା ଘଟିଛି। ଆକ୍ରମଣରେ ଗୁରୁତର ଆହତ ବିଷ୍ଣୁଚରଣଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା କରାଯାଇ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଜିଲ୍ଲା ରାଜନୀତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ନିରାକାରପୁର କେ.ବି. ଡି.ଏ.ଭି କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ବିସିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ ବିଷ୍ଣୁଚରଣ ସେନାପତି ରତାମାଟି ନାଲସିଂହ ଗ୍ରାମରେ ଅପରାହ୍ନରେ ନିର୍ବାଚନୀ ପ୍ରଚାର କରୁଥିଲେ। ଏହି ସମୟରେ ଏକ ଘର ନିକଟରୁ କିଛି ଯୁବକ ତାଙ୍କୁ ଟାଣି ନେଇ ଆକ୍ରମଣ କରିଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆକ୍ରମଣରେ ବିଷ୍ଣୁଚରଣ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ସହକର୍ମୀ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ବିଷ୍ଣୁଚରଣଙ୍କ ଆଖି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ବିସିଜେଡି ପକ୍ଷରୁ ଏହି ଆକ୍ରମଣ ପଛରେ ଶାସକ ଦଳ ସମର୍ଥିତ କର୍ମୀଙ୍କ ହାତ ଥିବା ଅଭିଯୋଗ କରାଯାଇଛି।



■ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର
■ ଆକ୍ରମଣ ଘଟଣାକୁ ବିଜେଡିର ନିନ୍ଦା

ଘଟଣାକୁ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ତୀବ୍ର ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଛାତ୍ର ସଂସଦ ନିର୍ବାଚନରେ ହିଂସାର କୌଣସି ସ୍ଥାନ ନାହିଁ। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ▶ପୃଷ୍ଠା-୭

# ସୌଦାନଙ୍କ ସ୍କାନରରେ ୧୦ ମନ୍ତ୍ରୀ!

■ ଭୁବନେଶ୍ୱର, ୧୨।୧୦ (ସମିସ): କ୍ଷମତା ଦଖଲ କରିବା ପରେ ଓଡ଼ିଶାରେ ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖିବା ବିଜେପି ପାଇଁ ସୃଷ୍ଟି କରିଛି ବଡ଼ ଆହ୍ୱାନ। ଅନେକ ଦଳୀୟ ନେତାଙ୍କ ଉଶୃଙ୍ଖଳତା, କିଛି ମନ୍ତ୍ରୀଙ୍କ ନକରାତ୍ମକ କାର୍ଯ୍ୟଶୈଳୀ, ଗୋଷ୍ଠୀକନ୍ଦଳ ଓ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକର କାର୍ଯ୍ୟାନ୍ୱୟନରେ ବାଧା ରାଜ୍ୟରେ ବିଜେପି ବିରୋଧରେ ଅସନ୍ତୋଷକୁ କ୍ରମଶଃ ତୀବ୍ର କରିଛି। ଏହି ସମୟରେ ଉତ୍ତରପ୍ରଦେଶ, ବିହାର, ଛତିଶଗଡ଼ ଆଦି ରାଜ୍ୟରେ ସଙ୍ଗଠନାତ୍ମକ କାର୍ଯ୍ୟ ସମ୍ଭାଳିଥିବା ଦଳର ବରିଷ୍ଠ ନେତା ତଥା ସହ ସଙ୍ଗଠନ ମହାମନ୍ତ୍ରୀଙ୍କୁ ଓଡ଼ିଶା ଦାୟିତ୍ୱ ପ୍ରଦାନ ଓ ସେ ତତ୍‌କ୍ଷଣାତ୍ ଓଡ଼ିଶାରେ ପହଞ୍ଚିବାକୁ ନେଇ ରାଜ୍ୟ ବିଜେପି ସୃଷ୍ଟି କରିଛି କମ୍ପନ। ଶ୍ରୀ ସିଂହଙ୍କୁ ବଙ୍ଗଳା, ବିହାର, ଝାରଖଣ୍ଡ ସହ ଓଡ଼ିଶା ଆଦି ରାଜ୍ୟକୁ ନେଇ ଗଠିତ କ୍ଷେତ୍ରୀୟ ସଂଗଠନର ଦାୟିତ୍ୱ ଦିଆଯାଇଥିଲେ ହେଁ ସେ ଓଡ଼ିଶାକୁ ତାଙ୍କର ମୁଖ୍ୟାଳୟ କରିବେ ବୋଲି ସୂଚନା ମିଳିଛି। ଏହି ସମୟରେ ସେ ସଙ୍ଗଠନ ଓ ସରକାର ମଧ୍ୟରେ ରହିଥିବା ଦୂରତ୍ୱକୁ ଦୂର କରିବା ଦିଗରେ ପଦକ୍ଷେପ ନେବେ ଓ ବିଶେଷ ଭାବରେ ବିବାଦୀୟ ହୋଇଥିବା ମୋହନ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟଗୁଡ଼ିକୁ ବିଶ୍ଳେଷଣ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ଶ୍ରୀ ସିଂହଙ୍କ ଏହି ଗସ୍ତ ଓ ସାଙ୍ଗଠନିକ ସମୀକ୍ଷାକୁ ଆଗାମୀ ଦିନରେ ରାଜ୍ୟରେ ମନ୍ତ୍ରିମଣ୍ଡଳ ପରିବର୍ତ୍ତନର ସଙ୍କେତ ବୋଲି ମନେ କରାଯାଇପାରେ ବୋଲି କିଛି ରାଜନୈତିକ ବିଶାରଦ ମନେ କରୁଛନ୍ତି ।

■ ଦଳରେ ଅସନ୍ତୋଷ ବଢ଼ାଇଛି ୨ ଉପମୁଖ୍ୟମନ୍ତ୍ରୀଙ୍କ ବିଭାଗର କାର୍ଯ୍ୟ
■ ୫ କ୍ୟାବିନେଟ୍ ଓ ୩ ରାଷ୍ଟ୍ରମନ୍ତ୍ରୀଙ୍କ କାର୍ଯ୍ୟକୁ ନେଇ ସଙ୍ଗଠନ ଅସୁଖୀ

ଗତକାଲି ଭୁବନେଶ୍ୱରରେ ଶ୍ରୀ ସିଂହ ରାଜ୍ୟ ବିଜେପି ସଭାପତି, ସଙ୍ଗଠନ ମହାମନ୍ତ୍ରୀମାନଙ୍କ ସହ ଦୀର୍ଘ ସମୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଜି ରାଜ୍ୟ କାର୍ଯ୍ୟାଳୟରେ ସେ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କ ଶୀର୍ଷ ପଦରେ ଥିବା ଦଳୀୟ ନେତାମାନଙ୍କ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି। ଆଲୋଚନାର ବିଷୟବସ୍ତୁ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନ ଥିଲେ ହେଁ ଗତ କିଛିଦିନର ଘଟଣାକ୍ରମ ସହ ଆଜି ଶ୍ରୀ ସିଂହଙ୍କ ବୈଠକ ଅନେକ ଗୁରୁତ୍ୱ ବହନ କରିଛି । ରାଜ୍ୟର ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ବିଭାଗଗୁଡ଼ିକ ସହ କାର୍ଯ୍ୟ; ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ, ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ଦିଗରେ ଦୁଇ ମନ୍ତ୍ରୀଙ୍କ ବିଭାଗର ତତ୍ପରତା ଆଲୋଚନା ହୋଇଥିବା କୁହାଯାଉଛି । ସେହିପରି ମୋହନ ସରକାରଙ୍କ ପାଞ୍ଚ କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୃଷ୍ଣଚନ୍ଦ୍ର ପାତ୍ର, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ବିଭୂତି ଭୂଷଣ ଜେନା ଓ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସୂରଜ ସୂର୍ଯ୍ୟବଂଶୀ, ପ୍ରଦୀପ ବଳ ସାମନ୍ତଙ୍କ ସମ୍ପର୍କରେ ମଧ୍ୟ ଶ୍ରୀ ସିଂହ ନିର୍ଦ୍ଦିଷ୍ଟ ତଥ୍ୟ ଲୋଡ଼ିଛନ୍ତି । ଏହି ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକ ନିର୍ବାଚନ ପ୍ରତିଶ୍ରୁତି ପୂରଣରେ ସମୟବଦ୍ଧତା ପ୍ରଦର୍ଶନ କରୁ ନଥିବା ଯୋଗୁଁ ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ବଢୁଛି ଓ ବିରୋଧୀଙ୍କୁ ସକ୍ରିୟ ହେବା ଲାଗି ▶ପୃଷ୍ଠା-୭



# ଭିଜିଲାନ୍ସ ଜାଲରେ ଶିକ୍ଷା ଅଧିକାରୀ

**୩ କୋଠା, ୧୯ ଫ୍ଲାଟ୍ ସହ ୭୪୦ ଗ୍ରାମ ସୁନା ଠାବ**

■ ଭୁବନେଶ୍ୱର/ବ୍ରହ୍ମପୁର, ୧୨।୧୦ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ଜିଲ୍ଲା ଧର୍ମଶାଳାର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଜୟଦେବ ଜେନାଙ୍କ ବିଭିନ୍ନ ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଛି। ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ ବେଳେ ୩ଟି ବହୁତଳ କୋଠା, ୧୯ଟି ଫ୍ଲାଟ୍, ପ୍ରାୟ ୭୪୦ ଗ୍ରାମ ସୁନା, ୪୦ ଲକ୍ଷ ଟଙ୍କାର ଜମାରାଶି, ଗୋଟିଏ ଚାରିଚକିଆ ଓ ୨ଟି ଦୁଇଚକିଆ ଗାଡ଼ି ଠାବ ହୋଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଭୁବନେଶ୍ୱର ପାତ୍ରପଡ଼ାରେ ପ୍ରାୟ ୪୩୦୦ ବର୍ଗଫୁଟ୍‌ର ତିନିମହଲା କୋଠା, ଗଞ୍ଜାମ ଜିଲ୍ଲା ପି. ନୂଆଗାଁରେ ୩୮୫୦ ବର୍ଗଫୁଟ୍‌ର ଦୁଇମହଲା କୋଠା ଓ ସେହି ଅଞ୍ଚଳରେ ଆଉ ଏକ ୭୧୦୦ ବର୍ଗଫୁଟ୍‌ର କୋଠା ଠାବ ହୋଇଛି। ଏହାସହ ଭୁବନେଶ୍ୱର, ଖଲ୍ଲିକୋଟ ଓ କୋଦଳାରେ ମୋଟ ୧୯ଟି ଫ୍ଲାଟ୍ ଥିବା ଜଣାପଡ଼ିଛି। ସମ୍ପତ୍ତିଗୁଡ଼ିକର ମୂଲ୍ୟ ଆକଳନ ଜାରି ରହିଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ▶ପୃଷ୍ଠା-୭






**ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁର ମହାନଗର ନିଗମ ପାଇଁ ବିଜ୍ଞପ୍ତି ଜାରି**

# ୱାର୍ଡ ପୁନର୍ଗଠନ ଓ ଆରକ୍ଷଣ ଅବଧି ବୃଦ୍ଧି

■ ଭୁବନେଶ୍ୱର/ବ୍ରହ୍ମପୁର,୧୨।୧୦(ସମିସ): ନିକଟ ଭବିଷ୍ୟତରେ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ତେବେ ଉଭୟ ନିର୍ବାଚନ ପୂର୍ବରୁ ସୀମା ନିର୍ଦ୍ଧାରଣ ସହିତ ଆରକ୍ଷଣ ବ୍ୟବସ୍ଥା କରିବା ଜରୁରୀ। ଏହାହେଲେ ସହରାଞ୍ଚଳ ପାର୍ଶ୍ୱବର୍ତ୍ତି କିଛି ପଞ୍ଚାୟତ ଅଞ୍ଚଳ ପୌରାଞ୍ଚଳ ଅଥବା ନିଗମରେ ମିଶ୍ରଣ ହୋଇପାରିବ। ଯାହା ପ୍ରଥମେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ କରାଯିବ। ତେବେ ଏଥିପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବରୁ ଜାରି ହୋଇଥିବା ବିଜ୍ଞପ୍ତିରେ ସାମାନ୍ୟ ପରିବର୍ତ୍ତନ ହୋଇଥିବା ଜଣାପଡିଛି। ପରିବର୍ତ୍ତନ ପ୍ରକାରେ ପ୍ରାୟ ଏକମାସ କାଳ ଅବଧି ବୃଦ୍ଧି ହୋଇଥିବା ଜଣାପଡିଛି। ଏଭଳି ବିଜ୍ଞପ୍ତି ଖାସ କରି ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁର ମହାନଗର ନିଗମ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଗତ ସେପ୍ଟେମ୍ବର ୨୩ରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଚିଠି ନମ୍ବର ୨୭୦୬୧ରେ ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ଜାରି ହୋଇଥିଲା। ଯେଉଁଥିରେ ମହାନଗର ନିର୍ବାଚନ ପୂର୍ବରୁ ସହରର ୱାର୍ଡ ପୁନଃନିର୍ଦ୍ଧାରଣ ଓ ଆରକ୍ଷଣକୁ ନେଇ ନିର୍ଦ୍ଦେଶ ରହିଥିଲା। ସେଥିରେ ଅକ୍ଟୋବର ୮ତାରିଖ ସୁଦ୍ଧା ୱାର୍ଡ ପୁନର୍ଗଠନ ଓ ଆସନ ଆରକ୍ଷଣ ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ ଶେଷ ତାରିଖ ଥିଲା। ଏବଂ ଆପତ୍ତି ଓ ଅଭିଯୋଗ ପାଇଁ ଶେଷ ତାରିଖ ଅକ୍ଟୋବର ୨୨ତାରିଖ ଥିଲା। ସେହିଭଳି ଆପତ୍ତି ଗ୍ରହଣର ଶେଷ ତାରିଖ ସହ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଉପରେ ୩୧ତାରିଖ ଶେଷ ଦିନ ଧାର୍ଯ୍ୟ କରାଯାଇଥିଲା। ଏହାକୁ ନେଇ ଉପରୋକ୍ତ ସମସ୍ତ ମହାନଗର ନିଗମରେ ଯୁଦ୍ଧକାଳୀନ ସ୍ଥିତିରେ ପ୍ରସ୍ତୁତି କରାଯାଇଥିଲେ ହେଁ ବ୍ରହ୍ମପୁର ମହାନଗର ନିଗମରେ କାର୍ଯ୍ୟ ୯ତାରିଖ ସୁଦ୍ଧା ▶ପୃଷ୍ଠା-୭

■ ନିଗମରୁ ସମସ୍ତ ତଥ୍ୟ ପ୍ରଦାନ ନିମନ୍ତେ ଥିବା ଅବଧି ଅକ୍ଟୋବର ୮ରୁ ନଭେମ୍ବର ୯କୁ ଘୁଞ୍ଚିଲା
■ ବିଏମସିରେ ୱାର୍ଡ ସଂଖ୍ୟା ୪୨ରୁ ୪୯କୁ ବୃଦ୍ଧି ପାଇବା ସମ୍ଭାବନା ଅଧିକ




### ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

# ପୂଜା ଓ ଭସାଣିରେ ଆତସବାଜିକୁ ବାରଣ

ଅନୁଗୋଳ,୧୨ ।୧୦(ସମିସ):



ଅନୁଗୋଳ ସହରରେ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ଉତ୍ସବକୁ ବ୍ୟବସ୍ଥିତ ଓ ଶାନ୍ତି ଶୃଙ୍ଖଳାସହ ପାଳନ ନିମନ୍ତେ ସୋମବାର ଅପରାହ୍ନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ପୂଜାକୁ ବ୍ୟବସ୍ଥିତ ଓ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନୁଗୋଳ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବବର୍ଷର ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ଅନୁଗୋଳ ସହରରେ ଦୁର୍ଗାପୂଜାରେ ମା'ଙ୍କ ୧୦ଟି ମେଢ଼ ଓ ଲକ୍ଷ୍ମୀପୂଜାରେ ୨୯ଟି ମେଢ଼ କରାଯିବ । ଆସନ୍ତା ୧୭ ତାରିଖରୁ ଦୁର୍ଗାପୂଜା ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୨ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ସେହିପରି ଅକ୍ଟୋବର ୨୫ରୁ ଲକ୍ଷ୍ମୀପୂଜା ଆରମ୍ଭ ହୋଇ ନଭେମ୍ବର ୩ ପର୍ଯ୍ୟନ୍ତ ଚାଲିବ । ୪ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ପୂଜା ଓ ଭସାଣିରେ ଆତସବାଜିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ବଳପୂର୍ବକ ଚାନ୍ଦା ଆଦାୟ ନ କରିବାକୁ ପରାମର୍ଶ ଦିଆଯାଇଛି । ଏପରି ଅଭିଯୋଗ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି ।

ସମସ୍ତ ପୂଜା କମିଟି ଦ୍ୱାରା ନିର୍ମିତ ତୋରଣଗୁଡ଼ିକ ଭୂମିଠାରୁ ଅନ୍ୟୂନ ୧୮ ଫୁଟ ଉଚ୍ଚରେ ରହିବ । ଆଲୋକମାଳାଗୁଡ଼ିକୁ ୧୬ ଫୁଟ ଉଚ୍ଚତାରେ ଲଗାଇବେ । ପୂଜା ସମୟରେ ଡାକବାଜି ଯନ୍ତ୍ରର ଉଚ୍ଚ ଶବ୍ଦ ବ୍ୟବହାରକୁ ବାରଣ କରାଯାଇଛି । ଏହାର ତଦାରଖ ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି । ପୂଜା ସମୟରେ ମେଲୋଡି ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ରାତ୍ର ୧୧ ଘଟିକା ସୁଦ୍ଧା ସମାପନ କରିବାକୁ ପଡ଼ିବ । ହେମସୁରପଡ଼ା ଦୁର୍ଗାପୂଜା କମିଟି ଦ୍ୱାରା ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି । ପୂଜା କମିଟିଗୁଡ଼ିକ ମଣ୍ଡପରେ ଅଗ୍ନି ନିର୍ବାପକ ସରଞ୍ଜାମ ରଖିବା ସହିତ ସିସିଟିଭି ଲଗାଇବାକୁ ସ୍ଥିର ହୋଇଛି । ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ସଞ୍ଜୟ ନାୟକ, ସେଣ୍ଟ୍ରାଲ ପୂଜା କମିଟି ସଭାପତି, ସମ୍ପାଦକଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ ।

### ବଳପୂର୍ବକ ଚାନ୍ଦା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ

## ରେଳଧାରଣାରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ତାଳଚେର,୧୨ ।୧୦(ସମିସ): ତାଳଚେର ବ୍ଲକ ଘଣ୍ଟପଡ଼ା ଓଭରବ୍ରିଜ ରେଳଧାରଣାରୁ ସୋମବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଟ୍ରେନରେ କଟି ପେଟଠାରୁ ତାଙ୍କ ଶରୀର ଅଲଗା ହୋଇଯାଇଛି । ପିନ୍ଧିଥିବା ପୋଷାକରୁ ସେ ଜଣେ ଖଣି କର୍ମଚାରୀ ବୋଲି ଅନୁମାନ କରାଯାଉଛି । ତେବେ ଏହା ଦୁର୍ଘଟଣା, ଆତ୍ମହତ୍ୟା ନା ହତ୍ୟା କରି ରେଳ ଧାରଣାରେ ପକାଇ ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି ।

## ବାମୁର ରେଳ ଷ୍ଟେସନର ଅବ୍ୟବସ୍ଥା ନେଇ ସାଂସଦଙ୍କୁ ଅଭିଯୋଗ




କିଶୋରନଗର,୧୨ ।୧୦(ସମିସ): ଅନେକ ଲୋକଙ୍କ ଦାବି, ଆନ୍ଦୋଳନ, ଅଭିଯୋଗ ପରେ କିଶୋରନଗର ବ୍ଲକଠାରୁ ୬ କିଲୋମିଟର ଦୂରରେ ଥିବା ବାମୁର ରେଳ ଷ୍ଟେସନରେ ଦ୍ରୁତଗାମୀ ଟ୍ରେନ ରହଣି ସ୍ଥଳ ହୋଇପାରିଲା । ବାମୁରରେ ବଲାଙ୍ଗିର ଓ ସମ୍ବଲପୁର ଇଣ୍ଟରସିଟି ରହଣି କରୁଥିବାରୁ କିଛିକାଂଶରେ ଲୋକଙ୍କ ସୁବିଧା ହେଲା । କିନ୍ତୁ କୋରାପୁଟ-ପୁରୀ, ରାଉରକେଲା ଇଣ୍ଟରସିଟି ଏପର୍ଯ୍ୟନ୍ତ ବାମୁରଠାରେ ଅଟକିଲା ନାହିଁ କିମ୍ବା ଅନୁଗୋଳ ଯାଏଁ ଆସୁଥିବା ମେମୋ ଟ୍ରେନ ବାମୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହେଲା ନାହିଁ । ଏହାକୁ ହୃଦୟଙ୍ଗମ କରି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହାର ଅନୁମତି ନିମନ୍ତେ ପଦକ୍ଷେପ ନେବାକୁ କିଶୋରନଗର ଧଉରାପାଲି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସଞ୍ଜୟ ପ୍ରଧାନ ଅନୁରୋଧ କରିଛନ୍ତି । ଏହାସହ ସନ୍ଧ୍ୟା ସମୟରେ ବାମୁର ଷ୍ଟେସନରେ ଆଲୋକ ବ୍ୟବସ୍ଥା, ବସିବା ପାଇଁ ଉପଯୁକ୍ତ ବେଞ୍ଚ ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ହଇରାଣ ହେବା ସହ ଚୋରି ଭୟ ମଧ୍ୟ ରହୁଛି । ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

## ନମପଶି ଓ ଝରାବେଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ପାଲଲହଡ଼ା,୧୨ ।୧୦(ସମିସ): ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ପାଲଲହଡ଼ା ନିର୍ବାଚନମଣ୍ଡଳୀ ନମପଶି ଓ ଝରାବେଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇଥିଲେ ।

ପଦଯାତ୍ରା ପ୍ରଥମେ ନମପଶି ପଞ୍ଚାୟତ ଯମରା, ନାମଗାଁ, କଣ୍ଟାନାଳୀ ଓ ସୁସବନାଳୀ ଗ୍ରାମ ପରିକ୍ରମା କରିଥିଲା । ପୂର୍ବତନ ବିଧାୟକ ପାଲ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଥିଲେ । ପରେ ଝରାବେଡ଼ା ପଞ୍ଚାୟତ ରାଇପାଳ, ଝରଲୋ ଓ ବାନନୁହାଣ ଆଦି ଗ୍ରାମରେ ପଦଯାତ୍ରା ହୋଇଥିଲା । ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଜେପି ସରକାରଙ୍କ ବିଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ସମିତିସଭ୍ୟା ଅଞ୍ଜଳି ନାଏକ, ବ୍ଲକ କୋଷାଧ୍ୟକ୍ଷ ଜନ୍ମେଜୟ ସାହୁ, ପୂର୍ବତନ ସରପଞ୍ଚ ମିଲୁ ଗଡ଼ନାୟକ ଏବଂ ଦୁଇ ପଞ୍ଚାୟତର ସଭାପତି ଛତିଶ ମାଝୀ ଓ ପୈକିରା ବେହେରାଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

## ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ ଓ ଗ୍ରାମବାସୀ



ପାଲଲହଡ଼ା,୧୨ ।୧୦(ସମିସ): ଶିକ୍ଷକ ବଦଳି ପ୍ରତିବାଦରେ ପାଲଲହଡ଼ା ବ୍ଲକ ଝାରବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଛନ୍ତି ଅଭିଭାବକ, ସ୍କୁଲ କମିଟି ଓ ଗ୍ରାମବାସୀ । ସୂଚନା ମୁତାବକ ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୧ ଛାତ୍ରଛାତ୍ରୀ ଥିବା ବେଳେ ୬ ଜଣ ଶିକ୍ଷକ ନିଯୁକ୍ତି ଥିଲେ । ଗତ ଏକ ମାସ ହେବ ବିଦ୍ୟାଳୟର ଜଣେ ଶିକ୍ଷକ ପଦୋନ୍ନତି ହୋଇ ପ୍ରଧାନଶିକ୍ଷକ ଭାବେ ଅନ୍ୟତ୍ର ବଦଳି ହୋଇଥିଲେ । ଆଜି ବିଦ୍ୟାଳୟର ଆଉ ଜଣେ ଶିକ୍ଷୟିତ୍ରୀ ଲେବୁଲ-୪ ପଦୋନ୍ନୀତ ହୋଇ ବିଦ୍ୟାଳୟରୁ ବିଦାୟ ନେଇଛନ୍ତି । ତେବେ ଗ୍ରାମବାସୀ ଓ ଅଭିଭାବକ ଏହାକୁ ଗ୍ରହଣ କରି ନ ପାରି ବିଦ୍ୟାଳୟରେ ତାଲା ପକାଇଥିଲେ । ଚାରିଦିନ ପୂର୍ବରୁ ବିଦ୍ୟାଳୟକୁ ପରିଦର୍ଶନ କରିବାକୁ ବ୍ଲକ ଶିକ୍ଷାଧିକାରୀ ଆସିଥିବା ବେଳେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ନାୟକଙ୍କୁ ଅନ୍ୟତ୍ର ବଦଳି ନ କରିବାକୁ ଦାବିପତ୍ର ଦେଇଥିଲେ । ତେବେ ଶିକ୍ଷା ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସୋମବାର ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ ୧ଟା ପର୍ଯ୍ୟନ୍ତ ଗ୍ରାମବାସୀ ଗେଟରେ ତାଲା ପକାଇ ବସିଥିଲେ । ବିଆରସିସି ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଓ ଅଭିଭାବକଙ୍କୁ ବୁଝାସୁଝା କରି ୭ ଦିନ ସମୟ ନେଇଛନ୍ତି । ବିଇଓଙ୍କ ସହ କଥା ହୋଇ ସାତ ଦିନ ମଧ୍ୟରେ ସ୍ଥାୟୀ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ବର୍ତ୍ତମାନ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ରିଲିଭ୍ ହେବେ ନାହିଁ ବୋଲି ମଧ୍ୟ ବିଆରସିସି ପ୍ରତିଶ୍ରୁତି ଦେଇଛନ୍ତି । ଧାରଣାରେ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ସରପଞ୍ଚ ଶିବାନୀ ନାୟକ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ ସାମିଲ ହୋଇଥିଲେ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; କାଏରା ଏଫସି ଚାମ୍ପିଅନ

ଅନୁଗୋଳ,୧୨ ।୧୦(ସମିସ): ପାଲଲହଡ଼ା ବ୍ଲକ ଖେମଳା ପଞ୍ଚାୟତ ଶୁକଦେବପୁର ଗ୍ରାମରେ ଗ୍ରାମର ଶ୍ରୀଦେବୀ ଯୁବକ ସଂଘ ପକ୍ଷରୁ ଚାଲିଥିବା ଷଷ୍ଠ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଏଥିରେ ୧୬ ଦଳ ଅଂଶଗ୍ରହଣ କରିଥିଲେ । ଗୁରୁଣ୍ଡିମୁଣ୍ଡାର କାଏରା ଏଫ୍‌ସି ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚରେ କଏରା ଏଫ୍‌ସି ସିଗଡ଼ର



ଏମ୍‌ଏନ୍‌କେଏଫ୍‌ସିକୁ ପେନାଲଟି କିକ୍‌ରେ ୪-୩ ଗୋଲରେ ପରାସ୍ତ କରିଛି । ୯ ତାରିଖ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଖମାର ରେଞ୍ଜର ମନୋଜ ଦିଘା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଉଦଯାପନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ପାଲଲହଡ଼ା ବିଇଓ ଲକ୍ଷ୍ମୀଧର ଦେହୁରୀ, ସମ୍ମାନିତ ଅତିଥି ଭାବେ ଖେମଳା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ପ୍ରଧାନ, ପ୍ଲାନ ଇଣ୍ଡିଆ ସଂଯୋଜକ ସନ୍ତୋଷ ବେହେରା, ସୁବ୍ରତ କୁମାର ସହୁ, ଖଗେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଯୁବକ ସଙ୍ଘ ସଭାପତି ଲିଲୁ ନାଏକ, ଉପସଭାପତି ରୋହିତ ମହାକୁଳ, ସମ୍ପାଦକ ଦୀପକ ନାଏକ, ସହସମ୍ପାଦକ ମଙ୍ଗଳ ସିଂ ବନ୍ଦିଆ, ଗୋପୀନାଥ ନାଏକ, କ୍ୟାପଟେନ ଭୀମସେନ ବଦ୍ରା, ଭାଇସ କ୍ୟାପଟେନ ସୁରେନ୍ଦ୍ର ନାଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । କୁମର ପ୍ରଧାନ ସଭା ପରିଚାଳନା କରିଥିଲେ । କ୍ୟାପଟେନ ଭୀମସେନ ବଦ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସମସ୍ୟାକୁ ନେଇ ବିକ୍ଷୋଭ




ଅନୁଗୋଳ,୧୨ ।୧୦(ସମିସ): ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍‌ର ରାଜ୍ୟ କାର୍ଯ୍ୟ ସମିତି ନିଷ୍ପତ୍ତି ଅନୁଯାୟୀ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ୧୦ ଦଫା ଦାବି ନେଇ ଅନୁଗୋଳ ଜିଲ୍ଲା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିରେ ଜିଲ୍ଲା ସଭାନେତ୍ରୀ ସବିତା ଦେହୁରୀ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ସମ୍ପାଦିକା ମାମିନା ମନ୍ତ୍ରୀ, ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଅଜୟ କୁମାର ପାଢ଼ୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ସମ୍ପନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପକୁ ସ୍ଥାୟୀ କରାଯିବା, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ପର୍ଯ୍ୟନ୍ତ କର୍ମୀଙ୍କୁ ୩୦ ହଜାର ଓ ସହାୟିକାଙ୍କୁ ୧୫ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ, ୫୫ ବର୍ଷ ବା ତଦୁର୍ଦ୍ଧ୍ୱ ବୟସରେ କାର୍ଯ୍ୟଦକ୍ଷତା ସମୀକ୍ଷା ଆଳରେ କାର୍ଯ୍ୟରୁ ଛଟେଇ ନିଷ୍ପତ୍ତିକୁ ପ୍ରତ୍ୟାହାର, ୬୦ ବର୍ଷ ବୟସ ପରେ କର୍ମୀ ଓ ସହାୟିକାଙ୍କ ଦୁଇବର୍ଷ ସମ୍ପ୍ରସାରିତ ନିଯୁକ୍ତି ନେଇ ଉପୁଜିଥିବା ଅନିଶ୍ଚିତତା ଦୂର କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ, ଇଣ୍ଟରନେଟ୍ ତଥା ଯାନ୍ତ୍ରିକ ତ୍ରୁଟି କାରଣରୁ ପୋଷଣ ଟ୍ରାକରେ ଡାଟାଏଣ୍ଟ୍ରି ବିଳମ୍ବ ହେଉଥିବାରୁ କଟାଯାଉଥିବା ମାନଧନ ଫେରସ୍ତ ସହ ବିଗତ ତିନି ବର୍ଷ ଧରି ବକେୟା ଥିବା ୟୁନିଫର୍ମ ରାଶି, ମୋବାଇଲ୍ ରିଚାର୍ଜ ଖର୍ଚ୍ଚ ତୁରନ୍ତ ପ୍ରଦାନ, ସହାୟିକାରୁ କର୍ମୀ ପଦବୀକୁ ପଦୋନ୍ନତି ପାଇଁ ଧାର୍ଯ୍ୟ ୪୫ ବର୍ଷ ବୟସସୀମା ହଟାଇବା ସହ ନିୟମିତ ଭାବେ କର୍ମୀମାନଙ୍କୁ ସୁପରଭାଇଜର ଭାବେ ପଦୋନ୍ନତି ପ୍ରଦାନ, ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ କର୍ମୀ ଓ ସହାୟିକାଙ୍କ ମାନଧନ ବୃଦ୍ଧି, ବକେୟା ଥିବା ମାତୃତ୍ୱ ଓ ଅବସରକାଳୀନ ସହାୟତା ରାଶି ଅବିଳମ୍ବେ ପ୍ରଦାନ, ସମସ୍ତ ବ୍ଲକରେ ଏସ୍‌ଏନ୍‌ପି ଓ ଏମ୍‌ଏସ୍‌ପି ବାବଦ ଅର୍ଥ ତଥା ଚାଉଳ ନିୟମିତ ସଠିକ୍ ସମୟରେ ପ୍ରଦାନ କରାଯିବାକୁ ଦାବି କରାଯାଇଛି ।

## ବଅଁରପାଳ ବ୍ଲକ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ




ଅନୁଗୋଳ,୧୨ ।୧୦(ସମିସ): ରବିବାର ପୂର୍ବାହ୍ନରେ ବଅଁରପାଳ ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ନାଲକୋନଗର ନେସ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ ସମ୍ବର୍ଦ୍ଧନା ସଭା ବ୍ଲକ ସଭାପତି ବିନୋଦ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ଆଇଏନଟିୟୁସି ରାଜ୍ୟ ସଭାପତି ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ନେଇ ଉଦବେଗ ପ୍ରକାଶ କରିଥିଲେ । ଭୋଟ ଚୋରି ନେଇ ଦେଶରେ ଏକ ଅବିଶ୍ୱାସନୀୟ ଆନ୍ଦୋଳନ ଆରମ୍ଭ ହୋଇଛି, ଯାହାକି ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ସହ ଗିରଫ ପାଇଁ କଂଗ୍ରେସ ଜନତା ପାର୍ଟି ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସମଗ୍ର ଭାରତବର୍ଷରେ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଛି । ଦେଶବାସୀଙ୍କ ବିଶ୍ୱାସ ପ୍ରତି କେନ୍ଦ୍ର ସରକାର କୁଠାରାଘାତ କରିଛି, ଫଳରେ ସେମାନଙ୍କ ପତନର ବାଟ ଖୋଲିଯାଇଛି । ଏଣୁ ସମସ୍ତ କଂଗ୍ରେସ କର୍ମୀ ତୃଣମୂଳ ସ୍ତରରୁ ଏକାଠି ବସି ଦଳକୁ ଆଗକୁ ବଢ଼ିବାରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ । ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ଯୋଗଦେଇ ଦଳକୁ ସୁସଂଗଠିତ କରିବା ପାଇଁ ବୁଥ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦଳର ନୀତି ଓ ଆଦର୍ଶକୁ ଜନମାନସରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲ୍ଲା ସହ ପ୍ରଭାରୀ ଆଦିତ୍ୟ ଅନୁଭବ ସିଂହ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ସମ୍ପାଦକ ସୁଦୀପ ମିଶ୍ର, ରାଜ୍ୟ କୃଷକ କଂଗ୍ରେସ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ରାଜ୍ୟ ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ତପନ ପ୍ରଧାନ, ରାଜ୍ୟ ଏସସି ସେଲ ସାଧାରଣ ସମ୍ପାଦକ ନୀଳକଣ୍ଠ ନାଏକ, ଜିଲ୍ଲା କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଧୀର, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କଂଗ୍ରେସର ବରିଷ୍ଠ ସଦସ୍ୟ ତଥା ଜରଡ଼ା ପଞ୍ଚାୟତ ପାରିପରା ନିବାସୀ ସ୍ୱର୍ଗତ ମଧୁସୂଦନ ବେହେରାଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବ୍ଲକ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଖିଳ ଭାରତୀୟ କଂଗ୍ରେସ କମିଟି ନିର୍ଦ୍ଦେଶାନୁସାରେ ଆସନ୍ତା ଦୁଇ ମାସ ସମସ୍ତ ପ୍ରକାର କାର୍ଯ୍ୟକୁ ସୂଚାରୁରୂପେ ପାଳନ କରିବାକୁ ବୈଠକରେ ସ୍ଥିର କରାଯାଇଛି । ବୁଥସ୍ତରୀୟ କମିଟି ଗଠନ କରିବାକୁ ପଞ୍ଚାୟତ ସଭାପତିମାନଙ୍କୁ କୁହାଯାଇଛି ।

## ସଞ୍ଜାମୁରା ପଞ୍ଚାୟତରେ ଜନଶୁଣାଣି




କିଶୋରନଗର,୧୨ ।୧୦(ସମିସ): କିଶୋରନଗର ବ୍ଲକ ସଞ୍ଜାମୁରା ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଏବିଡିଓ ହିମାଂଶୁ ଶେଖର ନାୟକ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ଏଥିସହ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ଯତ୍ନବାନ ହେବାକୁ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ କମଳିନୀ ପ୍ରଧାନ, ସମିତି ସଭ୍ୟା ସୌଦାମିନୀ ମିର୍ଦ୍ଧା, ବିଏସଏସଓ ଝସକେତନ ସାହୁ, ଡିଇଓ (ଆରସିଏମ୍) ସରୋଜ କୁମାର ପ୍ରଧାନ, ବିପିସି (ଓଏଲ୍‌ଏମ୍) ସୁଜିତ୍ ପ୍ରଧାନ, ବିପିସି (ଆରଏଚ୍) ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

ଅନୁଗୋଳ,୧୨ ।୧୦(ସମିସ): କେନ୍ଦ୍ର ସରକାରଙ୍କ କୌଶଳ ଓ ଉଦ୍ୟମିତା ମନ୍ତ୍ରାଳୟ ଅଧୀନ ଜନଶିକ୍ଷଣର ନିର୍ଦ୍ଦେଶକ ସୌରୀରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଆଠମଲ୍ଲିକ ଧଉରାପାଲିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ନୀଳୟ କୁମାରୀ ସାହୁ, ମୁଖ୍ୟବକ୍ତା ଭାବେ ସୁଜାତା ବିଶ୍ୱାଳ ଯୋଗଦେଇଥିଲେ । ମହିଳା ବା ଝିଅମାନେ ଦୁର୍ବଳ ବୋଲି ଯେଉଁ ମାନସିକତା ରହିଆସିଥିଲା, ଆଜି ସେଥିରେ ପରିବର୍ତ୍ତନ ହୋଇଛି । ଆଜିର ସମୟରେ ଝିଅମାନେ ରୋଷେଇ ଘରୁ ବାହାରି ଅନ୍ତର୍ଜାତୀୟ ବିମାନ ଉଡ଼ାଇବାଠୁ ବିଶ୍ୱ ସ୍ତରରେ ବିଭିନ୍ନ ପ୍ରକାର ମେଡାଲ ଜିତି ଦେଶର ନାଁ ରଖୁଛନ୍ତି । ଦେଶର ପ୍ରଗତିରେ ମଧ୍ୟ ମହିଳାଙ୍କ ଅବଦାନ କମ୍ ନୁହଁ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ବିଦ୍ୟାଳୟ ଅନ୍ତେବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ବାଲ୍ୟ ବିବାହ ନିରୋଧୀ ସଚେତନତା ସମ୍ପର୍କିତ ଏକ ଛୋଟ ନାଟକ ପରିବେଷିତ ହୋଇଥିଲା । ଜେଏସ୍‌ଏସ୍‌ର ସହ କାର୍ଯ୍ୟକାରୀ ଅଧିକାରୀ ଚିତ୍ତରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।




# ସିଇସିଙ୍କ ବହିଷ୍କାର ଦାବି କଲା ଏସୟୁସିଆଇ

କଣିହାଁ,୧୨ ।୧୦(ସମିସ):




ଏସୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ୬ରୁ ୧୨ ଅକ୍ଟୋବର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସ୍‌ଆଇଆର୍ ପ୍ରକ୍ରିୟା ରଦ୍ଦ, ଭୋଟର୍ ତାଲିକାରୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଥିବା ଭୋଟର୍‌ଙ୍କ ନାମ ପୁନଃ ସଂଯୋଗ, ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନ୍ ବାତିଲ, ପ୍ରଥମରୁ ଅଷ୍ଟମ ତ୍ରୁଟିପୂର୍ଣ୍ଣ ତଥା ଅବୈଜ୍ଞାନିକ ପାଠ୍ୟପୁସ୍ତକ ପ୍ରତ୍ୟାହାର, ସରକାରୀ ସ୍କୁଲର ବନ୍ଦ ଓ ମିଶ୍ରଣ ପ୍ରକ୍ରିୟା ରଦ୍ଦ, ରାଜ୍ୟରେ ବନ୍ୟା ବିପନ୍ନଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ ବନ୍ୟା-ବାତ୍ୟା-ମରୁଡ଼ିର ସ୍ଥାୟୀ ପ୍ରତିକାର ଆଦି ଦାବିରେ ପ୍ରତିବାଦ ସପ୍ତାହ ପାଳନ କରାଯାଉଛି ।

ଏହି ଉପଲକ୍ଷେ ଏସୟୁସିଆଇ କଣିହାଁ ଲୋକାଲ କମିଟି ପକ୍ଷରୁ ବିଭିନ୍ନ ଜାଗାରେ ପ୍ରତିବାଦ ସଭା ଆୟୋଜନ କରାଯାଇଛି । ଆଜି କଣିହାଁ ମେଡିକାଲ ଛକରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ବସଷ୍ଟାଣ୍ଡଠାରେ ପହଞ୍ଚିଥିଲା । କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କମ୍ରେଡ ମିନତୀ ସାମଲ, ପ୍ରଗତି ନାୟକ ବକ୍ତବ୍ୟ ଦେଇ କହିଲେ ଯେ କେନ୍ଦ୍ର ସରକାର ଶାସନକୁ ସୁରକ୍ଷିତ ରଖିବା ପାଇଁ ଯନ୍ତରମନ୍ତର ଯିବାକୁ ଆନ୍ଦୋଳନକାରୀଙ୍କୁ ଦିଆଯାଉନାହିଁ । ଆନ୍ଦୋଳନ କରିବା ପାଇଁ ସରକାର ଯନ୍ତରମନ୍ତରକୁ ନିର୍ଦ୍ଧାରିତ ସ୍ଥଳ କରିଥିଲେ ମଧ୍ୟ ସେହି ସ୍ଥଳକୁ ପୁଲିସ ଛାଉଣି କରିଛନ୍ତି । ଏହା ଗଣତନ୍ତ୍ର ପ୍ରତି ବିପଦ । ସରକାର ଭୟରେ ଟ୍ରେନ, ମେଟ୍ରୋ, ସଡ଼କପଥ ଅବରୋଧ କରିଛନ୍ତି । ଏହାସତ୍ତ୍ୱେ ଆନ୍ଦୋଳନସ୍ଥଳକୁ ଚାଲି ଚାଲି ଗଲେ ମଧ୍ୟ ରାସ୍ତାରେ ପୁଲିସ ଛାତ୍ର ଯୁବକମାନଙ୍କୁ ଅଟକ ରଖୁଛି ବୋଲି କହିଥିଲେ । ସଭାରେ ବିଜୟ ସାହୁ, ନିର୍ମଳା ପ୍ରଧାନ, ବୈଦେହୀ ପ୍ରଧାନ, ପଙ୍କଜିନୀ ସିଂ, କାବେରୀ ଜେନା, ଦୁତୀ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ରଘୁଦେଇପୁର ପାଣି ଟାଙ୍କି ଟ୍ରାନ୍ସଫର୍ମର ଅଚଳ

# ୩୦୦ ପରିବାର ତିନିମାସ ହେଲା ପାଣି ପାଇଁ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୧୨।୧୦(ସମିସ):



ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମରେ ଥିବା ବସୁଧା ଯୋଜନାର ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପରୁ ପ୍ରାୟ ତିନିମାସ ହେଲା ବନ୍ଦ ରହିଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପରେ ଥିବା ଟ୍ରାନ୍ସଫର୍ମର ଅଚଳ ହୋଇଥିବାବେଳେ ଆଜକୁ ପ୍ରାୟ ତିନିମାସ ହେଲା ଗ୍ରାମର ୩୦୦ ପରିବାର ପାଣି ପାଇଁ ହନ୍ତସନ୍ତ ହେଉଥିବା ଗ୍ରାମର ସମାଜସେବୀ ବିଜୟ ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ ଡେରାବିଶ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ସୁଦ୍ଧା ସେଦିନ ନୂଆ ଆସିଥିବା ଅଧିକାରୀ ଶିବିରରେ ଉପସ୍ଥିତ ନ ଥିବାରୁ ସମସ୍ୟାର ସମାଧାନ ହୋଇପାରି ନ ଥିବା ଅଭିଯୋଗ ହେଉଛି। ବାରମ୍ବାର ପାନୀୟଜଳ ଯୋଗାଣ ଓ ଛତା ବିଦ୍ୟୁତ୍ ସେକ୍ସନ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକ କହିଛନ୍ତି। ଏ ବିଷୟରେ ଜେଇ ବିଭୁଦତ୍ତ ଦାସଙ୍କୁ ପଚାରିବାରୁ ଟ୍ରାନ୍ସଫର୍ମର ଅଚଳ ଥିବା ଛତା ବିଦ୍ୟୁତ୍ ସେକ୍ସନ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା ସେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନ ଥିବା କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଶୀଘ୍ର ପାଣି ସମସ୍ୟା ଦୂର କରିବା ସହ ଅବହେଳା କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପାନୀୟଜଳ ଯୋଗାଣ ଓ ବିଦ୍ୟୁତ୍ ବିଭାଗ ଅବହେଳା

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ଗରଦପୁର,୧୨।୧୦ (ସମିସ): ଗରଦପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜାମ୍ବର ମହାନ୍ତି. ଡିଏସ୍‌ପି ଜ୍ୟୋତିରଂଜନ ଗୌଡ, ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ, ବିଡିଓ ଆଲୋକ ସେଠୀ, ତହସିଲଦାର ଅମିତ ହୋତା, ଅତିରିକ୍ତ ତହସିଲଦାର ମୋହିତ ବିଶ୍ୱାଳ, ସିଡିଏମ୍‌ଓ ଡାକ୍ତର ନମିତା ପଟ୍ଟନାୟକ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ନିରଞ୍ଜନ କର, ଅତିରିକ୍ତ ବିଡିଓ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ୧୨୨ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୧୮ଟି ସାମୂହିକ ଅଭିଯୋଗ ଥିବାବେଳେ ୧୦୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଏହି ଶିବିରରେ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନାରେ ଗୃହ, ରାସ୍ତା, ପାନୀୟଜଳ, ରେସନ କାର୍ଡ, ଜମିଜମା ଇତ୍ୟାଦି ସମ୍ପର୍କରେ ବହୁ ଅଭିଯୋଗ ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦ୍ୱାରିକାନାଥ ସେନାପତି ବରିଷ୍ଠ ନାଗରିକଙ୍କ ପାଇଁ ଘର ଯୋଗାଇ ଦେବାକୁ ଦାବି କରିଥିଲେ। ଚକବାହାକୁଦ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିଲେ ମଧ୍ୟ ସୀମା ନିର୍ଦ୍ଧାରଣ କରିବାକୁ ଗ୍ରାମର ରଞ୍ଜନ ମହାନ୍ତି ଦାବି କରିଥିଲେ। ନଇନ୍ଦିପୁର ଗ୍ରାମର ଘନଶ୍ୟାମ ପଣ୍ଡା ବର୍ଷା ଜଳ ନିଷ୍କାସନ ପଥ ଅବରୋଧ ହଟାଇବାକୁ ଅଭିଯୋଗ କରିଥିଲେ। ଶ୍ରୀଚନ୍ଦନପୁରର କାର୍ତ୍ତିକ ସାହୁ ଆବାସ ଯୋଜନା ପାଇଁ ଗୁହାରି କରିଥିଲେ। ବରହମପୁର ଗ୍ରାମର ଅନାମ ଖଣ୍ଡୁଆଳ ରାସନ ସାମଗ୍ରୀରେ ଅରୁଆ ଚାଉଳ ପରିବର୍ତ୍ତେ ଉଷୁନା ଚାଉଳ ଦେବାକୁ ଦାବି କରିଥିଲେ। ଡାହାଳପୁର ଗ୍ରାମର ନୀଳମଣି ମାହାଳି ସିଏମ୍ କିଷାନ ଓ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଥିଲେ। ସାମାଜିକ କର୍ମୀ ନବାବ ପଣ୍ଡା ଲୁଣା ପାଣି, ବିହନ ଯୋଗାଣ, ମ୍ୟୁଟେସନ ବିଳମ୍ବ ଇତ୍ୟାଦି ସମ୍ପର୍କରେ ଅଭିଯୋଗ କରିଥିଲେ। ଶିବିରରେ ଜିଲ୍ଲା ଓ ବ୍ଲକ୍‌ର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ କଲେଜରେ ଛାତ୍ରସଂସଦ ନିର୍ବାଚନ ସଚେତନତା

ରାଜନଗର,୧୨।୧୦(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଅମୀୟ କୁମାର ଦାସ ସଭାପତିତ୍ୱ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତ ଛାତ୍ରସଂସଦ ନିର୍ବାଚନର ବିଭିନ୍ନ ନିୟମାବଳୀ ବିଷୟରେ କହିଥିଲେ। ଜଣେ ପ୍ରାର୍ଥୀ ସର୍ବାଧିକ ୫,୦୦୦ ଟଙ୍କା ଖର୍ଚ୍ଚ କରିପାରିବେ। କୌଣସି ପ୍ରକାର ମୁଦ୍ରିତ ପୋଷ୍ଟର, ବ୍ୟାନର କିମ୍ବା ପାମ୍ପଲେଟ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କେବଳ ହାତ ତିଆରି ପୋଷ୍ଟର ବ୍ୟବହାର କରାଯାଇପାରିବ। ମହାବିଦ୍ୟାଳୟ ପରିସର ବାହାରେ କୌଣସି ପ୍ରକାର ଶୋଭାଯାତ୍ରା, ବାଇକ୍ ରାଲି କିମ୍ବା ଶକ୍ତି ପ୍ରଦର୍ଶନ କରାଯାଇପାରିବନାହିଁ। ସବୁ ଭୋଟର୍ ଛାତ୍ରଛାତ୍ରୀଙ୍କୁ କଲେଜ ୟୁନିଫର୍ମ ସହିତ ପରିଚୟ ପତ୍ର ଆଣିବା ପାଇଁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପର୍ଶୁରାମ ନାଥ, ବିଚିତ୍ରାନନ୍ଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ଦୀପ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ଛାତ୍ରସଂସଦ ନିର୍ବାଚନକୁ ନେଇ ସଚେତନତା ବୈଠକ

ରାଜକନିକା,୧୨।୧୦(ସମିସ): ଆସନ୍ତା ୧୫ ତାରିଖରେ ହେବାକୁ ଯାଉଥିବା ଛାତ୍ରସଂସଦ ନିର୍ବାଚନକୁ ଶୃଙ୍ଖଳିତ, ସଠିକ୍ ପରିଚାଳନା ନେଇ ଆଜି ଅପରାହ୍ଣରେ ସଚେତନତା ବୈଠକ ଏସଏନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗଡୋ କମିଶନଙ୍କ ଆଦର୍ଶ ଆଚରଣବିଧି ବଳୟ ଭିତରେ ଅବାଧ ନିର୍ବାଚନ ପାଇଁ କଲେଜ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନିକା ତହସିଲଦାର ଭାନୁମତି ମାଝୀ, ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲିକ, ଛାତ୍ର ସଂସଦ ଉପଦେଷ୍ଟା ସଞ୍ଜୀବ ଦାଶ, ପର୍ଯ୍ୟବେକ୍ଷକ ଅଜୟ କୁଣ୍ଡ ପ୍ରମୁଖ ନିର୍ବାଚନରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରାର୍ଥୀ, ଛାତ୍ରଛାତ୍ରୀଙ୍କୁ ନିର୍ବାଚନ ଆଚରଣ ନେଇ ବିବିଧ ପ୍ରଶ୍ନର ସମାଧାନ କରାଯାଇଥିଲା।

## ବାୟାବାବା ମହାବିଦ୍ୟାଳୟରେ ନିର୍ବାଚନ ପୂର୍ବରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ



ମହାକାଳପଡ଼ା,୧୨।୧୦ (ସମିସ): ମହାକାଳପଡ଼ା ଶ୍ରୀଶ୍ରୀ ବାୟାବାବା ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନକୁ କେନ୍ଦ୍ରକରି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ସୋମବାର ମଧ୍ୟାହ୍ନରେ କଲେଜ ପରିସରରେ ଶକ୍ତି ପ୍ରଦର୍ଶନ ଓ ପ୍ରଚାରକୁ ନେଇ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପ୍ରାର୍ଥୀ ଓ ସମର୍ଥକ ପରସ୍ପରର ମୁହାଁମୁହିଁ ହୋଇଥିଲେ। ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ କଲେଜ ପରିସରରେ ଉଭୟ ଛାତ୍ର ସଂଗଠନ ମଧ୍ୟରେ କ୍ୟାମ୍ପସ କବ୍‌ଜା ଓ ନିଜ ପ୍ରାର୍ଥୀଙ୍କ ପାଇଁ ପ୍ରଚାରକୁ ନେଇ କଥା କଟାକଟି ଆରମ୍ଭ ହୋଇ ଉଗ୍ରରୂପ ନେଇଥିଲା। ଉଭୟ ଗୋଷ୍ଠୀର ଛାତ୍ରଛାତ୍ରୀ ପରସ୍ପର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ କଲେଜ ପରିସରରେ ଉତ୍ତେଜନା ସୃଷ୍ଟି କରିଥିଲେ। ପରିସ୍ଥିତି କ୍ରମଶଃ ଉତ୍ତେଜନମୂଳକ ହୋଇପଡ଼ିବାରୁ କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ଦାସ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ମହାକାଳପଡ଼ା ଓ ମାର୍ଶାଘାଇ ଥାନା ପୁଲିସ ପହଞ୍ଚି ଉଭୟ ଛାତ୍ର ଗୋଷ୍ଠୀଙ୍କୁ ବୁଝାସୁଝା କରିଥିଲେ। ପୁଲିସର ସତର୍କତା ଓ ହସ୍ତକ୍ଷେପ ଫଳରେ ବର୍ତ୍ତମାନ କଲେଜ ପରିସର ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି।

## ରାସ୍ତାରେ ଓଲଟିଲା ଧାନ ବୋଝେଇ ଗାଡ଼ି

ପଞ୍ଚୁପାଣ୍ଡବ,୧୨।୧୦(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ୮ ନମ୍ବର କେନାଲ ବନ୍ଧ ରାସ୍ତାରେ ଏକ ଧାନ ବୋଝେଇ ଗାଡ଼ି ଓଲଟି ପଡ଼ିଥିବା ଦେଖିବାକୁ ମିଳୁଛି। ସକାଳ ସମୟରେ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ନୀଳକଣ୍ଠପୁର-ଜଗନ୍ନାଥପୁର ରାସ୍ତା ମଝିରେ ଓଲଟି ପଡ଼ିବାରୁ ରାସ୍ତା କିଛି ଘଣ୍ଟା ଅବରୋଧ ହୋଇଥିଲା। ପ୍ରାୟ ୬/୭ ଘଣ୍ଟା ଯାତାୟାତ ବନ୍ଦ ରହିଥିବାବେଳେ ଲକ୍ଷ୍ମୀ ବସ୍ ସେଠାରୁ ଫେରି ଅନ୍ୟ ରାସ୍ତା ଦେଇ ଯାଇଥିଲା।

**● ଆୟତପୁର କଲେଜରେ ଛାତ୍ରସଂସଦ ନିର୍ବାଚନୀ ଉତ୍ତେଜନା**

## ଗୋଟିଏ ପଟେ ବିସିଜେଡିର କ୍ଲିନସ୍ୱିପ୍, ଅନ୍ୟପଟେ କଲେଜରେ ସାଇନ-ଏ-ଡାଏ ଘୋଷଣା



ଆଳି,୧୨।୧୦(ସମିସ): ଆଳି ବ୍ଲକ ଆୟତପୁର ଲକ୍ଷ୍ମୀବରାହ କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଦୁଇଜଣ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନେବା ପରେ ବିସିଜେଡି ଛାତ୍ର ସଂଗଠନର ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଏ ଖବର ପ୍ରକାଶ ହେବାର ଦୁଇଦିନ ପରେ ଆଜି ପ୍ରାୟ ସାଢ଼େ ୧୦ଟା ସମୟରେ କଲେଜର ଶତାଧିକ ଛାତ୍ରଛାତ୍ରୀ ବିକ୍ଷୋଭ କରିଥିଲେ। କଲେଜ ସମ୍ମୁଖ ଭୂଇଁପୁର-କଳସପୁର ରାସ୍ତାରେ ବସି ଅବରୋଧ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଗତ ଶନିବାର ଏକପ୍ରକାରର ଫଳାଫଳ ଘୋଷଣା ହେବା ପରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିସିଜେଡିର ସମସ୍ତ ଛାତ୍ରଛାତ୍ରୀ ବିଜେତା ବୋଲି ଜଣାପଡିଥିଲା। ଏହା ଜଣାପଡ଼ିବା ପରେ ବିଜେପି ସମର୍ଥିତ କିଛି ଅଣଛାତ୍ର କଲେଜ ମଧ୍ୟକୁ ଧସେଇ ପଶିବା ସହ ଅଧ୍ୟକ୍ଷଙ୍କୁ ଗାଳିଗୁଲଜ କରିଥିଲେ। ପରେ ଯୁକ୍ତିତର୍କ ବଢ଼ିବାରୁ ଅତର୍କିତ ଭାବେ ଆକ୍ରମଣ କରିବା ସହ କଲେଜର ସିସିଟିଭି ହାର୍ଡଡିସ୍କ ତାଡ଼ି ନେଇଯାଇଥିବା ଅଭିଯୋଗ କରିଥିଲେ। ଦୀର୍ଘ ସମୟ ଧରି କଲେଜ ପରିସର ଓ ସମ୍ମୁଖ ରାସ୍ତାରେ ଉତ୍ତେଜନା ଜାରି ରହିଥିବାବେଳେ ଆଳି ତହସିଲଦାର ସୁମନ ଘୋଷ ଓ ଥାନାଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ପହଞ୍ଚି ପିଲାଙ୍କୁ ବୁଝାସୁଝା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଦୋହରାଇବା ସହ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଅଧ୍ୟକ୍ଷଙ୍କ ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପଜିଲ୍ଲାପାଳଙ୍କୁ ଭେଟିବା ପାଇଁ କେନ୍ଦ୍ରାପଡ଼ା ଅଭିମୁଖେ ବାହାରିଥିବା ନେଇ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବ୍ରଜକିଶୋର ସାମଲ ସୂଚନା ଦେଇଛନ୍ତି। ତେବେ ଆଜି ଅପରାହ୍ଣରେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଲେଜରେ ସାଇନ ଏ ଡାଏ ଘୋଷଣା ହୋଇଥିବା ଜଣାପଡିଛି। ଏ ନେଇ ଆଳି ଥାନାଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଏହି ଘଟଣା ରେ ଆଳି ଥାନାରେ କୌଣସି ଏତଲା ହୋଇନାହିଁ। ଏତଲା ହେଲେ ତଦନ୍ତ କରାଯାଇ ଅବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅଧପନ୍ତରିଆ ଦୋବନ୍ଧା କେନାଲ କାମ ସମ୍ପୂର୍ଣ୍ଣ ଦାବି

**● ଜମି ଦେଇ ବି ଜଳସେଚନରୁ ବଞ୍ଚିତ ଚାଷୀ**

**● ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଅଧାରେ ଅଟକିଛି**

କେନ୍ଦ୍ରାପଡ଼ା,୧୨।୧୦(ସମିସ): ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା କେନାଲ ନିର୍ମାଣ କାମ। ଏଥିପାଇଁ ଚାଷୀ ନିଜ ଜମି ମଧ୍ୟ ପ୍ରଦାନ କଲେ। ହେଲେ ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ କେନାଲ କାମ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଫଳରେ ଜମି ଦେଇଥିବା ଚାଷୀଙ୍କ କ୍ଷେତକୁ ଆଜିଯାଏ ଜଳସେଚନ ସୁବିଧା ପହଞ୍ଚିପାରିନାହିଁ। ଏଭଳି ସ୍ଥିତିକୁ ନେଇ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ପଞ୍ଚାୟତର ଦୋବନ୍ଧା ମୌଜା (ସୋବଳା) ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଦୋବନ୍ଧା କେନାଲ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରି ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବାକୁ ଗ୍ରାମବାସୀ ଗାଙ୍ଗପଡ଼ା ପଞ୍ଚାୟତର ଯୁବ ସମାଜସେବୀ ଅସିତବନ୍ଧୁ ଧଳଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦୋବନ୍ଧା ଗ୍ରାମର ପ୍ଲଟ୍ ନମ୍ବର ୧୨୬୦ର ମୋଟ ୨.୭୩୮ ଏକର ଜମି ମଧ୍ୟରୁ ୧.୧୦୮ ହେକ୍ଟର ଜମି କେନାଲ ନିର୍ମାଣ ପାଇଁ ଚାଷୀ ପ୍ରଦାନ କରିଥିଲେ। ଏହି ଜମି କେନାଲର ନକ୍ସାରେ ମଧ୍ୟ ସ୍ଥାନ ପାଇଛି। ତେବେ କେନାଲ ପାଇଁ ଜମି ଦେଇଥିବା ଚାଷୀ ଏଯାଏଁ ନିଜ ଚାଷଜମିରେ ଜଳସେଚନର ସୁଫଳ ପାଇପାରିନାହାନ୍ତି। ୨୦୧୭-୧୮ ରେ ତତ୍କାଳୀନ ବିଧାୟକ କିଶୋର ଚନ୍ଦ୍ର ତରାଇ ଓ ତତ୍କାଳୀନ କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଅନାମବନ୍ଧୁ ଧଳଙ୍କ ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗରେ ଜଳସେଚନ ବିଭାଗ ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟଅଟକଳରେ କେନାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ନକ୍ସା ଅନୁଯାୟୀ କାର୍ଯ୍ୟ ଶେଷ ହୋଇପାରିନଥିବାରୁ କେନାଲଟି ଏବେ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଚାଷକାର୍ଯ୍ୟ ଉପରେ ପଡୁଥିବା ଗ୍ରାମବାସୀ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ପୂର୍ବରୁ ଏକାଧିକବାର ଲିଖିତ ଭାବେ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଜଳସେଚନ ବିଭାଗ ଅଭିଯୋଗର ଗୁରୁତ୍ୱ ଉପଲବ୍ଧି କରି କେନାଲର ସ୍ଥିତି ଯାଞ୍ଚ କରିବା ସହ ଅବଶିଷ୍ଟ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କେବଳ କେନାଲ ନିର୍ମାଣ ନୁହେଁ, ଚାଷୀଙ୍କ ଜମିକୁ ବାସ୍ତବରେ ଜଳ ପହଞ୍ଚାଇବା ହିଁ ପ୍ରକଳ୍ପର ସଫଳତାର ପ୍ରକୃତ ମାପକାଠି ବୋଲି ସେମାନେ ମତ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପ୍ରଶାନ୍ତ ପରିଡ଼ା, ସୌମେନ୍ଦୁ ପରିଡ଼ା, ଧରଣୀଧର ସାହୁ, ବିଭୂପ୍ରସାଦ ପରିଡ଼ା, ବାବାଜୀ ସାହୁ, କୈଳାସ ପରିଡ଼ା, ପ୍ରଦୀପ ପରିଡ଼ା, ଭଗବାନ ଧଳ, ବାବୁରାମ ରାଉତ, ଯୋଗେନ୍ଦ୍ର ସାହୁ, ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଆଇନଶୃଙ୍ଖଳା ସମୀକ୍ଷା



ରାଜନଗର,୧୨।୧୦(ସମିସ): ରାଜନଗର ବ୍ଲକର ଏକମାତ୍ର ଡିଗ୍ରୀ କଲେଜ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଶାନ୍ତିଶୃଙ୍ଖଳାରେ କରାଯିବାକୁ ସ୍ଥାନୀୟ ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଆଇଆଇସି ରତିରଞ୍ଜନ ନାୟକ ମହାବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷ ଅମୀୟ ଦାସ, ବରିଷ୍ଠ ଅଧ୍ୟାପକ ଅଭିମନ୍ୟୁ ରାଉତ, ପର୍ଶୁରାମ ନାଥ ଶର୍ମା, ବିଚିତ୍ରାନନ୍ଦ ପାଣି, ସନ୍ଦୀପ ମହାପାତ୍ର, ବସନ୍ତ ବେହେରା, କର୍ମଚାରୀ ପ୍ରଦୀପ ମିଶ୍ରଙ୍କ ସହ ଛାତ୍ରଛାତ୍ରୀଙ୍କ ସଂଖ୍ୟା, ପୂର୍ବ ନିର୍ବାଚନ କିପରି ଅନୁଷ୍ଠିତ ହୋଇଥିଲା, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ଛାତ୍ରଛାତ୍ରୀଙ୍କୁ ଛାତ୍ର ସଂସଦ ନିର୍ବାଚନରେ ଥିବା ସରକାରଙ୍କ ନିୟମାବଳୀ ଓ ମହାବିଦ୍ୟାଳୟର ନିୟମାବଳୀ ସମ୍ପର୍କରେ ସଚେତନ କରାଯାଇଥିଲା। ବିଶେଷକରି ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ଡାହାଣ ପାଖରେ ଥିବା କୋଠରୀରେ ଠିକଚିହ୍ନ ମାରିବେ। ଯେଉଁ ଛାତ୍ରଛାତ୍ରୀଙ୍କ ପରିଚୟପତ୍ର ହଜି ଯାଇଥିବ କିମ୍ବା ନଷ୍ଟ ହୋଇଯାଇଥିବ, ୧୪ ତାରିଖ ଅପରାହ୍ଣ ୫ଟା ପୂର୍ବରୁ ମହାବିଦ୍ୟାଳୟରୁ ନେବାକୁ କୁହାଯାଇଛି। ପରିଚୟପତ୍ର ଦେଖାଇ ଭୋଟଦାନରେ ଅଂଶଗ୍ରହଣ କରିପାରିବେ।

**● ପଟ୍ଟାମୁଣ୍ଡାଇରେ ଇଣ୍ଡିଆ ମେଣ୍ଟର ବୈଠକ**

## ଜନ ସମସ୍ୟା ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି

ପଟ୍ଟାମୁଣ୍ଡାଇ,୧୨।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଇଣ୍ଡିଆ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମେଣ୍ଟ ପକ୍ଷରୁ ହୋଇଥିବା ତିନୋଟି ପ୍ରମୁଖ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ପ୍ରଥମତଃ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ମାଳିପୁର ଛକରୁ ଅଳଭା ମାତା ମଠ ପର୍ଯ୍ୟନ୍ତ କରାଯାଇଥିବା ପଦଯାତ୍ରା ପରେ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଦ୍ୱିତୀୟତଃ ଅକ୍ଟୋବର ୮ ତାରିଖ ଓଡ଼ିଶା ବନ୍ଦ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ଏଥିସହ ବର୍ତ୍ତମାନର ଜନ ସମସ୍ୟା ଗମନାଗମନର ଦୁରବସ୍ଥା, ସରକାରୀ ବସ୍ ଚଳାଚଳ ବନ୍ଦ, ମେଡିକାଲରେ ଡାକ୍ତର ଅଭାବ, ବୃଦ୍ଧ ଭତ୍ତା ନ ମିଳିବା, ପାନୀୟ ଜଳ ପାଇଁ ନଳକୂପ ଅଭାବ, ପ୍ରଧାନମନ୍ତ୍ରୀ ଆବାସ ଓ ରାସନ କାର୍ଡରେ ଅନିୟମିତତା ଆଦି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ବିରୁଦ୍ଧରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପଞ୍ଚାୟତ ସଭାପତି ଗୁରୁଚରଣ ସେଠୀ, ସୁରୋଜ ରାଉତରାୟ, ନୃସିଂହ ପାତ୍ର, ପ୍ରେମାନନ୍ଦ ଚୌଧୁରୀ, ଅରକ୍ଷିତ ପାତ୍ର, ନିର୍ମଳ ମଳିକ, ବ୍ରଜଭୂଷଣ ଦାଶ, ଅନ୍ତର୍ଯ୍ୟାମୀ କୁଣ୍ଡ, ଅଭୟ ମଳିକ, କୃଷକ ନେତା ବିଜୟ ଦାସ, ନବନିର୍ମାଣ କୃଷକ ସଂଗଠନ ନେତା ଦାଶରଥୀ ସାହୁ, ଶିଶିର ଓଝା, ସୌଭାଗ୍ୟ ଦାସ, ଦୋଳଗୋବିନ୍ଦ ସାହୁ, ୧୮ନଂ ଜୋନ ସଭାପତି ବିଚିତ୍ର ବେହେରା, ବ୍ଲକ ଉପସଭାପତି ଦୁଃଶାସନ ପ୍ରଧାନ, ଶୈଳେନ୍ଦ୍ର ମଳିକ, ପୁନ ମଳିକ, କୁଳମଣି ଦାସ, ପବିତ୍ର କୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଧନେଶ୍ୱର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ସଦସ୍ୟଙ୍କୁ ମାର୍ଗଦର୍ଶନ କରିଥିଲେ।

**● ଗୋଚର ଜମି ଜବରଦଖଲ ଅଭିଯୋଗ**

## ତହସିଲଦାରଙ୍କ ବିରୁଦ୍ଧରେ ଜଗଦେଇପୁର ଗ୍ରାମବାସୀଙ୍କ ଫେରାଦ



ଗରଦପୁର,୧୨।୧୦(ସମିସ): ଗୋଚର ଜମିର ସୁରକ୍ଷା ଦାୟିତ୍ୱ କାହାର? ଯଦି ସରକାରୀ ଜମି ଜବରଦଖଲ ହୁଏ, ତେବେ ତାହାକୁ ମୁକ୍ତ କରିବା ପାଇଁ ପ୍ରଶାସନର ପଦକ୍ଷେପ କେଉଁଠି? ଏଭଳି ପ୍ରଶ୍ନ ଉଠାଇ ଗରଦପୁର ତହସିଲ ପ୍ରଶାସନ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପାଖଡ଼ ପଞ୍ଚାୟତ ଜଗଦେଇପୁର ଗ୍ରାମର ବାସିନ୍ଦା। ଗୋଚର ଜମି ଜବରଦଖଲ ହୋଇଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ତହସିଲ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଓ ଜମି ଜବରଦଖଲକାରୀଙ୍କଠାରୁ ତହସିଲଦାର ଲାଞ୍ଚ ନେଇଥିବା ନେଇ ଅଭିଯୋଗ ହୋଇଛି। ଏହି ଅଭିଯୋଗର ସ୍ୱାଧୀନ ଯାଞ୍ଚ ହୋଇ ନ ଥିବାବେଳେ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ମିଳିଥିବା ସୂଚନା ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜଗଦେଇପୁର ଗ୍ରାମର ଖାତା ନମ୍ବର ୨୯୯ ଓ ପ୍ଲଟ୍ ନମ୍ବର ୬୪୮ରେ ଥିବା ପ୍ରାୟ ୯୭ ଡେସିମିଲ ଗୋଚର ଜମିକୁ ଗ୍ରାମର କୁଳମଣି ଦାସ ଜବରଦଖଲ କରି ସେଠାରେ ଏକ ଘରୋଇ ବିଦ୍ୟାଳୟ ନିର୍ମାଣ କରି ବ୍ୟବସାୟ ଚଳାଇଛନ୍ତି। ଏହି ଜମି ଜବରଦଖଲ ହୋଇଥିବା ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଜମିକୁ ଜବରଦଖଲମୁକ୍ତ କରିବା ଦିଗରେ ପଦକ୍ଷେପ ନିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ରବୀନ୍ଦ୍ର ପଣ୍ଡା, ସାଗର ଦାସଙ୍କ ସମେତ ବହୁ ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ଗୋଚର ଜମିର ସ୍ଥିତି ଯାଞ୍ଚ କରି ଜବରଦଖଲ ହଟାଇବା ସହ ଅର୍ଥ କାରବାର ସମ୍ପର୍କିତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଅଭିଯୋଗର ଅନୁଧ୍ୟାନ କରି ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଖବରକାଗଜ ବିକ୍ରେତାଙ୍କୁ ସମ୍ବର୍ଦ୍ଧନା



ଡେରାବିଶ, ୧୨।୧୦(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମର ଖବରକାଗଜ ବିକ୍ରେତା ସୁଶାନ୍ତ ମଲିକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଉପସଭାନେତ୍ରୀ ମନୀଷା ପଣ୍ଡା ସମ୍ବର୍ଦ୍ଧିତ କରିଛନ୍ତି। ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ସମ୍ପର୍କରେ ପଚାରିବା ସହିତ ଦଳ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଏହି କ୍ରମରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଉପସଭାନେତ୍ରୀ ଶ୍ରୀମତୀ ପଣ୍ଡା ସୁଶାନ୍ତଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚିଛି କି ନାହିଁ ବୋଲି ପଚାରି ବୁଝିଥିଲେ।

## ଯଅଁରାବାରିମୂଳରେ କବାଟ ତାଡ଼ି ଚୋରି

ଡେରାବିଶ, ୧୨।୧୦(ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତର ଯଅଁରାବାରିମୂଳ ଗ୍ରାମର ଦମୟନ୍ତୀ ସେଠୀଙ୍କ ଘର କବାଟ ତାଡ଼ି ଚୋରି ହୋଇଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଦମୟନ୍ତୀଙ୍କ ପରିବାର ଶୋଇଥିବା ସମୟରେ କେହି ଦୁର୍ବୃତ୍ତ ଘରର ମୁଖ୍ୟ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ଦମୟନ୍ତୀ ଶୋଇଥିବା ବଖରାର ବାହାରପଟୁ ବନ୍ଦ କରି ଅନ୍ୟ ବଖରାରେ ଥିବା ଦୁଇଟି ଟ୍ରଙ୍କ ଭାଙ୍ଗି ସେଥିରେ ଥିବା ଆସବାବପତ୍ର, ୬୦ ହଜାର ଟଙ୍କା ଓ ରୁପା ଗହଣା ଚୋରି କରିନେଇଥିବା ଦମୟନ୍ତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଦମୟନ୍ତୀ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ



ପଞ୍ଚୁପାଣ୍ଡବ,୧୨।୧୦(ସମିସ): ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତ୍ରିପୁରାରୀପୁର ଗ୍ରାମର ସ୍ୱର୍ଗତ ପ୍ରଦୀପ ଜେନାଙ୍କ ବଡ଼ପୁଅ ଜ୍ଞାନରଞ୍ଜନ (୨୮)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଜ୍ଞାନରଞ୍ଜନ ରବିବାର ରାତିରେ ବାଇକ ଯୋଗେ କୌଣସି କାମରେ ଯାଇ ସଦାନନ୍ଦପୁରରୁ ଘରକୁ ଫେରୁଥିବାବେଳେ ଲକ୍ଷ୍ମୀନାରାୟଣପୁର-ବେଣୀପୁର ରାସ୍ତାର ଅଙ୍ଗାରୁଆ ପାଟ ରାସ୍ତା ମଝିରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ରାତି ପ୍ରାୟ ସାଢ଼େ ୮ଟା ବେଳକୁ ରାସ୍ତା କଡ଼ରେ ପଡ଼ିଥିବା ପଡୋଶୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ଜ୍ଞାନରଞ୍ଜନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୌଣସି ଗାଡ଼ି ଧକ୍କା ଦେବାରୁ ଜ୍ଞାନରଞ୍ଜନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ସାନଭାଇ ନିକିରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିକିରାଇ ଥାନା ପୁଲିସ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

## ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

# ବାଜିବନି ଡିଜେ, ବୁଲା ଗାଈଗୋରୁ ପ୍ରବେଶ ନିଷେଧ

ପଟ୍ଟାମୁଣ୍ଡାଇ,୧୨।୧୦(ସମିସ):



ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ମାନସ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଅତିରିକ୍ତ ତହସିଲଦାର ସଚ୍ଚିଦାନନ୍ଦ ନାୟକ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଅଗ୍ନିଶମ ଅଧିକାରୀ ବସନ୍ତ ପାତ୍ର, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଯୋଗଦେଇ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ଦିଗରେ ସରକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଡିଜେ ଉପରେ ସରକାରୀ କଟକଣା ଥିବାରୁ ଡିଜେକୁ ବ୍ୟାନ କରାଯାଇଥିଲା। ଭସାଣିରେ ପରମ୍ପରିକ ବାଦ୍ୟ ସହ କମ ସାଉଣ୍ଡ ସହ ଭାଇବ୍ରେଟର ନ ଲଗାଇବା ନେଇ ସର୍ତ୍ତମୂଳକ ଅନୁମତି ପ୍ରଦାନ କରାଯାଇଥିଲା।

ସେହିପରି ମେଡିକାଲ ଛକ, ବାଇପାସ ଛକ ଓ କେନାଲ ପୋଲ ନିକଟରେ ପୁଲିସ ନିୟନ୍ତ୍ରଣ ବ୍ୟବସ୍ଥା, ନିଶା ଦ୍ରବ୍ୟ କାରବାର ଓ ବୁଲା ଗାଈଗୋରୁ ପ୍ରବେଶକୁ କଡ଼ାକଡ଼ି ଭାବେ ନିଷେଧ, ରାସ୍ତା ମରାମତି, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ବିସର୍ଜନ ଘାଟରେ ଦଳ ସଫେଇ ଓ ଆଲୋକ ବ୍ୟବସ୍ଥା, କୁମ୍ଭୀର ପାଇଁ ସତର୍କତା, ଅପମିଶ୍ରିତ ଖାଦ୍ୟ ବିକ୍ରି ଉପରେ କଟକଣା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରିବା, ବ୍ୟବସ୍ଥିତ ବିଦ୍ୟୁତ ଓ ପରିମଳ ବ୍ୟବସ୍ଥା, ଅସ୍ଥାୟୀ ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା, ମେଢ଼ ଯିବା ପାଇଁ ବାଧା ସୃଷ୍ଟି କରୁଥିବା ଗଛ କାଟିବା, ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ପାଇଁ ରୋଡ଼ ସେଫ ବ୍ୟବସ୍ଥା କରାଯିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ପୂଜା ଉତ୍ସବରେ ଜନଗହଳି ଓ ଟ୍ରାଫିକ ନିୟନ୍ତ୍ରଣ ଦୃଷ୍ଟିରୁ ବଜାର ମଧ୍ୟକୁ ଚାରିଚକିଆ ଓ ଦୁଇଚକିଆ ଯାନବାହନ ଚଳାଚଳ ଉପରେ ପରିସ୍ଥିତି ଦେଖି କଟକଣା ଜାରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଶାନ୍ତି କମିଟି ବଣିକ ସଂଘ, ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ ପଟ୍ଟାମୁଣ୍ଡାଇ ସହରରେ ୨୭ଟି ସ୍ଥାନରେ ପୂଜା ହେଉଛି। ଭସାଣି ଉତ୍ସବ ଦିନ ୧୦ଟାରୁ ଆରମ୍ଭ ହୋଇ ରାତି ୧୦.୩୦ଟା ପର୍ଯ୍ୟନ୍ତ ଚାଲିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ରାସ୍ତା, ଆଲୋକ, ପରିମଳ ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ

ସକାଳ
THE SAKALA

# ସମ୍ପାଦକୀୟ



ବିଧ୍ୱଂସକାରୀ ଅସ୍ତ୍ର ନିର୍ମାଣରେ ଆଣବିକ ଶକ୍ତି ବିନିଯୋଗ ହେବା ଅନୁଶୋଚନୀୟ।
-ଲାଲ ବାହାଦୂର ଶାସ୍ତ୍ରୀ

## ଘରୋଇ ଡାକ୍ତରଖାନାର ପଞ୍ଝା

ରାସନ୍ ଦୋକାନୀ ଯେପରି ସେ ବିକ୍ରି କରୁଥିବା ସାମଗ୍ରୀର ଏକ ଦରତାଲିକା ଗ୍ରାହକମାନଙ୍କ ସୂଚନା ନିମନ୍ତେ ଦୋକାନ ଆଗରେ ରଖେ ସେପରି ଘରୋଇ ଡାକ୍ତରଖାନାଗୁଡ଼ିକ ଯୋଗାଉଥିବା ସେବା(ପରୀକ୍ଷା, ଶଯ୍ୟା ଖର୍ଚ୍ଚ, ଡାକ୍ତରୀ ଫି', ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ)ର ଦର ତାଲିକା ବା ରେଟ୍ ଚାର୍ଟ ଡାକ୍ତରଖାନା ଆଗରେ କିମ୍ବା ଅଭ୍ୟର୍ଥନା କକ୍ଷରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶ ଜାରି କରିଛି। ନିର୍ଦ୍ଦିଷ୍ଟ କର୍କଟ ଉପଶମ ଔଷଧର ପାଇକାରୀ ଦର ଓ ଖାଉଟି ଦର ଭିତରେ ୧୦ ଗୁଣ ଫରକ୍ ଦେଖିବା ପରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅସନ୍ତୋଷ ପ୍ରକାଶ କରି ଏହାକୁ 'ଦିବାଲୋକ ଡକାୟତି' ଭାବେ ଅଭିହିତ କରିଥିଲେ। ଏହାପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଉପରୋକ୍ତ ପଦକ୍ଷେପ ନେଇଛି। ଗରିବ ରୋଗୀଟିଏ ଯେପରି ଆଉ ଘରୋଇ ଡାକ୍ତରଖାନା ଦ୍ୱାରା ଚିକିତ୍ସା ପରେ ଆର୍ଥିକ ଶୋଷଣର ଶିକାର ହେବ ନାହିଁ ଏବଂ ବିଭିନ୍ନ ଡାକ୍ତରଖାନାର ଚିକିତ୍ସା ଖର୍ଚ୍ଚକୁ ତୁଳନା କରିବା ପରେ ସେ ନିଜ ସମ୍ବଳ ଅନୁସାରେ ଡାକ୍ତରଖାନା ଚୟନ କରିପାରିବ - ଏହି ଲକ୍ଷ୍ୟରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରାଯାଇଥିବାରୁ ପଦକ୍ଷେପକୁ ମହତ୍ ଓ ସ୍ୱାଗତଯୋଗ୍ୟ କୁହାଯାଇପାରେ।

ସରକାରୀ ଡାକ୍ତରଖାନାରେ ଚିକିତ୍ସା ସେବାର ଗୁଣ ଓ ମାନ ଦିନକୁ ଦିନ ହ୍ରାସ ପାଇ ଚାଲିଛି। ବର୍ଷକୁ ପ୍ରାୟ ୮୦ ହଜାରରୁ ୧ ଲକ୍ଷ ଏମ୍‌ବିବିଏସ୍ ବା ଡାକ୍ତରୀ ଡିଗ୍ରୀଧାରୀ ଚିକିତ୍ସା ପାଇଁ ପ୍ରସ୍ତୁତ ହେଉଥିଲେ ମଧ୍ୟ ସରକାରୀ ଡାକ୍ତରଖାନାମାନଙ୍କରେ ଡାକ୍ତର ସଂଖ୍ୟାରେ ଗୁରୁତର ଅଭାବ ଲାଗି ରହିଛି। ଭିତ୍ତିଭୂମି ଓ ଚିକିତ୍ସା ଉପକରଣର ଉପଲବ୍ଧି କଥା ନ କହିବା ଭଲ। ଏହାର ଭରପୂର ଫାଇଦା ନେଉଛନ୍ତି ଘରୋଇ ଡାକ୍ତରଖାନା, କ୍ଲିନିକ୍, ନର୍ସିଂ ହୋମ୍, କର୍ପୋରେଟ୍ ହସ୍ପିଟାଲ୍ ଇତ୍ୟାଦି। ଡାକ୍ତରୀ ପାସ୍ କରି ସରକାରୀ ଚାକିରି ସୁଯୋଗ ପାଉ ନଥିବା ମେଧାବୀମାନଙ୍କୁ ଘରୋଇ ଡାକ୍ତରଖାନାମାନେ ଉଚ୍ଚ ଦରମାରେ ନିଯୁକ୍ତି ଦେଉଛନ୍ତି। ତା'ସାଙ୍ଗକୁ ସେମାନେ ଉଚ୍ଚମାନର ଅତ୍ୟାଧୁନିକ ଚିକିତ୍ସା ଉପକରଣ ଓ ଭିତ୍ତିଭୂମି ବିକାଶରେ ବିପୁଳ ପୁଞ୍ଜି ବିନିଯୋଗ କରୁଛନ୍ତି। ରୋଗୀଙ୍କୁ ଆକୃଷ୍ଟ କରିବାକୁ କର୍ପୋରେଟ୍ ହସ୍ପିଟାଲ୍‌ଗୁଡ଼ିକୁ ତାରକା ହୋଟେଲ୍ ଶୈଳୀରେ ସଜାଇବାରେ ପ୍ରତିଯୋଗିତା ମଧ୍ୟ ବଢ଼ିଚାଲିଛି।

ଘରୋଇ ଡାକ୍ତରଖାନା ମାଲିକମାନେ ଉଚ୍ଚ ଦରମା ଓ ଭିତ୍ତିଭୂମି ବିକାଶରେ ଯେତିକି ପୁଞ୍ଜି ନିବେଶ କରୁଛନ୍ତି ତାହାର କଡ଼ା ଗଣ୍ଡା ଆଦାୟ କରୁଛନ୍ତି ବିଚରା ରୋଗୀମାନଙ୍କଠାରୁ। ସେମାନଙ୍କ ଦୃଷ୍ଟିରେ ଧନୀ ଗରିବ ସମସ୍ତେ ସମାନ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବୀମା ବ୍ୟବସ୍ଥା ଘରୋଇ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ମନମୁଖି ଓ ମହଙ୍ଗା କରିଦେଇଛି। କେତେକ ଘରୋଇ ଡାକ୍ତରଖାନା ମାଲିକାନାରେ ଚିକିତ୍ସା ସେବା ସହିତ ନିଦାନ, ଔଷଧ ଓ ବୀମା ଶିଳ୍ପ ଚାଲୁଛି। ସେଥିରେ ବୈଦେଶିକ ପୁଞ୍ଜି ସହିତ ଘରୋଇ କଳାଧନ ନିବେଶ ହୋଇଥିବା ଅଭିଯୋଗ ଆସୁଛି। ରୋଗୀ ଓ ସମ୍ପର୍କୀୟଙ୍କୁ ସେହି ମାଲିକାନା ଅଧୀନରେ ବିଭିନ୍ନ ନାମରେ ଚାଲୁଥିବା ନିଦାନ କେନ୍ଦ୍ରରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା, ସେହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଔଷଧ କିଣିବା ଏବଂ ସେହି ସଂସ୍ଥାର ବୀମା ଗ୍ରହଣ କରିବାକୁ ଏକପ୍ରକାର ବାଧ୍ୟ କରାଯାଉଛି।

ସରକାରୀ ଡାକ୍ତରଖାନାରୁ ନିରାଶ ହେବା ପରେ ଜୀବନ ବଞ୍ଚାଇବା ପାଇଁ ଗରୀବ ରୋଗୀଟିଏ ନିଜ ବିଲବାଡ଼ି ଘରଦ୍ୱାର ବିକ୍ରି କରି କିମ୍ବା ବନ୍ଧା ପକେଇ ଅଗତ୍ୟା ଘରୋଇ ଡାକ୍ତରଖାନା ମୁହାଁ ହେଉଛି। ଥରେ ସେଠାରେ ପଶିଗଲା ପରେ ବିଭିନ୍ନ କଳକୌଶଳରେ ସେମାନଙ୍କଠାରୁ ଅର୍ଥ ଶୋଷଣ ହେଉଛି। ଚିକିତ୍ସା ଶେଷ ହେବା ପରେ ମେଡିକାଲ୍ ବିଲ୍ ଦେଖି ଛାନିଆ ହେବା ଛଡ଼ା ଆଉ ତା'ର ଉପାୟ ନାହିଁ। ଚିକିତ୍ସା କରୁଥିବା ଡାକ୍ତର ଓ ନର୍ସମାନେ ସେଠାରୁ ଉଚ୍ଚ ହାରରେ ଦରମା ପାଉଥିବାରୁ ଜାଣିଶୁଣି ଅନ୍ୟାୟକୁ ପ୍ରଶ୍ରୟ ଦେଇ ଚାଲୁଛନ୍ତି। ଥରେ ଘରୋଇ ଡାକ୍ତରଖାନା ପଞ୍ଝାରେ ପଶିଗଲା ପରେ ସେଥିରୁ ମୁକୁଳିବାର ସମ୍ଭାବନା କମ୍। କେତେକ କ୍ଷେତ୍ରରେ ଘରୋଇ ଡାକ୍ତରଖାନାର ପଞ୍ଝାରେ ପଡ଼ି ସର୍ବସ୍ୱାନ୍ତ ହୋଇଯାଇଥିବା ଗରିବ ରୋଗୀମାନେ ଅଧା ଚିକିତ୍ସାରେ ହିଁ ଭାଗ୍ୟକୁ ଆଦରି ଚାଲିଆସୁଛନ୍ତି। ଗରିବ ଲୋକମାନଙ୍କୁ ସହାୟତା ପାଇଁ କେନ୍ଦ୍ର ସରକାର 'ଆୟୁଷ୍ମାନ ଭାରତ' ନାମରେ ଯେଉଁ ସ୍ୱାସ୍ଥ୍ୟ ବୀମା ଯୋଜନାଟି ଆଣିଛନ୍ତି ତାହା ଧର୍ମକୁ ଆଖିଠାର ବୋଲି ଅଭିଯୋଗ ବଢ଼ିବାରେ ଲାଗିଛି।

କ୍ଲିନିକାଲ୍ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟର ଧାରା ୯ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ଘରୋଇ ଡାକ୍ତରଖାନାମାନେ ଡାକ୍ତରଖାନା ପରିସରର ସାର୍ବଜନିନ ସ୍ଥାନରେ ସ୍ଥାନୀୟ ଆଞ୍ଚଳିକ ଭାଷା ସମେତ ଇଂରାଜୀରେ ସେମାନଙ୍କ ଚିକିତ୍ସା ଓ ସେବା ଖର୍ଚ୍ଚ ତାଲିକା ପ୍ରକାଶ କରିବାକୁ ବାଧ୍ୟ। କିନ୍ତୁ ସମ୍ପୃକ୍ତ ରାଜ୍ୟ ଶାସନ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ କିମ୍ବା ଜାଣିଶୁଣି ଅବହେଳା କରୁଥିବାରୁ ଘରୋଇ ଡାକ୍ତରଖାନାମାନଙ୍କର ପଞ୍ଝା ବିସ୍ତାର ହୋଇଚାଲିଛି। ତେଣୁ ଧାରା ୯ର କାର୍ଯ୍ୟକାରିତା ନିଶ୍ଚିତ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଉକ୍ତ ଆଇନ ଲାଗୁ ହୋଇଥିବା ୧୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସନକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁଅଞ୍ଚଳରେ ଉକ୍ତ ଆଇନ କାର୍ଯ୍ୟକାରୀ ହୋଇନାହିଁ ସେଠାରେ ସମ୍ପୃକ୍ତ ଶାସନ/ପ୍ରଶାସନ ନିଜସ୍ୱ ନିୟମରେ ଉପରୋକ୍ତ ନିର୍ଦ୍ଦେଶନାମାକୁ ସାମିଲ୍ କରିବାକୁ କୁହାଯାଇଛି। ଏଥିସହିତ ବିଦେଶୀ ରୋଗୀଙ୍କ ଚିକିତ୍ସା ପାଇଁ ଧାର୍ଯ୍ୟ ରେଟ୍ ଚାର୍ଟ ଲଗାଇବାକୁ ନିର୍ଦ୍ଦେଶନାମାରେ ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ଚିକିତ୍ସା ପରବର୍ତ୍ତୀ ମେଡିକାଲ୍ ବିଲ୍ ବିବାଦ ସଂଖ୍ୟା ହ୍ରାସ ପାଇବ ବୋଲି ମନ୍ତ୍ରଣାଳୟ କହିଛି।

ସାମଗ୍ରିକ ପୃଷ୍ଠଭୂମିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଉପରୋକ୍ତ ପଦକ୍ଷେପ ଘରୋଇ ଡାକ୍ତରଖାନାମାନଙ୍କର ପଞ୍ଝାରୁ କିଛି ପରିମାଣରେ ରୋଗୀ ଓ ସମ୍ପର୍କୀୟ ପାଇଁ ନିସ୍ତାରର ଛୋଟ ଛିଦ୍ରଟିଏ ଖୋଲିବାରେ ସାହାଯ୍ୟ କରିପାରିବ ବୋଲି ଆଶା କରାଯାଇପାରେ। ଏହି ଆଶା ଯେପରି ନିରାଶାରେ ପରିଣତ ନ ହୁଏ ଏବଂ ନିର୍ଦ୍ଦେଶନାମାନା ଅଢ଼େଇ ଦିନର ପ୍ରହସନରେ ପରଣିତ ନ ହୁଏ ତାହା ଦେଖିବା ଏବେ ସମ୍ପୃକ୍ତ ଆଞ୍ଚଳିକ ଶାସନ ଓ ପ୍ରଶସାନର ଦାୟିତ୍ୱ ଓ କର୍ତ୍ତବ୍ୟ। ଜନମଙ୍ଗଳ ରାଷ୍ଟ୍ରରେ ସରକାରଙ୍କଠାରୁ ଏତିକି ଆଶା କରିବା ଭୁଲ୍ ନୁହେଁ।

# ଛାତ୍ର ନିର୍ବାଚନର ଇତିହାସ, ଉପଲବ୍ଧି ଓ ଆବଶ୍ୟକତା

ସମୀର ବିଶ୍ୱାଳ

ଶିକ୍ଷାନୁଷ୍ଠାନ କେବଳ ଡିଗ୍ରୀ ହାସଲର କାରଖାନା ନୁହେଁ। ଏହା ଭବିଷ୍ୟତର ନାଗରିକ, ଚିନ୍ତକ, ଗବେଷକ, ପ୍ରଶାସକ ଓ ସମାଜର ନେତୃତ୍ୱ ତିଆରି କରିବାର ପ୍ରୟୋଗଶାଳା। ଏହି ପ୍ରୟୋଗଶାଳାରେ ଛାତ୍ର ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ଛୋଟ ଅଥଚ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା। ଏଠାରେ ଜଣେ ଛାତ୍ର ପ୍ରଥମଥର ପାଇଁ ଭୋଟ, ପ୍ରଚାର, ନେତୃତ୍ୱ, ନୀତି, ମତଭେଦ, ଆଲୋଚନା, ଜବାବଦେହିତା ଓ ପରାଜୟକୁ ଗ୍ରହଣ କରିବା ଶିଖେ। କିନ୍ତୁ ଛାତ୍ର ନିର୍ବାଚନର ଅର୍ଥ କେବଳ କଲେଜ କ୍ୟାମ୍ପସରେ ପ୍ରାର୍ଥୀ ଚୟନ କରିବା ନୁହେଁ। ଭାରତର ଇତିହାସରେ ଛାତ୍ର ସମାଜ ଅନେକ ସମୟରେ ବଡ଼ ସାମାଜିକ ଓ ରାଜନୈତିକ ପରିବର୍ତ୍ତନର ଅଗ୍ରଭାଗରେ ରହିଆସିଛନ୍ତି। ଓଡ଼ିଶାର ଇତିହାସ ମଧ୍ୟ ଏଥିରୁ ବାଦ ପଡ଼ିନାହିଁ।

ଦୀର୍ଘ ଆଠବର୍ଷ ପରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପୃଷ୍ଠଭୂମିରେ ଛାତ୍ରସଂସଦ ନିର୍ବାଚନର ଇତିହାସ, ଉପଲବ୍ଧି ଓ ଆବଶ୍ୟକତାକୁ ନୂଆ ଦୃଷ୍ଟିରେ ଦେଖିବାର ସମୟ ଆସିଛି। ଭାରତରେ ସଂଗଠିତ ଛାତ୍ର ଆନ୍ଦୋଳନର ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେଉଛି ୧୨ ଅଗଷ୍ଟ ୧୯୩୬ରେ 'ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେସନ୍(ଏଆଇଏସ୍‌ଏଫ୍)' ଗଠନ। ଏହା ଭାରତୀୟ ଛାତ୍ର ସମାଜକୁ ଏକ ସଂଗଠିତ ଜାତୀୟ ମଞ୍ଚ ଦେଇଥିଲା। ଛାତ୍ରମାନେ ଶିକ୍ଷାର ସମସ୍ୟା ସହିତ ଦେଶର ସ୍ୱାଧୀନତା ଓ ସାମାଜିକ ପ୍ରଶ୍ନରେ ମଧ୍ୟ ସକ୍ରିୟ ହୋଇଥିଲେ। ସ୍ୱାଧୀନତା ପରେ ଛାତ୍ର ରାଜନୀତିର ଚରିତ୍ର ଧୀରେ ଧୀରେ କଡ଼ ଲେଉଟାଇଲା। ଜାତୀୟ ସ୍ୱାଧୀନତାର ପ୍ରଶ୍ନ ପରିବର୍ତ୍ତେ ଶିକ୍ଷା, ଫି ବୃଦ୍ଧି, ଛାତ୍ରାବାସ, ଚାକିରି, ବେକାରି, ଦୁର୍ନୀତି, ଗଣତାନ୍ତ୍ରିକ ଅଧିକାର ଓ ସାମାଜିକ ନ୍ୟାୟ ଭଳି ପ୍ରଶ୍ନ ଛାତ୍ର ଆନ୍ଦୋଳନର କେନ୍ଦ୍ରକୁ ଆସିଲା। ଏହି ପରମ୍ପରାରୁ ଛାତ୍ରସଂଘ ଓ ଛାତ୍ରସଂସଦ ନିର୍ବାଚନର ଗୁରୁତ୍ୱ ବଢ଼ିଲା।

୧୯୨୦ର ଅସହଯୋଗ ଆନ୍ଦୋଳନ ସମୟରୁ ଓଡ଼ିଶାରେ ଛାତ୍ର ଓ ଯୁବକମାନେ ଜାତୀୟ ଆନ୍ଦୋଳନରେ ସକ୍ରିୟ ଥିଲେ। କଟକର ସ୍କୁଲ ଓ ରେଭେନ୍ସା କଲେଜର ଛାତ୍ରମାନଙ୍କ ମଧ୍ୟରେ ବ୍ରିଟିଶ ବିରୋଧୀ ଚେତନା ଦେଖା ଦେଇଥିଲା। ବିଶେଷକରି ରେଭେନ୍ସା କଲେଜ ଓଡ଼ିଶାର ଛାତ୍ର ଆନ୍ଦୋଳନ ଓ ଛାତ୍ର ନେତୃତ୍ୱର ଇତିହାସର ଏକ ପ୍ରମୁଖ କେନ୍ଦ୍ର ଥିଲା। ୧୯୨୭ ମସିହା ଜାନୁଆରୀ ୧୫-୧୬ରେ କଟକରେ 'ଅଲ୍ ଓରିସା ଷ୍ଟୁଡେଣ୍ଟସ୍ କନ୍‌ଫେରେନ୍ସ' ଅନୁଷ୍ଠିତ ହୋଇଥିଲା। ଏହି ଛାତ୍ର ସମ୍ମିଳନୀରେ ଛାତ୍ରମାନଙ୍କ ମଧ୍ୟରେ ପରସ୍ପର ସହଯୋଗ, ଗ୍ରାମର ସ୍ୱାସ୍ଥ୍ୟ ଓ ପରିମଳ, ଅଧିକ ପାଠାଗାର ଓ ଅଧ୍ୟୟନ କେନ୍ଦ୍ର ସ୍ଥାପନ ଭଳି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହର ପ୍ରଭାବ ରେଭେନ୍ସା କଲେଜରେ ମଧ୍ୟ ପଡ଼ିଥିଲା। ୧୯୩୧-୩୫ ମଧ୍ୟରେ ଛାତ୍ରାବାସର ଖାଦ୍ୟର ଗୁଣବତ୍ତା ନେଇ ଛାତ୍ରମାନଙ୍କ ଆନ୍ଦୋଳନର ଉଦାହରଣ ରହିଛି। ୧୯୪୨ର 'ଭାରତ ଛାଡ଼' ଆନ୍ଦୋଳନ ସମୟରେ ରେଭେନ୍ସାର ଛାତ୍ରମାନେ ଅଗ୍ରଣୀ ଭୂମିକା ନେଇଥିଲେ। ଓଡ଼ିଶାରେ ଛାତ୍ର ନେତୃତ୍ୱର ମୂଳ ଶିକ୍ଷା ଥିଲା - ଅନ୍ୟାୟ ବିରୋଧରେ ସ୍ୱର, ସମାଜ ପ୍ରତି ଦାୟିତ୍ୱ ଓ ଦେଶ ପ୍ରତି ନିଷ୍ଠା। ଜାତୀୟତାବାଦୀ ଓ ଗଣତାନ୍ତ୍ରିକ ଚେତନାରେ ପ୍ରେରିତ ଛାତ୍ରମାନେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ହୋଇଥିଲେ ଏବଂ ଏହି ସମୟରେ 'ରେଭେନ୍ସା କଲେଜ୍ ଷ୍ଟୁଡେଣ୍ଟସ୍ ୟୁନିୟନ୍'ଗଠନ ହୋଇଥିଲା।

ଛାତ୍ର ନିର୍ବାଚନରେ ପ୍ରାର୍ଥୀ ଭାବରେ ଛିଡ଼ା ହେବା ବା ଜିତିବାକୁ ଉପଲବ୍ଧି ଭାବିବା ଭୁଲ୍। ଜଣେ ଛାତ୍ର ନିର୍ବାଚନ ପ୍ରକ୍ରିୟାକୁ ଆସିଲେ ଭଲଭାବରେ ବୁଝି ପାରିବ ଯେ ଭୋଟ ମାଗିବା ସହଜ, କିନ୍ତୁ ଭୋଟର ବିଶ୍ୱାସ ଜିତିବା କଷ୍ଟକର। ଏହି ଅଭିଜ୍ଞତା ଭବିଷ୍ୟତର ଗଣତାନ୍ତ୍ରିକ ଜୀବନ ପାଇଁ ଏକ ପ୍ରସ୍ତୁତି। ଏହାର ବଡ଼ ଉପଲବ୍ଧି ହେଉଛି ନେତୃତ୍ୱ ନିର୍ମାଣ। ଛାତ୍ର ସଂସଦରେ ଜଣେ ପ୍ରାର୍ଥୀ ଭାଷଣ ଦେବା, ପ୍ରଶାସନ ଓ ଲୋକଙ୍କ ସହ କଥା ହେବା, ସମସ୍ୟା ବୁଝିବା, ବିରୋଧୀଙ୍କ ସହ ଆଲୋଚନା କରିବା, ନିଷ୍ପତ୍ତି ନେବାର କୌଶଳ ଶିଖେ। ଛାତ୍ର ସଂସଦର ଏକ ମୁଖ୍ୟ କାମ ହେଉଛି ଛାତ୍ରଙ୍କ ସମସ୍ୟା ପ୍ରଶାସନ ସମ୍ମୁଖରେ ରଖିବା। ଉଦାହରଣ ସ୍ୱରୂପ ଫି' ବୃଦ୍ଧି, ଛାତ୍ରାବାସ, ପାଣି, ଶୌଚାଳୟ, ପୁସ୍ତକାଳୟ, ଶିକ୍ଷକ ଅଭାବ, ପରୀକ୍ଷା ସମସ୍ୟା, କ୍ୟାମ୍ପସ ସୁରକ୍ଷା ଓ ନିଯୁକ୍ତି ସୁଯୋଗ ଭଳି ପ୍ରଶ୍ନ ଛାତ୍ର ନେତାମାନେ ଉଠାଇପାରନ୍ତି। ରକ୍ତଦାନ, ବନ୍ୟା ଓ ବିପର୍ଯ୍ୟୟ ସହାୟତା, ଗ୍ରାମୀଣ ସଚେତନତା, ପରିବେଶ ସୁରକ୍ଷା, ନିଶା ବିରୋଧୀ ଅଭିଯାନ ଭଳି କାର୍ଯ୍ୟରେ ମଧ୍ୟ ଛାତ୍ର ସଂଗଠନର ଭୂମିକା ରହିଛି।

ଭାରତୀୟ ଛାତ୍ର ରାଜନୀତିର ସବୁଠାରୁ ବଡ଼ ଅବଦାନ ହେଉଛି - ଏହା ଅନେକ ନେତାଙ୍କୁ ଗଢ଼ିଛି। ଓଡ଼ିଶାର ଅନେକ ସଫଳ ଛାତ୍ର ନେତା କ୍ୟାମ୍ପସରୁ ରାଜ୍ୟ ଓ ଜାତୀୟ ରାଜନୀତିରେ ନିଜର ନେତୃତ୍ୱ ପ୍ରତିଭାର ପରିଚୟ ଦେଇଛନ୍ତି। ରେଭେନ୍ସାରୁ ରବି ରାୟ, ତାଳଚେର କଲେଜରୁ ଧର୍ମେନ୍ଦ୍ର ପ୍ରଧାନ, ବାଙ୍କୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ରାଜନୀତିରୁ ଅରୁଣ ସାହୁ, ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ପ୍ରତାପ ଜେନା, ଗଙ୍ଗାଧର ମେହେର କଲେଜରୁ ସୁରେଶ ପୂଜାରୀ - ଏହି ଯାତ୍ରାଗୁଡ଼ିକ ଦେଖାଏ ଯେ କ୍ୟାମ୍ପସ ନେତୃତ୍ୱ ଏକ ବଡ଼ ରାଜନୈତିକ ଓ ସାମାଜିକ ଯାତ୍ରାର ଆରମ୍ଭ ହୋଇପାରେ।

ଅପରପକ୍ଷରେ ଛାତ୍ର ନିର୍ବାଚନର କେତୋଟି ଖରାପ ପାର୍ଶ୍ୱ କୁ ମଧ୍ୟ ଅଣଦେଖା କରିହେବ ନାହିଁ। କେତେକ ସ୍ଥାନରେ ଗୋଷ୍ଠୀ ସଂଘର୍ଷ, ବାହ୍ୟ ରାଜନୈତିକ ହସ୍ତକ୍ଷେପ, ଅର୍ଥବଳ, ବାହୁବଳ, ହିଂସା, ଭୟଭୀତ କରିବା, ନିର୍ବାଚନୀ ଅନିୟମିତତା ଭଳି ସମସ୍ୟା ରହିଛି। ଯାହା ଏକ କଲେଜ ବା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସୁସ୍ଥ ପରିବେଶକୁ ଖରାପ କରିପାରେ। ଏହି କାରଣରୁ ୨୦୦୫ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୦୬ରେ ପୂର୍ବତନ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜେ ଏମ୍ ଲିଙ୍ଗଡ଼ୋଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା, ଯାହା ଛାତ୍ର ନିର୍ବାଚନରେ ଅପରାଧୀକରଣ, ଅର୍ଥବଳ, ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଅଭିଯୋଗ ନିରାକରଣ ଭଳି ବିଷୟ ଉପରେ ବିଚାର କରିଥିଲା। ୨୨ ସେପ୍ଟେମ୍ବର ୨୦୦୬ରେ ସୁପ୍ରିମକୋର୍ଟ ଲିଙ୍ଗଡ଼ୋ କମିଟିର ସୁପାରିସକୁ ଗ୍ରହଣ କରି ଛାତ୍ର ପ୍ରତିନିଧି ନିର୍ବାଚନ ପାଇଁ ନିୟମ ଅନୁସରଣ କରିବାକୁ କହିଥିଲେ। ଏହି ନିୟମଗୁଡ଼ିକର ଉଦ୍ଦେଶ୍ୟ ଥିଲା ଛାତ୍ର ନିର୍ବାଚନରେ ଗଣତନ୍ତ୍ର ରହୁ, କିନ୍ତୁ କ୍ୟାମ୍ପସର ଶିକ୍ଷା ପରିବେଶ ନଷ୍ଟ ନ ହେଉ।

ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଦୀର୍ଘ ସମୟ ଧରି ହୋଇଆସୁଥିଲା। କିନ୍ତୁ କ୍ୟାମ୍ପସ ହିଂସା ଓ ଅଶାନ୍ତି ବଢ଼ିବାରୁ ଅନେକ ସ୍ଥାନରେ ନିର୍ବାଚନ ବାତିଲ୍ ହେବା ଆରମ୍ଭ ହେଲା। ୨୦୧୭ରେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ କିଛି ପ୍ରମୁଖ ଶିକ୍ଷାନୁଷ୍ଠାନରେ ହିଂସା ଓ ଅଶାନ୍ତି କାରଣରୁ ନିର୍ବାଚନ ବାତିଲ୍ ହୋଇଥିଲା। ୨୦୧୮ରେ ଓଡ଼ିଶାରେ ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ନିର୍ବାଚନ ହୋଇନଥିଲା। ସେହି ବର୍ଷ ବାତ୍ୟା ତିତିଲି କାରଣରୁ ସାରା ରାଜ୍ୟର ନିର୍ବାଚନ ମଧ୍ୟ ବାତିଲ୍ କରାଯାଇଥିଲା। ୨୦୧୯ ପରଠାରୁ ନିର୍ବାଚନ ପ୍ରକ୍ରିୟା ସ୍ୱାଭାବିକ ଭାବରେ ଫେରିପାରିଲା ନାହିଁ। ଏହା ପରେ କୋଭିଡ-୧୯ ମହାମାରୀ ମଧ୍ୟ ଉଚ୍ଚଶିକ୍ଷାର ସାଧାରଣ ପ୍ରକ୍ରିୟାକୁ ପ୍ରଭାବିତ କଲା। ତା' ପରଠାରୁ ଏ ଯାଏଁ ରାଜ୍ୟରେ ଛାତ୍ର ନିର୍ବାଚନ ଲଗାତାର ଭାବେ ବନ୍ଦ ରହିଥିଲା।

ଆଜିର ଛାତ୍ର ନେତା କେବଳ ଭାଷଣ ଦେଇ ଭିଡ଼ ଜମା କରୁଥିବା ଯୁବକ ନ ହୋଇ ତାଙ୍କର ଦୃଷ୍ଟିକୋଣ ଅଧିକ ବ୍ୟାପକ ହେବା ଦରକାର। ପ୍ରଶାସନ ଛାତ୍ରଙ୍କ ସହ କିପରି ସମ୍ପର୍କରେ ରହିପାରିବେ, ଶିକ୍ଷାଗତ ସ୍ୱାଧୀନତା କେତେ ରହିବ, ବିଶ୍ୱବିଦ୍ୟାଳୟରେ ଗଠନମୂଳକ ଉନ୍ନତିରେ ଛାତ୍ରଙ୍କ ମତାମତର ଗୁରୁତ୍ୱ କେତେ ରହିବ, ଅଭିଯୋଗ ଓ ସମସ୍ୟାର ସମାଧାନ କେତେ ଶୀଘ୍ର ହେବ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପଦବୀ ପୂରଣ କେମିତି ହେବ, ପୁସ୍ତକାଳୟର ଅଧିକ ପୁସ୍ତକ କେମିତି ଉପଲବ୍ଧ ହେବ, ଛାତ୍ରାବାସର ସ୍ଥିତି କେମିତି ଅଛି, ଗରିବ ଛାତ୍ରଙ୍କ ପାଇଁ କ'ଣ ବ୍ୟବସ୍ଥା ଅଛି, ଛାତ୍ରୀଙ୍କ ସୁରକ୍ଷା କେମିତି ଅଛି, କ୍ୟାମ୍ପସରେ ନିଶା ମୁକ୍ତ ପରିବେଶ କିପରି ତିଆରି ହେବ, ଦକ୍ଷତା ବିକାଶ ଓ ଚାକିରି ପାଇଁ କ'ଣ ସୁଯୋଗ ସୃଷ୍ଟି କରାଯାଉଛି, ଏହି ପ୍ରଶ୍ନ ପ୍ରଶାସନ ଆଗରେ ଉଠାଇପାରୁଥିବା ଏବଂ ସମାଧାନର ସୂତ୍ର ପାଇଁ ମତାମତ ଦେଇପାରୁଥିବା ଛାତ୍ର ନେତା ହିଁ ପ୍ରକୃତ ଅର୍ଥରେ ଛାତ୍ର ସମାଜର ପ୍ରତିନିଧି। ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଡିଗ୍ରୀଧାରୀ ଯୁବକ ତିଆରି ନ କରି ସମାଜର ଉନ୍ନତିରେ ଗଠନମୂଳକ ପଦକ୍ଷେପ ନେଇପାରୁଥିବା ଯୁବକ ତଥା ଅନ୍ୟାୟ ଅନୀତି ବିରୁଦ୍ଧରେ ପ୍ରଶ୍ନ କରିପାରୁଥିବା ଓ ଗଣତନ୍ତ୍ରକୁ ବୁଝିପାରୁଥିବା ନାଗରିକ ସୃଷ୍ଟି କରିପାରିଲେ ଭାରତୀୟ ଶିକ୍ଷା ପ୍ରଣାଳୀରେ ଛାତ୍ର ନିର୍ବାଚନର ଅବଦାନ ଅତୁଳନୀୟ ହୋଇପାରିବ।

ବିଶ୍ୱବିଦ୍ୟାଳୟରେ ଶିକ୍ଷକଙ୍କ ଶିକ୍ଷାଦାନ ତଥା ଗବେଷଣାରେ ସ୍ୱାଧୀନତା, ଛାତ୍ରଙ୍କ ସ୍ୱର, ପ୍ରଶାସନର ପାରଦର୍ଶିତା ଉପରେ ଗୁରୁତ୍ୱ ଦେଉଥିବା ଛାତ୍ର ନେତା ବାଛି ପାରିଲେ ଛାତ୍ର ନିର୍ବାଚନର ମର୍ଯ୍ୟାଦା ବୃଦ୍ଧି ପାଇବ। ଓଡ଼ିଶାର ଛାତ୍ର ରାଜନୀତିର ଇତିହାସ ଆମକୁ ଶିଖାଏ ଯେ ଛାତ୍ରମାନେ ପାଠ ପଢ଼ା ସହ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା, ସ୍ୱାଧୀନତା ଆନ୍ଦୋଳନରେ ଛାତ୍ରମାନଙ୍କ ଭୂମିକା, ଶିକ୍ଷାଗତ ଅଧିକାର ପାଇଁ ଲଢେଇକରିବା ଏବଂ ଶିକ୍ଷିତ ହୋଇ ରାଜ୍ୟ ଓ ଦେଶର ନେତୃତ୍ୱ ନେବା।

ବଲାଙ୍ଗୀର, ମୋ: ୯୪୩୭୫୪୨୮୮୫

# ପାର୍ବଣର ଅର୍ଥନୀତି

ପ୍ରଦ୍ୟୁମ୍ନ ପଟ୍ଟନାୟକ

ଆଶ୍ୱିନ ମାସର ଶାରଦୀୟ ପରିବେଶ ଏବେ ଚଳଚଞ୍ଚଳ। ନଦୀପଠାରେ କାଶତଣ୍ଡୀର ଶୁଭ୍ର ଆସ୍ତରଣ, ସଞ୍ଜରେ ଶେଫାଳିର ସୌରଭ, ଚତୁର୍ଦ୍ଦିଗରେ ନିର୍ମଳ ଆଭାର ବିକିରଣ ମନ ପ୍ରାଣକୁ ପୁଲକିତ କରୁଛି। ଦେବୀ ଦୁର୍ଗାଙ୍କର ଧରାବତରଣ ଜନଜୀବନକୁ କରିଛି ଉତ୍ସବମୁଖର। ଦେବୀଙ୍କ ଆବାହନ ନିମିତ୍ତ ପ୍ରସ୍ତୁତ ହେଉଛି ପୂଜା ମଣ୍ଡପ, ନିର୍ମାଣ ହେଉଛି ତୋରଣ। ଆଲୋକ ମାଳାରେ ସଜାଇ ହେଉଛି ପଥପ୍ରାନ୍ତ।

ଗାଁରୁ ସହର ଯାଏଁ ପ୍ରାୟ ସମସ୍ତ ପୂଜା ମଣ୍ଡପରେ ପାର୍ବଣର ବହୁପୂର୍ବରୁ ଆରମ୍ଭ ହୋଇସାରିଛି ଆୟୋଜନ। ଶହ ଶହ ଶିଳ୍ପୀ, କୁଶଳୀ କାରିଗରଙ୍କ ଅକ୍ଳାନ୍ତ ପରିଶ୍ରମର ରୂପ ନେବାକୁ ଅପେକ୍ଷା କରିଛି ଭବ୍ୟ ମଣ୍ଡପ ଓ ବିଶାଳ ତୋରଣ। ବିଗତ କିଛିବର୍ଷ ଧରି ଦୁର୍ଗା ପୂଜାରେ ମଣ୍ଡପ ସହ ତୋରଣର ମହତ୍ତ୍ୱ ଅଧିକ ଦେଖିବାକୁ ମିଳୁଛି। ତୋରଣ ବା ମଣ୍ଡପକୁ ପ୍ରବେଶ ପଥଗୁଡ଼ିକର ନିର୍ମାଣ ଦେଶବିଦେଶର ବିଭିନ୍ନ ଅଟ୍ଟାଳିକା, ରାଜପ୍ରାସାଦ, ମନ୍ଦିର ଆଦିର ପ୍ରତିରୂପ ଭାବେ ନିର୍ମିତ ହୋଇଆସୁଛି। ସେସବୁ ମନ୍ଦିର, ମୀନାର, ମହଲ ଆଦିର ପ୍ରତିରୂପ ଦର୍ଶକମାନଙ୍କୁ ବିଶେଷ ଭାବରେ ଆକର୍ଷିତ କରୁଛି।

ଦୁର୍ଗାପୂଜା ଆୟୋଜନ ନିମିତ୍ତ ପ୍ରତିବର୍ଷ ଶିଳ୍ପୀ, କାରିଗର, ମିସ୍ତ୍ରୀ, ମଜୁରିଆ ବ୍ୟତୀତ ଆବଶ୍ୟକ ହୋଇଥାଏ କାଠ, ବାଉଁଶ, କପଡ଼ା, କାଗଜ, ଜରି, କଣ୍ଟା, ଅଠା, ଏବଂ ସୁନା ଓ ରୁପା ଆଦି ଧାତୁରେ ନିର୍ମିତ ଅଳଙ୍କାର। ଫୁଲ, ଫଳ, ଭୋଗ, ପ୍ରସାଦ ଲାଗି ଡାଲି, ଚାଉଳ ପନିପରିବା, ତେଲ, ଘିଅ ଆଦିର ଚାହିଦା ରହିଥାଏ। ଏସବୁ ଖର୍ଚ୍ଚ ନିମିତ୍ତ ଆବଶ୍ୟକ ହୁଏ ଲକ୍ଷ ଲକ୍ଷ ଟଙ୍କା। ସମୁଦାୟ ଖର୍ଚ୍ଚକୁ ଦେଖିଲେ ପାର୍ବଣ ନିମିତ୍ତ ସାରା ଦେଶରେ କୋଟି କୋଟି ଟଙ୍କା ଆବଶ୍ୟକ ହେଉଥିବ। ସେତିକି ଅର୍ଥ ପ୍ରତିବର୍ଷ ଭିଭିନ୍ନ ସୂତ୍ରରୁ ଆଦାୟ କରାଯାଉଛି।

ମୂର୍ତ୍ତି, ମଣ୍ଡପ, ତୋରଣ ଆଦିରେ ବ୍ୟବହୃତ ସାମଗ୍ରୀ ଏବଂ ଦେବୀଙ୍କର ମୁକୁଟ ଓ ଅଳଙ୍କାର ନିମିତ୍ତ କରା ଯାଉଥିବା କୋଟି କୋଟି ଟଙ୍କାର ଖର୍ଚ୍ଚକୁ ଯଥାର୍ଥତା ଦୃଷ୍ଟିରୁ ବିଚାର କଲେ ମନରେ ସ୍ୱତଃ ପ୍ରଶ୍ନ ଉଠିପାରେ ଯେ ଏବେ ବି ଅନେକ ଲୋକ ବାସ, ବସ୍ତ୍ର ଓ ଖାଦ୍ୟାଭାବ ପରିସ୍ଥିତିରେ ଜୀବନଯାପନ କରୁଥିବା ବେଳେ ଏପରି ଆଡ଼ମ୍ବର ନିମିତ୍ତ ଏତେମାତ୍ରାରେ ଅର୍ଥ ବ୍ୟୟ କରିବା କ'ଣ ଉଚିତ? ବର୍ଷରେ ଥରେ ଦୁର୍ଗାପୂଜା ଆୟୋଜନ ନିମିତ୍ତ ଆଦାୟ କରି ଏକାଠି କରାଯାଉଥିବା ଅର୍ଥ ଏବଂ ଖର୍ଚ୍ଚ କରାଯାଉଥିବା ଦିଗକୁ ଦୃଷ୍ଟି ଦେଲେ ପରିଲକ୍ଷିତ ହୁଏ ଏକ ଅର୍ଥନୈତିକ ବଣ୍ଟନ ବ୍ୟବସ୍ଥା। ପ୍ରଥମେ ଦେଖାଯାଉ ଆୟର ସ୍ରୋତ। ସାଧାରଣତଃ, ପୂଜା ମଣ୍ଡପଗୁଡ଼ିକରେ ଖର୍ଚ୍ଚ ନିମିତ୍ତ ଅର୍ଥ ଚାନ୍ଦା ଆକାରରେ ମିଳିଥାଏ। ସେ ଏକକାଳୀନ ହୋଇପାରେ କିମ୍ବା କିଛି କିଛି ପରିମାଣରେ ବର୍ଷ ସାରା ବି ହୋଇପାରେ। ପୁଣି ସ୍ୱତଃସ୍ଫୂର୍ତ୍ତ ଭାବେ ହେଉ କିମ୍ବା ବାଧ୍ୟବାଧକତା ହେଉ ଯେଉଁମାନେ ଚାନ୍ଦା ଦିଅନ୍ତି ସେମାନେ ସ୍ୱଚ୍ଛଳ ଶ୍ରେଣୀ ଭୁକ୍ତ, ଯାହାର ଦୈନନ୍ଦିନ ଖର୍ଚ୍ଚ ଅପେକ୍ଷା ଆୟ ଅଧିକ। କେହି କେହି ନିଜର ଖର୍ଚ୍ଚ ବହିର୍ଭୂତ ସଞ୍ଚୟରୁ ଚାନ୍ଦା ଦେଉଥିବା ବେଳେ ଆଉ କେତେକ ନିଜ ବ୍ୟବସାୟ ଲାଭାଂଶରୁ କିଛି ଦାନ ଆକାରରେ ଦେଇଥାଆନ୍ତି। କେହି କେହି ଶ୍ରଦ୍ଧା ଓ ଭକ୍ତିବଶତଃ ପୃଷ୍ଠପୋଷକ ଭାବେ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥା'ନ୍ତି। ତେଣୁ ସମାଜର ସ୍ୱଚ୍ଛଳ ବର୍ଗଙ୍କଠାରୁ ମିଳୁଥିବା ଦାନ, ଅନୁଦାନ, ଚାନ୍ଦାକୁ ବ୍ୟୟ କରାଯାଏ ମଣ୍ଡପ, ତୋରଣ, ମୁକୁଟ, ବାଦ୍ୟ, ଭୋଗ ନୈବେଦ୍ୟ ଓ ଆଲୋକ ରୋଷଣୀ ଆଦିର ଆୟୋଜନରେ।

ବିଭିନ୍ନ ସ୍ରୋତରୁ ଏକାଠି କରାଯାଇଥିବା ଅର୍ଥର ବିନିଯୋଗକୁ ଲକ୍ଷ୍ୟ କଲେ ଜଣାଯାଏ ସେସବୁ ବ୍ୟବହୃତ ହୁଏ ଆବଶ୍ୟକୀୟ ସାମଗ୍ରୀ ଯଥା, କାଠ, ବାଉଁଶ, କାଗଜ, କଣ୍ଟା, ଅଠା, ରଙ୍ଗ ଏବଂ ଅଳଙ୍କାର ଆଦି କିଣିବାରେ। ତା' ବ୍ୟତୀତ ସେହି ଅର୍ଥ ପାରିଶ୍ରମିକ, ଓ ମଜୁରି ଆକାରରେ ଦିଆ ଯାଇଥାଏ ମାସ ମାସ ଧରି କାମ କରୁଥିବା ଶିଳ୍ପୀ, କାରିଗର, ଓ ମୂଲିଆମାନଙ୍କୁ। ଚାନ୍ଦା ଆକାରରେ ଆଦାୟ କରାଯାଇଥିବା ଅର୍ଥ ଅନ୍ୟଥା ଧନାଢ଼୍ୟ ବ୍ୟକ୍ତିଙ୍କ ସଂଚୟ ରୂପେ ବ୍ୟାଙ୍କରେ ରହିଥା'ନ୍ତା ବା ଆରାମ, ବିଳାସ ବ୍ୟସନ ନିମିତ୍ତ ଖର୍ଚ୍ଚ ହୋଇଥା'ନ୍ତା। ତା' ଫଳରେ ଦେଶର ଯେଉଁ ଆର୍ଥିକ ଅଭିବୃଦ୍ଧି ହୋଇଥା'ନ୍ତା ସେ ତୁଳନାରେ ସେହି ଅର୍ଥ ମଜୁରି ଆକାରରେ ଯେବେ କିଛି ଲୋକଙ୍କ ଖାଦ୍ୟ, ବସ୍ତ୍ର, ବାସଗୃହ, ପିଲାଙ୍କର ଶିକ୍ଷା କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ନିମିତ୍ତ ବ୍ୟୟ ହୋଇଥିବ, ଦେଶର ଆର୍ଥିକ ଅଭିବୃଦ୍ଧି ଅଧିକ ହୋଇଥିବ। ତା' ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା ଉପଭୋକ୍ତାର ସନ୍ତୋଷ।

ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ବିଳାସବ୍ୟସନ ନିମିତ୍ତ ଖର୍ଚ୍ଚ ଦ୍ୱାରା ମିଳୁଥିବା ଉପଭୋକ୍ତାର ସନ୍ତୋଷ ତୁଳନାରେ ଦୈନନ୍ଦିନ ବ୍ୟବହାର୍ଯ୍ୟ ପଦାର୍ଥ ତେଲ, ଲୁଣ, ବହି, ଖାତା, ଔଷଧ ପତ୍ର ଆଦିରେ ଖର୍ଚ୍ଚ ହେଉଥିବା ଅର୍ଥର ଉପଭୋକ୍ତା ସନ୍ତୋଷ ଅଧିକ। କେହିଜଣେ ସାଧାରଣ ବ୍ୟକ୍ତି ଅର୍ଥନୈତିକ ତତ୍ତ୍ୱ ବୁଝୁ କି ନବୁଝୁ ଏତିକି ନିଶ୍ଚିତ ଉପଲବ୍ଧି କରିପାରିବ ଯେ ମୁଷ୍ଟିମେୟ ବ୍ୟକ୍ତିଙ୍କ ବିଳାସ ସାମଗ୍ରୀ ନିମିତ୍ତ ଖର୍ଚ୍ଚ ଅପେକ୍ଷା ଅନେକ ମିସ୍ତ୍ରୀ, ମଜୁରିଆଙ୍କ ଦୈନନ୍ଦିନର ଆବଶ୍ୟକତା ମେଣ୍ଟାଇବାରେ ଉପଭୋକ୍ତା ସନ୍ତୋଷ ଅଧିକ।

ଉପସଂହାରରେ ଏତିକି କୁହାଯାଇ ପାରେ ଯେ ସାଧାରଣ ଭାବେ ସୁସଜ୍ଜିତ ପୂଜା ମଣ୍ଡପ, ସୁଦୃଶ୍ୟ ତୋରଣ, ସୁନ୍ଦର ମୂର୍ତ୍ତି, ଉଜ୍ଜ୍ୱଳ ଆଲୋକ, ଭରପୂର ମନୋରଞ୍ଜନ ନିମିତ୍ତ ପୂଜା ପାର୍ବଣରେ ହେଉଥିବା ଭବ୍ୟ ଆୟୋଜନ ଖର୍ଚ୍ଚବହୁଳ ଆଡ଼ଡମ୍ବରପୂର୍ଣ୍ଣ ପ୍ରତୀତ ହେଉଥିଲେ ବି ସେଥିରେ ଦେଶରେ ସଂଚିତ ଅର୍ଥର ଏକ ସୁଚିନ୍ତିତ ବଣ୍ଟନ ବ୍ୟବସ୍ଥା ଯେ ପ୍ରଚ୍ଛନ୍ନ ଭାବେ ରହିଛି ସେକଥା ଅସ୍ୱୀକାର କରି ହେବ ନାହିଁ।

ଭୁବନେଶ୍ୱର, ମୋ: ୯୯୬୮୨୮୦୮୯୬

# ଘୃତହୀନ ଭୋଜନ କୁ-ଭୋଜନ?

## ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ଦେଶରେ ଘିଅକୁ ଏକ ଅତିଉତ୍କୃଷ୍ଟ ଖାଦ୍ୟ ରୂପେ ଗଣନା କରାଯାଇ ଆସୁଛି କେଉଁ ଆଦିମକାଳରୁ। ସେଥିପାଇଁ ମନ୍ଦିର ଓ ଦେବାଳୟମାନଙ୍କରେ ଏହାକୁ ବ୍ୟବହାର କରାଯାଏ ପ୍ରସାଦ ପ୍ରସ୍ତୁତିରେ। ତେବେ ପ୍ରକୃତରେ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଅନୁପଯୋଗୀ। ବିଶେଷକରି, ହୃଦରୋଗଠାରୁ ଆରମ୍ଭ କରି ଅନେକ ଘାତକରୋଗର କାରଣ ହୋଇଥାଏ ଘୃତଭୋଜନ। ଏପରି ସ୍ଥଳେ, ଘୃତହୀନ ଭୋଜନକୁ କୁଭୋଜନ ସହିତ ତୁଳନା କରୁଥିବା ଉକ୍ତିଟି ଆଦୌ ଯଥାର୍ଥ ନୁହେଁ।

ଖାଦ୍ୟବିଜ୍ଞାନୀମାନଙ୍କ ମତରେ ଘିଅରେ ଥାଏ ୯୯.୫ ଶତାଂଶ ବିଶୁଦ୍ଧ କ୍ଷୀର ଚର୍ବି ଏବଂ ୦.୫ %ରୁ କମ୍ ଜଳ ଓ ଅନ୍ୟାନ୍ୟ କଠିନ ପଦାର୍ଥ। ଏହି ଚର୍ବିର ୬୬ ଶତାଂଶ ସଂତୃପ୍ତ(ସାଚୁରେଟେଡ୍)। ୨୯% ଏକ ଅସଂତୃପ୍ତ(ମନୋ ସାଚୁରେଟେଡ୍) ଏବଂ ସାମାନ୍ୟ ପରିମାଣରେ ବହୁ ଅସଂତୃପ୍ତ(ପୋଲି ସାଚୁରେଟେଡ୍)। ଏହି ପ୍ରଚୁର ପରିମାଣର ସଂତୃପ୍ତ ସ୍ନେହସାର ରକ୍ତରେ ନିମ୍ନ ସାନ୍ଦ୍ରତାବିଶିଷ୍ଟ ଲିପୋପ୍ରୋଟିନ ବା ଏଲ୍‌ଓଏଲ୍ ବୃଦ୍ଧି କରେ। ଏହାକୁ 'ମନ୍ଦ କୋଲେଷ୍ଟେରୋଲ୍' ବୋଲି ମଧ୍ୟ କୁହାଯାଏ। କାରଣ ଏହା ହୃତ୍‌ପିଣ୍ଡର ବିଭିନ୍ନ ଅଂଶ ଓ ଧମନୀ ମଧ୍ୟରେ କଠିନ ପଦାର୍ଥ ଭାବେ ଜମା ହୁଏ। ଫଳରେ ଧମନୀ ସଂକୁଚିତ ହୁଏ ଏବଂ ତାହା ହୃଦ୍‌ରୋଗର କାରଣ ହୁଏ।

ସେଥିପାଇଁ ସେପ୍ଟେମ୍ବର ୨୦୨୬ ରେ 'ଆମେରିକାର ହାର୍ଟ କନଫରେନସ୍' ଠାରେ ଉପସ୍ଥାପିତ 'ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ'ର ଏକ ଗବେଷଣାପତ୍ରରେ ସୂଚୀତ କରାଯାଇଛି ଯେ ଯେଉଁ ଭାରତୀୟମାନେ ସେମାନଙ୍କ ଖାଦ୍ୟ ସାମଗ୍ରୀ ଘିଅରେ ପ୍ରସ୍ତୁତ କରନ୍ତି ସେମାନଙ୍କ ରକ୍ତରେ ନିମ୍ନସାନ୍ଦ୍ରତା ବିଶିଷ୍ଟ ଲିପୋପ୍ରୋଟିନ୍ ବା ମନ୍ଦ କୋଲୋଷ୍ଟେରାଲ ଚିନାବାଦାମ ତେଲ ବ୍ୟବହାରକାରୀଙ୍କ ତୁଳନାରେ ପ୍ରାୟ ୩ ଗୁଣ ଅଧିକ। ତାହା ସେମାନଙ୍କ ଧମନୀ ମଧ୍ୟରେ ଜମା ହୋଇ ହୃଦ୍‌ଘାତ ଓ ସଂଘାତର କାରଣ ହୁଏ। ଏହିଦୃଷ୍ଟିରୁ ନଡିଆ ତେଲ ମଧ୍ୟ ଆଦୌ ନିରାପଦ ନୁହେଁ। ଏହାର ଏ ଆଶଂକା ପ୍ରାୟ ତାହା ପାଖାପାଖି।

ଉପରୋକ୍ତ ଗବେଷଣା ପତ୍ରର ଅନ୍ୟତମ ଲେଖିକା ଡକ୍ଟର ଅଞ୍ଜନା ମୋହନ କହନ୍ତି ଯେ ସେ ଓ ତାଙ୍କ ସହଯୋଗୀମାନେ ଭାରତର ବିଭିନ୍ନ ଅଞ୍ଚଳରେ ୧୮୦୦୦ ଘିଅ ଏବଂ ନାନାପ୍ରକାର ତେଲ ବ୍ୟବହାରକାରୀ ପ୍ରାପ୍ତବୟସ୍କ ଲୋକଙ୍କ ଉପରେ ଅଧ୍ୟୟନ ଚଳାଇଥିଲେ। ଏଥିରେ ଦେଶର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ରାଜ୍ୟଗୁଡ଼ିକରେ ବ୍ୟବହୃତ ବାଦାମ ତେଲକୁ ମାନକ ରୂପେ ଗ୍ରହଣ କରି ସେଥିସହିତ ଅନ୍ୟମାନଙ୍କୁ ତୁଳନା କରାଯାଇଥିଲା। ଏଥିରୁ ପ୍ରାପ୍ତ ହୋଇଥିଲା ନିମ୍ନୋକ୍ତ ଫଳାଫଳ-

୧. ସୋରିଷ ତେଲ- ଦେଶର ଉତ୍ତର, ପୂର୍ବ, ଉତ୍ତର-ପୂର୍ବ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ଏହା ବିଶେଷଭାବେ ବ୍ୟବହାର କରାଯାଏ। ଏଠାରେ ଲୋକଙ୍କଠାରେ ଏହା ପ୍ରାୟ ୩୨% ଉଚ୍ଚ-ସାନ୍ଦ୍ରତା ବିଶିଷ୍ଟ ଲିପୋ-ପ୍ରୋଟିନ ବା ଏଚ୍‌ଡିଏଲ୍ କମ ହେବାର କାରଣ ହୁଏ। ଏହାକୁ କହନ୍ତି ଉତ୍ତମ କୋଲେଷ୍ଟେରୋଲ୍। କାରଣ ଏହା ରକ୍ତରୁ ମନ୍ଦ କୋଲୋଷ୍ଟରୋଲ୍ ହ୍ରାସ କରେ। ଫଳରେ ଧମନୀ ମଧ୍ୟରେ ତାହା ବସିପାରେ ନାହିଁ ଏବଂ ହୃଦ୍‌ରୋଗର ଆଶଙ୍କା କମ ହୁଏ। ୨. ସୂର୍ଯ୍ୟମୁଖୀ ତେଲ - ଦକ୍ଷିଣ ଭାରତରେ ମୁଖ୍ୟତଃ ବ୍ୟବହୃତ ଏହି ତେଲ ୧.୮ ଗୁଣ ମନ୍ଦ କୋଲେଷ୍ଟେରୋଲ ବୃଦ୍ଧି ଜନିତ ଆଶଙ୍କା ବଢ଼ାଏ। ୩. ସୋୟାବିନ ତେଲ - ମୁଖ୍ୟତଃ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ମିଜୋରାମରେ ଏହା ବ୍ୟବହୃତ ହୁଏ। ଏହାର ୧.୮ ଗୁଣ ମନ୍ଦ କୋଲେଷ୍ଟେରୋଲ୍ ବୃଦ୍ଧି କରିବାର ଆଶଙ୍କା ରହିଛି। ୪.ତାଳ ତେଲ - ଦକ୍ଷିଣ ଭାରତରେ ବ୍ୟବହୃତ ହୁଏ। ଏହାର ମନ୍ଦ କୋଲେଷ୍ଟରୋଲ ବୃଦ୍ଧି ସାମର୍ଥ ପ୍ରାୟ ୧.୮ ଗୁଣ। ୫. ନଡ଼ିଆ ତେଲ - କେରଳରେ ହିଁ ବ୍ୟବହାର କରାଯାଏ। ଏହା ପ୍ରାୟ ୨.୯ ଗୁଣ କୋଲେଷ୍ଟେରୋଲ୍ ବୃଦ୍ଧି ଘଟାଇ ପାରେ। ୬. ଲହୁଣୀ ବା ଘିଅ - ଦେଶର ବିଭିନ୍ନ ରାଜ୍ୟରେ ଅଳ୍ପେବହୁତ ବ୍ୟବହାର କରାଯାଏ। ଏହାର ମନ୍ଦ କୋଲେଷ୍ଟେରୋଲ୍ ମାତ୍ରା ୩.୪ ଗୁଣ ବଢ଼ାଇବାର ଶକ୍ତି ରହିଛି।

ଅତଏବ ଏସବୁ ଦୃଷ୍ଟିରୁ ବିଚାର ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଘୃତ ମିଶ୍ରିତ ଭୋଜନ ଅଧିକ ହେବା ପ୍ରକୃତରେ କୁ-ଭୋଜନ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ...

### ଦିଲ୍ଲୀ ଜନସମୁଦ୍ର...

ଦାଖଲ କରାଯାଇ ଏସଆଇଆର ବାତିଲ କରାଯିବା ସହିତ ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଦାବି କରାଯାଇଛି । ଏହି ପିଟିସନରେ ରାହୁଲ ଗାନ୍ଧୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ ଓ ସଂଜୟ ରାଉତଙ୍କ ସମେତ ୧୧ ଜଣ ମେଣ୍ଟ ନେତା ଦସ୍ତଖତ କରିଛନ୍ତି । ଆସନ୍ତାକାଲି କୋର୍ଟ ଏହା ଉପରେ ଶୁଣାଣି କରିପାରନ୍ତି ବୋଲି ଜଣାପଡ଼ିଛି ।

ଉପରୋକ୍ତ ଦାବିରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଭେଟି ସ୍ମାରକପତ୍ର ଦେବାଲାଗି କନ୍ନଟ ପ୍ଲେସରୁ ଏହି ପଦଯାତ୍ରା ବାହାରିଥିଲା । କିନ୍ତୁ ମେଣ୍ଟର ପ୍ରତିନିଧି ଦଳକୁ ଭେଟିବା ଲାଗି ପ୍ରଧାନ ବିଚାରପତି ମନା କରିଦେଇ କହିଥିଲେ ଯେ ଏସଂକ୍ରାନ୍ତରେ ସେମାନେ ପିଟିସନ ଦାଖଲ କରିପାରିବେ । ଏହାସତ୍ତ୍ୱେ ପୂର୍ବ ନିର୍ଦ୍ଧାରିକ କାର୍ଯ୍ୟକ୍ରମ ଅନୁଯାୟୀ 'ମାର୍ଚ୍ଚ ଫର ଡେମୋକ୍ରାସି' ନାମରେ ଏହି ପଦଯାତ୍ରା ବାହାରିଥିଲା । ଏହି ଯାତ୍ରା।।ରେ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଖଡ଼ଗେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ, ସୁପ୍ରିୟା ସୁ।।ଲେ ଓ ଛାତ୍ରୀ ନେତ୍ରୀ ନେହା ବୋରାଙ୍କ ସମେତ ଇଣ୍ଡିଆ ମେଣ୍ଟର ଅନ୍ୟ ନେତା ଓ କର୍ମକର୍ତ୍ତା ସାମିଲ ହୋଇଥିଲେ । ପଦଯାତ୍ରା କିଛି ଦୂରକୁ ଯିବା ପରେ ପୁଲିସ ସେମାନଙ୍କୁ ଅଟକାଇଥିଲା । ଏହାପରେ ରାହୁଲ, ଅଖିଳେଶ ଓ ତେଜସ୍ୱୀ ବସ ଛାତ ଉପରକୁ ଚଢ଼ିଯାଇଥିବାର ଦେଖାଯାଇଥିଲା । ପୁଲିସ ଅଟକାଇବା ପରେ ଆନ୍ଦୋଳନକାରୀ ସେଠାରୁ ଫେରିଯାଇଥିଲେ । ଏହାପରେ ରାହୁଲ ଓ ଅନ୍ୟ ନେତାମାନେ ସୁପ୍ରିମ କୋର୍ଟ ଯାଇ ଏସଆଇଆର ଉପରେ ମଧ୍ୟବର୍ତ୍ତିକାଳୀନ ରୋକ୍ ଲଗାଇବା ଲାଗି ଆବେଦନ କରିଥିଲେ ।

ଏହାପୂର୍ବରୁ ରାହୁଲ ଓ ମେଣ୍ଟର ଅନ୍ୟ ୧୦ ଜଣ ନେତାଙ୍କ ପକ୍ଷରୁ ସୁପ୍ରିମ କୋର୍ଟରେ ପିଟିସନ ଦାଖଲ କରାଯାଇଥିଲା । ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଆଗତ ଏହି ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଛି ଯେ ଏସଆଇଆର ନାମରେ କୋଟି କୋଟି ଭୋଟରଙ୍କ ନାମ ବେଆଇନ ଭାବେ କଟାଯାଇଛି । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବାର ମଧ୍ୟ ଅଭିଯୋଗ କରାଯାଇଛି । ଏହାସହିତ ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆନ୍ଦୋଳନ ଉପରେ ପୁଲିସର କଟକଣା ସଂପର୍କରେ ମଧ୍ୟ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ପିଟିସନରେ ଟିଏମସି, ଏନସିପି-ଏସପି, ଜେଏମଏମ୍ ସିପିଏମ୍ ନେତା ମଧ୍ୟ ଦସ୍ତଖତ କରିଛନ୍ତି । ଏଥିରେ ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟ ଦୁଇ କମିସନରଙ୍କୁ ମଧ୍ୟ ପକ୍ଷଭୁକ୍ତ କରଯାଇଛି । ବେଆଇନ ଭାବେ ଫର୍ମ-୬ରେ ସଂଶୋଧନ କରାଯିବା ସହିତ ଇସିଆଇନେଟ୍ ଓ ଇଆରଓନେଟ୍ ଡାଟାବେସର କେନ୍ଦ୍ରୀକରଣ ଯାଇ ଲକ୍ଷ ଲକ୍ଷ ଭୋଟରଙ୍କୁ ପଞ୍ଜୀକରଣରୁ ବଞ୍ଚିତ କରାଯିବା ସହିତ ଭୋଟରଙ୍କ ନାମ କଟାଯାଇଛି ବୋଲି ପିଟିସନରେ ଅଭିଯୋଗ କରାଯାଇଛି । ଅନ୍ୟ ଦୁଇ ଜଣ ନିର୍ବାଚନ କମିସନଙ୍କୁ ଆପତ୍ତିକୁ ଖାତିର ନକରି ମୁଖ୍ୟ ନିର୍ବାଚନ କମିସନର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ସମ୍ବିଧାନର ଧାରା ୩୨୪ ଅନୁଯାୟୀ ହୋଇଛି କି ନାହିଁ, ତାହାର ବିଚାରବିଭାଗୀୟ ଯାଞ୍ଚ କରିବା ଲାଗି ପିଟିସନରେ ଦାବି କରାଯାଇଛି । ଏସଆଇଆର ରଦ୍ଦ କରିବା ସହିତ ଯେଉଁମାନଙ୍କ ନାମ କଟିଛି, ସେମାନଙ୍କ ନାମ କେମିତି ସାମିଲ ହୋଇପାରିବ ସେସଂପର୍କରେ ଏକ ପ୍ରଭାବୀ ବ୍ୟବସ୍ଥା କରିବାକୁ ମଧ୍ୟ ଅନୁରୋଧ କରାଯାଇଛି ।

### ହଲ୍ ଓ ଉଡ୍‌ଫୋର୍ଡଙ୍କୁ...

ଉଭୟଙ୍କ ମଧ୍ୟରେ ସମାନ ଭାବେ ବଣ୍ଟାଯିବ । ହଲ୍‌ଙ୍କ ଗବେଷଣା ଲୋକମାନଙ୍କ ଖର୍ଚ୍ଚ ନିଷ୍ପତ୍ତିକୁ ବୁଝିବାରେ ସହାୟକ ହୋଇଛି । ଭବିଷ୍ୟତରେ ଆୟ କମିବା ଆଶଙ୍କା ଥିଲେ ଲୋକେ ଆଜି ଖର୍ଚ୍ଚ କମାଇପାରନ୍ତି । ଅନେକ ପରିବାର ଏପରି କଲେ ବଜାରରେ ଚାହିଦା ହ୍ରାସ ପାଏ । କମ୍ପାନିଗୁଡ଼ିକ ଉତ୍ପାଦନ କମାଇବା ସହ ନିଯୁକ୍ତି ହ୍ରାସ କରିପାରନ୍ତି । ଏହା ମାନ୍ଦାବସ୍ଥାକୁ ଅଧିକ ଗମ୍ଭୀର କରିପାରେ । ଅନ୍ୟପକ୍ଷରେ, ଉଡ୍‌ଫୋର୍ଡଙ୍କ ମଡେଲ୍ କମ୍ପାନିଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ଓ ଭବିଷ୍ୟତ ସମ୍ପର୍କିତ ଆଶା ମୁଦ୍ରାସ୍ଫୀତିକୁ କିପରି ପ୍ରଭାବିତ କରେ, ତାହା ବୁଝାଏ । ମାନ୍ଦାବସ୍ଥା ସମୟରେ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର କମାଇ ଋଣକୁ ଶସ୍ତା କରିପାରେ । ଏହାଦ୍ୱାରା ଲୋକଙ୍କ ଖର୍ଚ୍ଚ ଓ କମ୍ପାନିଗୁଡ଼ିକର ନିବେଶ ବଢ଼ିପାରେ । ମୁଦ୍ରାସ୍ଫୀତି ବଢ଼ିଲେ ସୁଧହାର ବୃଦ୍ଧି ଦ୍ୱାରା ଚାହିଦା କମାଇବାକୁ ଚେଷ୍ଟା କରାଯାଏ । ୧୯୭୦ ଦଶକର ତୈଳ ସଙ୍କଟ ପୁରୁଣା ଅର୍ଥନୈତିକ ମଡେଲ୍‌ର ସୀମା ଦେଖାଇଥିଲା ।

### ଯନ୍ତରମନ୍ତରରେ ଆନ୍ଦୋଳନ...

ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ନୂଆ ସ୍ଥାନଗୁଡ଼ିକରେ ପ୍ରତିବାଦ ଆୟୋଜନ ପାଇଁ ସ୍ୱତନ୍ତ୍ର ନିୟମାବଳୀ ପରେ ଜାରି ହେବ । ଦିଲ୍ଲୀ ପୁଲିସର ଏହି \ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଉପରେ କଟକଣା ବିରୋଧରେ ଦାଖଲ ଆବେଦନର ଶୁଣାଣି ଅକ୍ଟୋବର ୧୩ରେ ଦିଲ୍ଲୀ ହାଇକୋର୍ଟରେ ହେବ । ଇତିମଧ୍ୟରେ ବିରୋଧୀ ଦଳ ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରି କହିଛନ୍ତି ଯେ ଆନ୍ଦୋଳନ ଆଗରେ ସରକାର ପରାଜୟ ସ୍ୱୀକାର କରିଛନ୍ତି ।

### ବେଲଗାମ୍ ଦରବୃଦ୍ଧି...

ସହରାଞ୍ଚଳରେ ଏହା ୪.୮୮%କୁ ବୃଦ୍ଧି ପାଇଛି । ଗ୍ରାମାଞ୍ଚଳର ପରିବାରଗୁଡ଼ିକ ଆୟର ଏକ ବଡ଼ ଅଂଶ ଖାଦ୍ୟ ଓ ରାସନ ସାମଗ୍ରୀରେ ଖର୍ଚ୍ଚ କରୁଥିବାରୁ ଦରବୃଦ୍ଧିର ପ୍ରଭାବ ସେଠାରେ ଅଧିକ ଅନୁଭୂତ ହେଉଛି ।

ଅପରପକ୍ଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଆର୍‌ବିଆଇ ପାଇଁ ପ୍ରମୁଖ ଆହ୍ୱାନ ହୋଇଛି । ଦରଦାମ ଉପରେ ଲଗାମ ଲଗାଇବା ଉଦ୍ଦେଶ୍ୟରେ ଚଳିତ ମାସରେ ରିଜର୍ଭ ବ୍ୟାଙ୍କ ସୁଧହାର ବୃଦ୍ଧି କରିଛି । ସୁଧହାର ବଢ଼ିଲେ ଋଣ ନେବା ମହଙ୍ଗା ହୋଇପାରେ ଏବଂ ଚାହିଦା ନିୟନ୍ତ୍ରଣ ମାଧ୍ୟମରେ ମୁଦ୍ରାସ୍ଫୀତି କମାଇବାରେ ସହାୟତା ମିଳିପାରେ । ତେବେ ଖାଦ୍ୟ ସାମଗ୍ରୀର ଦର ଯୋଗାଣ ଓ ଉତ୍ପାଦନ ଉପରେ ନିର୍ଭର କରୁଥିବାରୁ କେବଳ ସୁଧହାର ବୃଦ୍ଧି ଦ୍ୱାରା ତୁରନ୍ତ ଆଶ୍ୱସ୍ତି ମିଳିବା ସମ୍ଭବ ନୁହେଁ । ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆଇନଗତ ଭାବେ ଖୁଚୁରା ମୁଦ୍ରାସ୍ଫୀତିକୁ ୪ ପ୍ରତିଶତରେ ରଖିବାକୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ୨ ପ୍ରତିଶତରୁ ୬ ପ୍ରତିଶତ ପର୍ଯ୍ୟନ୍ତ ସହନସୀମା ନିର୍ଦ୍ଧାରଣ କରାଯାଇଛି । ଅର୍ଥାତ୍ ମୁଦ୍ରାସ୍ଫୀତି ୪ ପ୍ରତିଶତ ରହିବା ଲକ୍ଷ୍ୟ ହୋଇଥିବାବେଳେ ୨ରୁ ୬ ପ୍ରତିଶତ ମଧ୍ୟରେ ରହିଲେ ତାହାକୁ ଅନୁମୋଦିତ ସୀମା ଭାବେ ଗ୍ରହଣ କରାଯାଏ । ମାତ୍ର କ୍ରମାଗତ ଚତୁର୍ଥ ମାସ ପାଇଁ ମୁଦ୍ରାସ୍ଫୀତି ୪ ପ୍ରତିଶତର ଲକ୍ଷ୍ୟଠାରୁ ଉପରେ ରହିଛି । ଯଦିଓ ସେପ୍ଟେମ୍ବରରେ ୫.୫୪ ପ୍ରତିଶତ ମୁଦ୍ରାସ୍ଫୀତି ଧାର୍ଯ୍ୟ ୬ ପ୍ରତିଶତର ସର୍ବୋଚ୍ଚ ସୀମା ଭିତରେ ରହିଛି, ତଥାପି ଏହାର ବୃଦ୍ଧି ମୂଲ୍ୟସ୍ଥିରତା ରକ୍ଷା କରିବା ଦିଗରେ ଆହ୍ୱାନ ସୃଷ୍ଟି କରିବାର ଆଶଙ୍କା ରହିଛି ।

### ବ୍ରଜ ମୋହନ ରାମ...

କ୍ଷେତ୍ରରୁ ତିନି ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଝାଡ଼ଖଣ୍ଡ ବିଜେପି ଏସ୍‌ସି ମୋର୍ଚ୍ଚାର ସଭାପତି ଭାବରେ ଶ୍ରୀ ରାମଙ୍କର ପରିଚୟ ରହିଛି । ସେହିପରି କେରଳମ୍‌ର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଗତ ମାର୍ଚ୍ଚ ମାସରୁ ସେ ତାମିଲନାଡୁର ଭାରପ୍ରାପ୍ତ ରାଜ୍ୟପାଳ ଭାବରେ କାର୍ଯ୍ୟ କରୁଥିଲେ । ଏବେ ତାଙ୍କ ନିଯୁକ୍ତିକୁ ନିୟମିତ କରାଯାଇଛି । ସେ ପୂର୍ବରୁ ଗୋଆ ବିଧାନସଭାର ବାଚସ୍ପତି, ହିମାଚଳ ପ୍ରଦେଶ ଓ ବିହାରର ରାଜ୍ୟପାଳ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି ।

ସିକ୍କିମ୍‌ର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳମ୍ ରାଜ୍ୟପାଳ ଭାବରେ ନିଯୁକ୍ତି ଦିଆଯାଇଛି । ଅନୁରୂପ ଭାବରେ ସୁଧା ଯାଦବଙ୍କୁ କର୍ଣ୍ଣାଟକର ନୂଆ ରାଜ୍ୟପାଳ ନିଯୁକ୍ତ କରାଯାଇଛି । ସେ ମହେନ୍ଦ୍ରଗଡ଼ର ପୂର୍ବତନ ବିଜେପି ସାଂସଦ ଏବଂ ଜାତୀୟ ପଛୁଆ ବର୍ଗ ଆୟୋଗର ପୂର୍ବତନ ସଦସ୍ୟ । ମଧ୍ୟପ୍ରଦେଶର ବାଲାଘାଟର ପୂର୍ବତନ ଲୋକସଭା ସାଂସଦ ଡାଲ ସିଂ ବିସେନ ଉତ୍ତରାଖଣ୍ଡର ରାଜ୍ୟପାଳ ହୋଇଛନ୍ତି । ପୁନଶ୍ଚ ବିଜେପିର ପୂର୍ବତନ ଜାତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମ୍‌ର ରାଜ୍ୟପାଳ ରୂପେ ନିଯୁକ୍ତ କରାଯାଇଛି ।

### ଦୁର୍ଗା ପୂଜାରେ...

ହୋଇନାହିଁ । ତେଣୁ ଦଶହରା ସମୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାଗ ପ୍ରାୟ ଶୁଖିଲା ରହିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ତେବେ ଏହି ସମୟରେ ଦକ୍ଷିଣ ଉପକୂଳ ଓ ନିକଟବର୍ତ୍ତୀ ଦକ୍ଷିଣ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ କିଛି ବର୍ଷା ହୋଇପାରେ । ଦକ୍ଷିଣ ଓ ଉପକୂଳ ଜିଲ୍ଲାଗୁଡ଼ିକରେ କାଁ ଭାଁ ହାଲୁକା ବର୍ଷା ହୋଇପାରେ । ୧୭ରୁ୧୯ ଅକ୍ଟୋବରରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ହାଲୁକା ଏବଂ ଅଳ୍ପ କିଛି ସ୍ଥାନରେ ମଧ୍ୟମ ବର୍ଷା ହୋଇପାରେ । ଅନ୍ୟପଟେ ବର୍ତ୍ତମାନ ଆକାଶ ନିର୍ମଳ ହେବା ଓ ବାୟୁରେ ଆର୍ଦ୍ରତା କମିବା ଯୋଗୁଁ ରାତିରେ ଥଣ୍ଡା ବଢ଼ିପାରେ । ବିଶେଷକରି କନ୍ଧମାଳ ଓ କୋରାପୁଟର ପାହାଡ଼ିଆ ଓ ଉପତ୍ୟକା ଅଞ୍ଚଳରେ ଏହା ଅଧିକ ଅନୁଭୂତ ହୋଇପାରେ । ନିକଟରେ ଫୁଲବାଣୀ ଓ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୧୯-୨୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି । ଆଗକୁ ପାହାଡ଼ିଆ ଅଞ୍ଚଳରେ ରାତିର ତାପମାତ୍ରା ଆହୁରି କମିପାରେ । ଉପକୂଳ ଓଡ଼ିଶାରେ ଭୋର ସମୟରେ ସାମାନ୍ୟ ଥଣ୍ଡା ଅନୁଭୂତ ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

### ବିଶ୍ୱସନୀୟ ଭୋଟର...

ଏହା ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ, ନକଲି ନାମଗୁଡ଼ିକୁ ହଟାଇବାରେ, ମୃତ୍ୟୁ କିମ୍ବା ବାସସ୍ଥାନ ପରିବର୍ତ୍ତନ ପରେ ତଥ୍ୟକୁ ଅଦ୍ୟତନ (ଅପଡେଟ) କରିବାରେ ଏବଂ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ତାହା ସୁନିଶ୍ଚିତ କରିବାରେ ସାହାଯ୍ୟ କରେ । ସେହିପରି ପ୍ରତ୍ୟେକ ବୈଧ ମତଦାତାଙ୍କୁ ଭୁଲ୍‌ବଶତଃ ତାଲିକାରୁ ବାଦ୍ ଦିଆଯିବାରୁ ମଧ୍ୟ ସୁରକ୍ଷା ଦେବା ଅତ୍ୟାବଶ୍ୟକ । ଏଗୁଡ଼ିକ କୌଣସି ସାଧାରଣ ପ୍ରଶାସନିକ ବିଷୟ ନୁହେଁ; ବରଂ ଏହା ନିର୍ବାଚନର ନିରପେକ୍ଷତା, ସମାନ ପ୍ରତିନିଧିତ୍ୱ ଏବଂ ପ୍ରତ୍ୟେକ ଭୋଟର ମର୍ଯ୍ୟାଦା ସହ ସିଧାସଳଖ ଭାବେ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ନିର୍ବାଚନୀ ବ୍ୟବସ୍ଥାର ଅଖଣ୍ଡତା ବଜାୟ ରଖିବା ପାଇଁ ଏସଆଇଆର ଏକ ଆବଶ୍ୟକ ଓ ଗଠନମୂଳକ ପ୍ରକ୍ରିୟା । ନିରପେକ୍ଷତା, ସ୍ୱଚ୍ଛତା ଓ ଯଥୋଚିତ ସତର୍କତାର ସହ ଏହାକୁ କାର୍ଯ୍ୟକାରୀ କରାଗଲେ ଭୋଟର ରେକର୍ଡଗୁଡ଼ିକ ବିଶ୍ୱସନୀୟ ରହିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଆହୁରି ସୁଦୃଢ଼ ହେବ ।

### ବିସିଜେଡି ସଭାପତି...

ହେବା ପରିବର୍ତ୍ତେ ବିଭିନ୍ନ ସ୍ଥାନରେ ଜୋରଜବରଦସ୍ତି ଓ ଦାଦାଗିରି ମାଧ୍ୟମରେ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି ।

ସେହିପରି ବିସିଜେଡିର ଜିଲ୍ଲା ସଭାପତି ଅମିତ ଦାସ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି । ତାଙ୍କ କହିବା ଅନୁଯାୟୀ, ନିରାକାରପୁର କଲେଜରେ ପ୍ରଚାର ସମୟରେ ବିଷ୍ଣୁଚରଣଙ୍କ ଉପରେ ଆକ୍ରମଣ ହେବା ଅତ୍ୟନ୍ତ ଲଜ୍ଜାଜନକ । ଏହି ଆକ୍ରମଣରେ ଶାସକ ଦଳର ସମର୍ଥିତ କର୍ମୀ ଓ ଅଣଛାତ୍ରମାନେ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ପୁଲିସ ନିକଟରେ ଅଭିଯୋଗ କରାଯିବ ଏବଂ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯିବ ବୋଲି ସେ କହିଛନ୍ତି । ନ୍ୟାୟ ନ ମିଳିଲେ ଛାତ୍ର ସମାଜ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

ରିପୋର୍ଟ ଲେଖା ହେବା ଯାଏଁ ଘଟଣା ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବାବେଳେ ଖବରପାଇ ପୁଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ଏସଡିପିଓ ପଙ୍କଜ କୁମାର ମାଝୀ ସୂଚନା ଦେଇଛନ୍ତି ।

### ସୌଦାନଙ୍କ ସ୍ଥାନରରେ...

ବଳ ଯୋଗାଉଥିବା ବିଜେପି ଜାତୀୟ ନେତୃତ୍ୱ ଅନୁଭବ କରୁଛନ୍ତି । ଆଉ ୬ ମାସ ପରେ ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହୋଇପାରେ, ତେଣୁ ଏହାପୂର୍ବରୁ ଲୋକଙ୍କ ମନରେ ସରକାରଙ୍କ ସମ୍ପର୍କରେ ଏକ ଭଲ ଛବି ସୃଷ୍ଟି କରିବା ଦାୟିତ୍ୱ ସୌଦାନଙ୍କ ଉପରେ ନ୍ୟସ୍ତ ଥିବାରୁ କୌଣସି ପ୍ରସଙ୍ଗରେ ସେ ବୁଝାମଣା କରାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି ।

ତେବେ ସଙ୍ଗଠନରେ ଏକତା ଓ ଦୃଢ଼ତା, ସରକାରଙ୍କ କାର୍ଯ୍ୟଦକ୍ଷତାର ନିଷ୍ପକ୍ଷ ସମୀକ୍ଷା ଓ ନିର୍ବାଚନ ପ୍ରତିଶ୍ରୁତି ପୂରଣ ସୌଦାନଙ୍କ ଆଗରେ ପ୍ରମୁଖ ଚାଲେଞ୍ଜ ହେବ । ରାଜ୍ୟରେ ବଦଳୁଥିବା ପାଣିପାଗ, ଲୋକମାନଙ୍କ ମିଜାଜ ଓ ସରକାରଙ୍କ ୮୫୦ରୁ ଊର୍ଦ୍ଧ୍ୱ ଦିନ ବା ୧୨୨ ସପ୍ତାହର କାର୍ଯ୍ୟ ସଂକ୍ରାନ୍ତରେ ଲୋକଙ୍କ ଅନୁଭବକୁ ଆକଳନ ଯେତିକି ଅସହଜ; ୧୦ ମନ୍ତ୍ରୀଙ୍କ ଅଧୀନସ୍ଥ ପ୍ରାୟ ୨୦ଟି ବିଭାଗର ଅନୁଶୀଳନ, ବିଭାଗୀୟ ମନ୍ତ୍ରୀଙ୍କ ଭଲ ଓ ମନ୍ଦ କାର୍ଯ୍ୟର ଉତ୍ତର ଖୋଜିବା ତାହାଠାରୁ ଅଧିକ କଷ୍ଟ ହେବ ।

### ଭିଜିଲାନ୍ସ ଜାଲରେ...

ବିଚାରପତିଙ୍କ ଅଦାଲତରୁ ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ୩ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୯ ଇନ୍ସପେକ୍ଟରଙ୍କ ସମେତ ୭ଟି ଭିଜିଲାନ୍ସ ଦଳ ଚଢ଼ଉରେ ସାମିଲ ହୋଇଛନ୍ତି । ଜୟଦେବ ଜେନା ୧୯୮୭ ମସିହାରେ ସହକାରୀ ଶିକ୍ଷକ ଭାବେ ଚାକିରି ଆରମ୍ଭ କରିଥିଲେ । ପରେ ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ପାଇ ୨୦୨୩ରେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ାରେ ଏବିଇଓ ଭାବେ ଯୋଗଦେଇଥିଲେ । ୨୦୨୪ ନଭେମ୍ବର ୩୦ରେ ତାଙ୍କର ଯାଜପୁର ଧର୍ମଶାଳାକୁ ବଦଳି ହୋଇଥିଲା । ଜବତ ତଥା ଠାବ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଜୟଦେବ ଜେନାଙ୍କୁ ପଚରାଉଚରା କରାଯାଉଛି ।

### ୱାର୍ଡ ପୁନର୍ଗଠନ...

ଶେଷ ହୋଇପାରି ନଥିଲା । ଏହାପରେ ପୁଣି ଗତ ୯ ତାରିଖରେ ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନମ୍ବର ୨୮୬୭୦ରେ ଉପରୋକ୍ତ ୪ଟି ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ୱାର୍ଡ ପୁର୍ନଗଠନ ଓ ଆରକ୍ଷଣ ନେଇ ତଥ୍ୟ ପ୍ରଦାନ କରିବାକୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଥିବା ଜଣାପଡିଛି । ସେହିଭଳି ଆପତ୍ତି ଅଭିଯୋଗ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶନ ପାଇଁ ନଭେମ୍ବର ୨୫ତାରିଖ ଓ ଆପତ୍ତି ଅଭିଯୋଗ ଗ୍ରହଣ ସହିତ ସରକାରୀ ପ୍ରସ୍ତାବ ପାଇଁ ଶେଷ ତାରିଖ ଡିସେମ୍ବର ୪ତାରିଖ ରହିଥିବା ଜଣାପଡିଛି । ଫଳରେ ଏହି ପ୍ରକ୍ରିୟା ଏକମାସ ବୃଦ୍ଧି ପାଇଥିବା ଜଣାପଡିଛି । ଯାହାର ପ୍ରଭାବ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ପଡିବାର ଆଶଙ୍କା ରହିଥିବା କୁହାଯାଉଛି । ୱାର୍ଡ ପୁର୍ନଗଠନ ନେଇ ପ୍ରସ୍ତୁତି ପରେ ସମ୍ପୃକ୍ତ ନିଗମର ସାଧାରଣ ପରିଷଦ ବୈଠକରେ ଅନୁମୋଦନ ହେବାର ଆବଶ୍ୟକତା ଥିବା କୁହାଯାଉଛି । ଏଭଳି ସ୍ଥିତିରେ ବ୍ରହ୍ମପୁର ମହାନଗର ନିଗମରେ ଉପକଣ୍ଠ ବା ସହର ତଳିର ପ୍ରାୟ ୧୨ରୁ୧୪ଟି ପଞ୍ଚାୟତ ମିଶ୍ରଣ ହେବା ପ୍ରାୟତଃ ସ୍ପଷ୍ଟ ହୋଇଛି । ଫଳରେ ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ସଂଖ୍ୟା ୪୨ରୁ ବୃଦ୍ଧି ପାଇବା ନେଇ କଳ୍ପନାଯଳ୍ପନା ଲାଗି ରହିଥିବା ବେଳେ ବିଇଏମସିରେ ୱାର୍ଡ ସଂଖ୍ୟା ୪୯କୁ ବୃଦ୍ଧି ପାଇବ ବୋଲି କୁହାଯାଉଛି । କାରଣ ଯଦିଓ ଏକାଧିକ ପଞ୍ଚାୟତ ସହରରେ ମିଶ୍ରଶ ହେବ ତେବେ ସେଗୁଡିକରେ ଭୋଟରଙ୍କ ସଂଖ୍ୟା କମ୍ ରହିଛି । ଏଣୁ ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ସଂଖ୍ୟା ଅଧିକ ନୁହେଁ ବରଂ ମାତ୍ର ୭ଟି ବୃଦ୍ଧି ପାଇ ସଂଖ୍ୟା ୪୯ହେବ ବୋଲି ଜଣାପଡିଛି ।

## ବିଜେପିର 'ଭୋଟ୍ ଚୋରି'କୁ ବ୍ୟବସ୍ଥିତ କରୁଛନ୍ତି ସିଇସି: କଂଗ୍ରେସ

ଭୁବନେଶ୍ୱର,୧୨।୧୦(ସମିସ): ଏସଆଇଆରକୁ ସମର୍ଥନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ମନ୍ତବ୍ୟକୁ କଟୁ ସମାଲୋଚନା କରିଛି କଂଗ୍ରେସ । ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତ କରାଯାଇଥିବା ଭୋଟର ତାଲିକାର ଏହି ହେରଫେରକୁ ବୈଧ ବୋଲି ଦର୍ଶାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ କରିବା ଶାସକ ବିଜେପିର ଗଭୀର ଭୟ ଏବଂ ଗଣତାନ୍ତ୍ରିକ ଭାବେ ତିଷ୍ଠି ରହିବା ପାଇଁ ପ୍ରଶାସନିକ ଅପବ୍ୟବହାର ଉପରେ ସେମାନଙ୍କର ନିର୍ଭରଶୀଳତାକୁ ସ୍ପଷ୍ଟ କରୁଛି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ସେ କହିଛନ୍ତି ଯେ ଏସ୍‌ଆଇଆର୍‌କୁ "ନିୟମିତ ପ୍ରଶାସନିକ ଶୁଦ୍ଧୀକରଣ' ଦାବି ହାସ୍ୟାସ୍ପଦ; ଏହା ଏକ ଯୋଜନାବଦ୍ଧ "ଭୋଟ୍ ଚୋରି' । ଲକ୍ଷ ଲକ୍ଷ ଯାଞ୍ଚ ହୋଇଥିବା ନାଗରିକଙ୍କୁ ଭୋଟର ତାଲିକାରୁ ବାଦ୍ ଦେଉଥିବା ଏଭଳି ଏକ ସ୍ୱତନ୍ତ୍ର ପ୍ରକ୍ରିୟାରେ ନିୟମିତ ଭଳି କିଛି ବି ନାହିଁ । ପାରମ୍ପରିକ ବିରୋଧୀ ଗଡ଼ଗୁଡ଼ିକୁ ସଫା କରିବା ଏବଂ ନକଲି ଭୋଟରଙ୍କ ଦ୍ୱାରା ତାଲିକା ଭର୍ତ୍ତି କରିବା ପାଇଁ ଏସଆଇଆରକୁ ଏକ ପ୍ରଶାସନିକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଛି । ତେଣୁ ସିଇସି ଜ୍ଞାନେଶ କୁମାରଙ୍କ ସ୍ୱଚ୍ଛତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଫେଇ ନିନ୍ଦନୀୟ ବୋଲି ଭକ୍ତ କହିଛନ୍ତି ।

ସାମ୍ପ୍ରତିକ ନିର୍ବାଚନ ସଂଶୋଧନ ଏବଂ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ)କୁ ପରିଚାଳନା କରୁଥିବା ଡିଜିଟାଲ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱଚ୍ଛ ବୋଲି ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି, ତାହା ଏକ ସଫେଦ ମିଥ୍ୟା ଓ ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ । ମନଇଚ୍ଛା ପରିଚାଳିତ ଇଭିଏମ୍ ଠାରୁ ଆରମ୍ଭ କରି ଏସଆଇଆର ମାଧ୍ୟମରେ ନିର୍ଦ୍ଦିଷ୍ଟ ବର୍ଗକୁ ଭୋଟର ତାଲିକାରୁ ନାମ କାଟିବା ପର୍ଯ୍ୟନ୍ତ ଚୋରି କାମରେ ସିଇସି ଲିପ୍ତ । ଜନସାଧାରଣଙ୍କ ପ୍ରକୃତ ଜନମତକୁ ଏଡ଼ାଇବା ପାଇଁ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର କରାଯାଉଛି । ଯଦି ବିଜେପି ନିଜର ଶାସନ ଏବଂ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଏତେ ଆତ୍ମବିଶ୍ୱାସୀ, ତେବେ ମୁଖ୍ୟମନ୍ତ୍ରୀ ବାଲଟ୍ ପେପରକୁ ଫେରିବାକୁ କାହିଁକି ଡରୁଛନ୍ତି? ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ନିକଟରେ ହୋଇଥିବା ସମସ୍ତ ବେଆଇନ ନିର୍ବାଚନକୁ ତୁରନ୍ତ ବାତିଲ କରିବା ଏବଂ ବାଲଟ୍ ପେପର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଫେରାଇ ଆଣିବାକୁ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCTEECORBBS2026 02, ତାରିଖ 01.10.2026, ଯାହା 26.10.2026 କୁ 1100 ଘଟିକାରେ ଖୋଲାଯିବା ପାଇଁ ସ୍ଥିର କରାଯାଇଛି, ତାହାର **ଶୁଦ୍ଧିପତ୍ର ସଂ. 1**

(କ) ଟେଣ୍ଡର ଆମନ୍ତ୍ରଣ ସୂଚନାରେ ଥିବା ବିଡ୍ କ୍ଷମତାର "Technical Compliance" ସର୍ତ୍ତାବଳୀରେ ଏକ ନୂତନ ଉପ-ଅନୁଚ୍ଛେଦ ଯୋଡ଼ାଯାଇଛି ।

(ଖ) ଟେଣ୍ଡର ନଥିପତ୍ରର ବିଡ୍ କ୍ଷମତାରେ ନୂତନ ଅନୁଲଗ୍ନକ- G ଏବଂ ଅନୁଲଗ୍ନକ-G1ର ପ୍ରତିଲିପି ସଂଲଗ୍ନ କରାଯାଇଛି ।

ଦ୍ରଷ୍ଟବ୍ୟ :- ସଂଲଗ୍ନ କାଗଜପତ୍ର ସହିତ ଉପରୋକ୍ତ ଶୁଦ୍ଧିପତ୍ରର ସମ୍ପୂର୍ଣ୍ଣ ସୂଚନା ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ।

ଉପ ମୁଖ୍ୟ ଯନ୍ତ୍ରୀ (ଟ୍ରାକ୍)/ ଭୁବନେଶ୍ୱର

PR-492/R/26-27



**ପଶ୍ଚିମ ରେଳବାଇ ରତଲାମ ଡିଭିଜନ୍**

**ଇ-ଟେଣ୍ଡର ବିଜ୍ଞପ୍ତି**

SR.CDO/IND ପକ୍ଷରୁ GEM ପୋର୍ଟାଲ୍‌ରେ E-Tender No. GEM/2026/B/8144589 ମାଧ୍ୟମରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ବିଡ୍ ବନ୍ଦ ହେବାର ତାରିଖ ଓ ସମୟ: ୦୩.୧୨.୨୦୨୬ ଦିନ ୧୧:୦୦ ଘଣ୍ଟା । କାର୍ଯ୍ୟର ନାମ: ନିମ୍ନଲିଖିତ ସ୍ଥାନରେ Comprehensive Manpower Based Contract ମାଧ୍ୟମରେ ମେକାନାଇଜ୍ଡ ୱାଶିଂ, ଡ୍ରାଇଂ, ଆଇରନିଂ ଏବଂ ଟ୍ରାନ୍ସପୋର୍ଟେସନ୍ କାର୍ଯ୍ୟ ସହିତ ଧୋଇବା ଏବଂ ସପ୍ଲାଇ କରାଯାଉଥିବା ଲଣ୍ଡ୍ରି ସେବା ଏବଂ କୋଚିଂ ଡିପୋରେ ଲଣ୍ଡ୍ରି ମେସିନ୍ ଓ ବଏଲରର AMC; ଇନ୍ଦୋରରୁ ୦୧ ବର୍ଷ ପାଇଁ ପ୍ରସ୍ତାବିତ ଟ୍ରେନ୍‌ଗୁଡ଼ିକରେ A C କୋଚ୍‌ମାନଙ୍କର ମାନୁଆଲ୍ ଏବଂ କମ୍ବଳକୁଆଲ୍ ଆଟେଣ୍ଡାଣ୍ଟ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ । ଆନୁମାନିକ ମୂଲ୍ୟ: ଟ. ୬,୦୪,୮୩,୬୦୬/- । ଜମା କରିବାକୁ ଥିବା ବଯ଼ନା ରାଶି: ଟ. ୪,୯୨,୪୨୦/- । କାର୍ଯ୍ୟ ସମାପ୍ତି ଅବଧି: ୦୧ ବର୍ଷ । LOA ଜାରି କରିବାର ପ୍ରସ୍ତାବିତ ତାରିଖ: ୧୧.୧୨.୨୦୨୬ । ଟେଣ୍ଡର ଖୋଲିବା କାର୍ଯ୍ୟାଳୟର ଠିକଣା: SR.CDO/IND, Western Railway, Ratlam Division । ବିଡ୍ ଦାଖଲ କରିବାର ତାରିଖ ଓ ସମୟ: ୦୩.୧୨.୨୦୨୬, ୧୧:୧୦ ଘଣ୍ଟା । କାର୍ଯ୍ୟାଳୟ ସମୟ: ସୋମବାରରୁ ଶୁକ୍ରବାର, ୧୧:୦୦ ଘଣ୍ଟାରୁ ୧୭:୦୦ ଘଣ୍ଟା । ୱେବସାଇଟ୍ ଏବଂ ନୋଟିସ୍ ବୋର୍ଡ ବିବରଣୀ: ଟେଣ୍ଡର ଦସ୍ତାବିଜଗୁଡ଼ିକ G E M ୱେବସାଇଟ୍ (www.gem.gov.in) ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ । ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ବିବରଣୀ କାର୍ଯ୍ୟାଳୟ ସମୟରେ Sr.CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇପାରିବ । Apex/296

Like us on: facebook.com/WesternRly



**AFFIDAVIT**

By virtue an affidavit sworn before Notary public, Bhadrak. affidavit No - 7580, dated -12.10.2026, Bhadrak. I Sagarika Pradhan, M/o-Biswojit Kumar Pradhan, resident of village -Panguda, PO - Ugratara, PS -Chandbali, Pin - 756133, Dist -Bhadrak, Odisha, declare that I have changed my son 's name Sagarika Bichitra Biswojit Pradhan to Biswojit Kumar Pradhan, Henceforth He will be known as **BISWOJIT KUMAR PRADHAN** for all future purposes

**Notice (above 18 years of age)**

By virtue of an affidavit sworn before Executive Magistrate, Udala, Mayurbhanj , dated 12-10-2026 I, Shankhamani Dei, Address At- Jualia, Po-Jualia, Ps - Udala, Dist- Mayurbhanj, PIN-757041, Odisha declare that I have changed my name from Shankhamani Das to Shankhamani Dei. Henceforth, I shall be known as Shankhamani Dei for all purposes.

(Shankhamani Dei)

**AFFIDAVIT**

I Rambhagat Agrawala, S/o-Late Kaluram Agrawal resident of village Sohela, P/o- Sohela, Dist.- Bargarh, Odisha, Pin- 768033 declare by this Affidavit No. C.F.No. 04 dated 12.10.2026 that, now onwards I shall be known as **Ramabhagat Agrawal** for all future purpose.

**AFFIDAVIT**

By Virtue of an Affidavit Sworn Before The Executive Magistrate Angul vide Affidavit No.: 3234 on Dated 23.06.2026 I, **Akhaya Kumar Sahu**, S/o: Tanguru Sahu, Permanent/ Currently Residing At: Saradhapur, PO.: Kumurisingha, PS.: Angul Sadar, Dist.: Angul (Odisha)-759129, declare that I have changed my name from Akshay Sahu to **Akhaya Kumar Sahu.** Akshay Sahu and Akhaya Kumar Sahu is one and same person. Henceforth I shall be known as **Akhaya Kumar Sahu** for all purposes.

**AFFIDAVIT**

By Virtue of an Affidavit Sworn Before The Executive Magistrate Angul vide Affidavit No.: 2859 on Dated 28.05.2026 I, **Rashmita Sahoo**, W/o: Late Paramananda Sahoo, Permanent/ Currently Residing At: Thakurgarh,, PO.: Thakurgarh, PS.: Thakurgarh, Dist.: Angul (Odisha) declare that I have changed my son's name from Soumyaranjan Bhoi to **Aro Prasad Sahoo.** Soumyaranjan Bhoi and Aro Prasad Sahoo is one and same person. Henceforth he shall be known as **Aro Prasad Sahoo** for all purposes.

**AFFIDAVIT**

By Virtue of an Affidavit Sworn Before The Executive Magistrate Angul vide Affidavit No.: 3581 on Dated 13.07.2026 I, **Sasmita Sahoo**, D/o: Ghanasundar Sahoo, Permanent/Currently Residing At: Rantalei, PO.: Rantalei, PS.: Angul Sadar, Dist.: Angul (Odisha)-759132, declare that I have changed my name from Sunita Sahoo to **Sasmita Sahoo**. Sunita Sahoo and Sasmita Sahoo is one and same person. Henceforth I shall be known as **Sasmita Sahoo** for all purposes.

**AFFIDAVIT**

By Virtue of an Affidavit Sworn Before The Executive Magistrate Anugola vide Affidavit No.: 7169 on Dated 28.09.2026 I, **Subhadarshini Garanayak**, W/o: Lipun Garnayak, Permanent/Currently Residing At: Gadatarasa, PO.: Gadatarasa, PS.: Bantala, Dist.: Anugola (Odisha) - 759129, declare that I have changed my name from Subhasree Gadanayak to **Subhadarshini Garanayak.** Subhasree Gadanayak and Subhadarshini Garanayak is one and same person. Henceforth I shall be known as **Subhadarshini Garanayak** for all purposes.

**AFFIDAVIT**

By virtue of an affidavit sworn before Notary Public, Karanjia dated 29.09.2026, I, Mani Soy, Address At- Kaliajiani, Po-Hatigoda, Ps-Thakurmunda Dist.-Mayurbhanj, Pin-757038, Odisha declare that I have changed the name of my son from GANSH SOY to GANESWAR SOY. Henceforth, he shall be known as **GANESWAR SOY** for all purposes.

MANI SOY

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 09/10/2026. I, **Damayanti Sahu** (new name), D/o Balakrushna Sahu, permanent & current resident of AT: Gurunda, PO: Goimund, PS: Muribahal, Dist: Balangir, State: Odisha, PIN: 767040 declare that I have changed my name from **Jayanti Sahu** (old name) to **Damayanti Sahu** (new name). Henceforth, I shall be known as **Damayanti Sahu** (new name) for all future purposes.

**Damayanti Sahu**



e-mail: gmwatcosbp@gmail.com

**GOVERNMENT OF ODISHA**
**WATER CORPORATION OF ODISHA**
**OFFICE OF THE GENERAL MANAGER, WATCO DIVISION, SAMBALPUR**

13001/2149/2627

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. GMWATCOSBP-03/2026-27 Dt. 09.10.2026**

| | | | |
|---|---|---|---|
| 01. | Name of the Work | : | 1 no. work |
| 02. | Type of Bid | : | Two Bid System |
| 03. | Estimated Cost | : | Rs. 86.08 lakh |
| 04. | Period of Completion | : | 3 (Three) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 15.10.2026 to 5.00 PM of 29.10.2026 |
| 06. | Last date / time of receipt of bids in the portal | : | 5.00 PM of 29.10.2026 |
| 07. | Date & Time of opening of technical bids | : | At 11.30 AM of 30.10.2026 |
| 08. | Name and Address of the Officer Inviting Bid | : | General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001. |

Further details can be seen from the web site http://tenders.ori.nic.in or www.tendersorissa.gov.in

General Manager, WATCO Division, Sambalpur

OIPR-13001/13247/1/26-27/0003



**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT - 764006**
PHONE - 06854-242001, FAX - 06854242038.
E-mail: sgmel.ukhep@gmail.com
CICIN: U1010R1995SGC003963

4001/366/2627

**E-Tender NOTICE No. - 03/2026-27. Dated 09.10.2026**

The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs) Excl. GST | E.M.D. (in Rs) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Construction of Tata Blue Scope Roof Top Shed Over the Erectors' Hostel Building at Bariniput Colony, UKHEP, Bariniput. | 17,73,737/- | 17,800/- | 7080/- (Rs.6000+18% GST) | "C" or "D" Class | From 10:00 AM of Dt.16.10.2026 to13:00 Hrs of Dt.29.10.2026 | At 12.30 Hrs. of Dt. 30.10.2026 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC).
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

Unit Head, UKHEP, Bariniput

OIPR-4001/4002/1/26-27/0031



GOVERNMENT OF ODISHA

8001/377/2627

**OFFICE OF THE DIVISIONAL FOREST OFFICER:KATAKA FOREST DIVISION**
GHATAKULA:NUAPADA:MADHUPATANA:KATAKA-753010.
Off. Tel – 06712957611 Control Room Tel :06712340343 Toll Free No.18003457473
E-mail ID :- dfocuttack2023@gmail.com
Tender Notice No-06 /1F - Dated 12.10.2026

**TENDER CALL NOTICE**

Divisional Forest Officer, Kataka Forest Division invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration No. for procurement of **Diesel Generator (DG Set)** for Kataka Forest Division. The Tender documents can be obtained by paying Rs.2,000/- towards cost of tender paper from the office of the undersigned in any working days from **15.10.2026**. The last date of receipt of Tender documents is **30.10.2026** at 05.00 P.M. in the office of the undersigned through Speed Post / Regd. Post / Courier and in no case it will be accepted beyond 05.00 PM. The Tender will be opened in the on **31.10.2026 at 12.00 Noon**. The authority reserves the right to cancel or reject any or all quotations without assigning any reason thereof. Any legal dispute in future is subject to jurisdiction of Kataka only. The undersigned reserves the right to accept or reject any or all the tenders without assigning any reason thereof.

| | |
|---|---|
| Purpose of the Tender | Procurement of Diesel Generator (DG Set) for Kataka Forest Division |
| Date & time of availability of the bid document | 15.10.2026 to 30.10.2026 |
| Last Date Submission of Bids | 30.10.2026 till - 05.00 PM |
| The Date of Opening of Tenders | 31.10.2026 AT 12.00 - NOON |

Divisional Forest Officer, Kataka Forest Division

OIPR-8001/8025/1/26-27/0005



Email ID : secretarysdasbp@gmail.com

**GOVERNMENT OF ODISHA**
**SAMBALPUR DEVELOPMENT AUTHORITY, SAMBALPUR**

13001/2137/2627

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SDASBP-03/2026-27 Dt. 07.10.2026**

| | | | |
|---|---|---|---|
| 01. | Name of the Works | : | Construction of Paver Road and RCC Drain at Kirba Core Housing Scheme Area, Burla, Sambalpur. |
| 02. | Type of Bid | : | Single Bid System |
| 03. | Estimated Cost | : | Rs. 40.82 Lakhs |
| 04. | Period of Completion | : | 4 (Four) Months |
| 05. | Date & Time of availability of bid document in the portal | : | From 11.00 A.M. of Dt. 12.10.2026 to 5.00 P.M. of Dt. 23.10.2026. |
| 06. | Last date / time of receipt of bids in the portal | : | 5.00 P.M. of 23.10.2026 |
| 07. | Date & Time of opening of bids | : | At 11.00 A.M. of 26.10.2026 |
| 08. | Name and Address of the Officer Inviting Bid | : | Engineer Member, Sambalpur Development Authority, SMC & SDA Office building, Durgapali, Dist- Sambalpur-768 006 |

Further details can be seen from the web site http://tenders.ori.nic.in or www.tendersodisha.gov.in

Engineer Member, SDA, Sambalpur

OIPR-13001/13240/1/26-27/0004



**ODISHA HYDRO POWER CORPORATION LTD.**
(A Gold Rated State PSU)
O/O Sr. GENERAL MANAGER, Rengali Hydro Electric Project, Rengali
P.O: RENGALI DAM SITE, DIST: ANGUL (ODISHA) INDIA, PIN: 759105
TEL: 06760-277214, FAX: 06760-277324, Email: sgmel500@gmail.com
CIN: U40101OR1995SGC003963

4001/362/2627

No. OHPC/RHEP/TW/PUR-III/17/ *6765* /Dated, 09.10.2026.

**TENDER CALL NOTICE NO. RHEP- 17/26-27**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers / authorized dealers / Reputed suppliers for supply of the following materials as mentioned below:

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD / BC only (Refundable) in Rs. | Period of availability of tender at OHPC website. (Sale) | Last date & Time of receipt of Tender. | Date & Time of opening of Techno Commercial bid. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Supply of 3" Kanaflex / PVC Hose For Cooling Water System of Generator Transformer of RPH, Rengali | Rs. 708.00 (Including GST@18%) | 1100.00 | From Dt. 14.10.2026 to 01:00 P.M. of Dt. 28.10.2026 | Dt. 28.10.2026 (Upto 01:30 PM) | Dt. 28.10.2026 at 04:30 PM |

For details of the tender documents, terms & conditions please visit our website www.ohpcltd.com.

(If the Submission and opening date of Tender paper happens to be a holiday, the next working day will be the corresponding effective date.)

C & P Head, RHEP, Rengali.

OIPR-4001/4022/1/26-27/0017

### ଏସ୍‌ଭିଏମ୍ କଲେଜରେ ପକ୍ଷପାତିତା ଅଭିଯୋଗରୁ ଉତ୍ତେଜନା

# ମୁଖ୍ୟ ଫାଟକ ସମ୍ମୁଖରେ ବିସିଜେଡି ପ୍ରାର୍ଥୀଙ୍କ ଧାରଣା

ଜଗତସିଂହପୁର,୧୨।୧୦(ସମିସ):

ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ ଥିବା ଏସଭିଏମ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ନିର୍ଦ୍ଦିଷ୍ଟ ଛାତ୍ର ସଙ୍ଗଠନ ସମର୍ଥିତ ପ୍ରାର୍ଥୀଙ୍କୁ ରାତିରେ କଲେଜ କ୍ୟାମ୍ପସ ମଧ୍ୟରେ ପ୍ରଚାର ପାଇଁ ଅନୁମତି ଦେବା ଏବଂ ବିରିଆନି ତଥା ଟଙ୍କା ବଣ୍ଟା ଯାଉଥିବା ଅଭିଯୋଗ କରିଛି ଛାତ୍ର ବିଜେଡି। ଏଭଳି ପକ୍ଷପାତିତାକୁ ବିରୋଧ କରି କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବିଜୁ ଛାତ୍ର ଜନତା ସମର୍ଥିତ ପ୍ରାର୍ଥୀ ଏବଂ ସେମାନଙ୍କ ସମର୍ଥକ ଧାରଣା ଦେଇଥିଲେ। ଆମକୁ ନ୍ୟାୟ ଦରକାର ଏବଂ କର୍ତ୍ତୃପକ୍ଷଙ୍କ ପକ୍ଷପାତିତା ଚଳିବ ନାହିଁ ବୋଲି ନାରାବାଜି କରିଥିଲେ ଧାରଣାକାରୀ। ଏହି ସମୟରେ ସେଠାରେ ଏବିଭିପି ସମର୍ଥକ ପ୍ରାର୍ଥୀ ଏବଂ ସମର୍ଥକ ପହଞ୍ଚିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଆକ୍ଷେପ ପ୍ରତି ଆକ୍ଷେପ ଆରମ୍ଭ ହୋଇଯାଇଥିଲା। ଦୁଇ ଛାତ୍ର ଗୋଷ୍ଠୀ ଏକପ୍ରକାର ମୁହାଁମୁହିଁ ହେବା ସହିତ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଜଗତସିଂହପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀକୁ ବୁଝାସୁଝା କରିଥିଲେ। ଗଣ୍ଡଗୋଳ ଆଶଙ୍କା ଥିବାରୁ କଲେଜ ଭିତରେ ଏବଂ ବାହାରେ ପୁଲିସ ମୁତୟନ କରାଯାଇଛି। ପରେ ସ୍ଥାନୀୟ ତହସିଲଦାର ଏବଂ ପୁଲିସ ଉପସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ଯାଇ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କର ଅଭିଯୋଗ ଉପରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।





ଶାରଦୀୟ ମହାପାର୍ବଣ ଷୋଡ଼ଶ ଉପଚାର ଦଶମ ଦିବସରେ ପରମ ବୈଷ୍ଣବୀ ଜଗତ ଜନନୀ ବିଦ୍ୟା ପ୍ରଦାୟିନୀ ଝଙ୍କଡ଼ ବାସିନୀ ସିଂହବାହିନୀ କୃପାମୟୀ କରୁଣାମୟୀ ଆନନ୍ଦମୟୀ ପ୍ରେମମୟୀ ମହାକାଳୀ ମହାଲକ୍ଷ୍ମୀ ମହାସରସ୍ୱତୀ ମା' ଶାରଳାଙ୍କ ସନ୍ଧ୍ୟା ବେଶ ଦର୍ଶନ।

# ଜିଲ୍ଲା ବରିଷ୍ଠ ନାଗରିକ ସଂଗଠନର ସାଧାରଣ ସଭା



ଜଗତସିଂହପୁର,୧୨।୧୦(ସମିସ): ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଗଠନର ସାଙ୍ଗଠନିକ ବୈଠକ ଠାକୁରପାଟଣା ସ୍ଥିତ ହରିହରଙ୍କ ପୀଠରେ ସଂଗଠନର ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଥାନା ଭାରାପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ, ସମ୍ମାନନୀୟ ଅତିଥି ଭାବେ ସହ ଅଧିକାରିଣୀ ତପସ୍ୱିନୀ କାନୁନଗୋ, ମୁଖ୍ୟବକ୍ତା ଭାବେ ସମାଜସେବୀ ବିନାୟକ ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ଥିଲେ। ସେହିପରି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବସନ୍ତ କୁମାର ରାଉତ, ବିଭୁଦ କୁମାର ମହାନ୍ତି, ସୁବାସ ଚନ୍ଦ୍ର ବେହେରା, ଲିଙ୍ଗରାଜ ବେହେରା, ପଦ୍ମନାଭ ପଣ୍ଡା, ଦୀପ୍ତି ଦାଶ, ସୁରପ୍ରସାଦ ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ସଂଗଠନର କାର୍ଯ୍ୟକାରୀ ସଭାପତି ଭାରତଚନ୍ଦ୍ର ନାଥ, ଉପ ସଭାପତି ବୈକୁଣ୍ଠ ମହାପାତ୍ର, ସାଧାରଣ ସମ୍ପାଦକ ହିତେଶ ମହାନ୍ତି, ଯୁଗ୍ମ ସମ୍ପାଦକ ଦ୍ୱାରିକାନାଥ ମହାପାତ୍ର,ଦାମୋଦର ମୁଦୁଲି, ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ସଂଗଠନ ସମ୍ପାଦକ ଦେବୀପ୍ରସନ୍ନ ମହାନ୍ତି, କୋଷାଧକ୍ଷ ବିଜୟକୁମାର ନାୟକ, ସୁଷମା ପ୍ରଧାନ, ସନାତନ ମହାନ୍ତି, ଅଭୟଦାସ, ସାରଦା ପ୍ରସାଦଦାସ, ରବୀନ୍ଦ୍ର ନାୟକ, ଭାଗବାନ ଦାସ, ହୃଷିକେଶ ଚୟନୀ ପ୍ରମୁଖ ଯୋଗଦେଥିବା ବେଳେ ଦୁଇଶହରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସଦସ୍ୟ ଉପସ୍ଥିତ ଥିଲେ। ସଂପାଦକୀୟ ବିବରଣୀ ପାଠ କରିଥିଲେ ହିତେଶ କୁମାର ମହାନ୍ତି। ପ୍ରସ୍ତାବ ଅନୁଯାଇ ପୂର୍ବରୁ ଥିବା ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ନାମ ପରିବର୍ତ୍ତନ କରାଯାଇ ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଗଠନ ରଖାଯିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର କରାଗଲା। ଅତିଥି ମାନଙ୍କ ଦ୍ୱାରା ନୂତନ ସଦସ୍ୟମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଅନୁଷ୍ଠାନ ସରକାରୀ ପଞ୍ଜିକୃତ କରାଯିବା ଓ ଆଗାମୀ ବାର୍ଷିକ ଉତ୍ସବକୁ ସରସସୁନ୍ଦର କରିବା ପାଇଁ ସମସ୍ତ ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ ସଭାପତି। ସଂଗଠନ ତରଫରୁ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସେବା ନିମତେ ମେଡ଼ିକାଲରେ ସ୍ୱତନ୍ତ୍ର ସୁବିଧା ରଖିଯିବାପାଇଁ କର୍ମକର୍ତ୍ତାମାନେ ମେଡିକାଲ ଅଧିକାରୀଙ୍କୁ ଭେଟିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଉପସଭାପତି ବୈକୁଣ୍ଠ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏରସମାରେ ବାଣ ତିଆରି କାରଖାନା ଠାବ / ୧୦୦ କେଜି ବାରୁଦ, ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ



ଏରସମା,୧୨।୧୦(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅଞ୍ଚଳରେ ବେଆଇନ ବାଣ ତିଆରି କାରଖାନା ଠାବ କରିଛି ପୁଲିସ। ଏହି ଚଢ଼ଉ ସମୟରେ ପ୍ରାୟ ୧୦୦ କେଜି ବାରୁଦ ସମେତ ବିପୁଳ ପରିମାଣର ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ସୋମବାର ଦିନ ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ଏରସମା ଥାନାର ଏଏସ୍‌ଆଇ ପିକେ ରାୟ ଓ ଏଏସ୍‌ଆଇ ଏସ୍. ବେଗମ୍‌ଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏରସମା ଥାନା ଅନ୍ତର୍ଗତ ଧୋବେଇଜଙ୍ଗଲ (ଦହିବର) ଗ୍ରାମର ଅଧିକାରୀ ରାମଶଙ୍କର ଦାସ (୫୫)ଙ୍କ ଘରେ ଚଢ଼ଉ କରିଥିଲା। ସେ ଅଧିକାରୀ ଗୁଣଧର ଦାସଙ୍କ ପୁଅ ବୋଲି ଜଣାପଡ଼ିଛି। ପୁଲିସ ଚଢ଼ଉ ଓ ତଲାସି ସମୟରେ ଘରୁ ପ୍ରାୟ ୧୦୦ କେଜି ବାରୁଦ, ଚାରିଟି ରାସାୟନିକ ପଦାର୍ଥ ଥିବା ବୋତଲ, ୮୦ଟି ହାତ ତିଆରି ବାଣ (ବୋମା), ୨୦ଟି ଖାଲି ବାଣ ନଳ, ୬୭ଟି ଖାଲି ଅନାର ପାତ୍ର, ପ୍ରାୟ ୧ କେଜି ସୂତା, ଗୋଟିଏ ଗମ୍ ଟ୍ୟୁବ୍, ୫୦୦ଟି ଫ୍ୟୁଜ୍ ଓ ପାଞ୍ଚଟି ଖାଲି ଆକାଶଛୁଆଁ ବାଣ ନଳ ଜବତ କରାଯାଇଛି। ବିନା ବୈଧ କାଗଜପତ୍ର ଓ ଆବଶ୍ୟକ ଅନୁମତିରେ ବାଣ ତିଆରି କାର୍ଯ୍ୟ ଚାଲିଥିବା ଅଭିଯୋଗରେ ପୁଲିସ ଉକ୍ତ ସାମଗ୍ରୀଗୁଡ଼ିକୁ ଆଇନ ଅନୁଯାୟୀ ଜବତ କରିଛି। ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଛି।

# ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ

ଜଗତସିଂହପୁର,୧୨।୧୦(ସମିସ): ଭାରତୀୟ ଜନତା ପାର୍ଟି ଜଗତସିଂହପୁର ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତି ସର୍ଜନ ସିଂହଙ୍କ ନେତୃତ୍ୱରେ ଜଗତସିଂହପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ସିପି ଛକ ନିକଟରୁ ଶତାଧିକ ମହିଳା କର୍ମୀଙ୍କୁ ନେଇ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। କଂଗ୍ରେସ ଦଳ ଏବଂ ଏହାର ଶୀର୍ଷ ନେତାମାନଙ୍କ ଦ୍ୱିମୁଖୀ ନୀତି ବିରୋଧରେ ନାରାବାଜି କରିବା ସହ ଉପସ୍ଥିତ ମହିଳା କାର୍ଯ୍ୟକର୍ତ୍ତାମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ



ବିବାଦୀୟ ମଣିପୁର ସାଂସଦଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ମହିଳା ନେତ୍ରୀ ଜିଲ୍ଲା ଉପସଭାପତି ତଥା ପ୍ରଭାରୀ ଗୀତାଞ୍ଜଳି ସାହୁ, ସହ ପ୍ରଭାରୀ ଦୀପ୍ତି ରେଖା ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମାଧସ୍ମିତା ସେଠ୍ୟ, ତାପସୀ ମଲ୍ଲିକ, ଚନ୍ଦ୍ରକାନ୍ତି ପଳାଇ, ମାନସୀ ପଣ୍ଡା, ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ମନୋରମା ଦାସ, ରୀନାରାଣୀ ପଣ୍ଡା, ଶ୍ରଦ୍ଧାଞ୍ଜଳି ମାଦେଲି, ଅନୁସୟା ଲେଙ୍କା, ଶୈଳବାଳା ରାଉତ, ଇତିଶ୍ରୀ ସ୍ୱାଇଁ, ସୌଦାମିନୀ ନାୟକ, ଶୁଚିସ୍ମିତା ମହାନ୍ତି, ଗୀତାଞ୍ଜଳି ବାରିକ, ଜ୍ୟୋତ୍ସ୍ନାରାଣୀ ବାରିକ ଏବଂ ସୋନାଲି ସାଇସ୍ମିତା ପରିଡ଼ାଙ୍କ ସମେତ ବହୁ ସଂଖ୍ୟାରେ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଓ ସମର୍ଥକ ସାମିଲ ହୋଇ ନାରୀ ସୁରକ୍ଷା ଓ ସମ୍ମାନ ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ।

# ଗାଡ଼ି ଧକ୍କାରେ ଛାତ୍ର ମୃତ



ବାଲିକୁଦା,୧୨।୧୦(ସମିସ): ବାଲିକୁଦା ବଜାର ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ବାଲିକୁଦା ଥାନା ଅଢଙ୍ଗା କୋଳଦା ଗ୍ରାମର ରାହୁଲ ନାୟକ। ତାଙ୍କ ବୟସ ୧୮ ବର୍ଷ। ସେ ବାଲିକୁଦା କଲେଜରେ +୩ ପ୍ରଥମ ବର୍ଷ ଛାତ୍ର। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକ ଏ ନେଇ ରାସ୍ତାରୋକ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାନବାହାନ ଅଟକି ରହିଥିଲା।

## ଜୟପ୍ରକାଶ ଶିକ୍ଷାନିକେତନରେ ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ରଘୁନାଥପୁର,୧୨।୧୦(ସମିସ): ରଘୁନାଥପୁର ବ୍ଲକ ଜୋନ୍ ୩ ବିଦ୍ୟାଳୟ ସମୂହ ଖୋ-ଖୋ ଓ କବାଡି ପ୍ରତିଯୋଗିତା ତଅଁରା ପଞ୍ଚାୟତ ସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନ, ରାମଚନ୍ଦ୍ରପୁରରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ତଅଁରା ଗ୍ରାମପଞ୍ଚାୟତର ସରପଞ୍ଚ ବଟକୃଷ୍ଣ ନାୟକ, ମୁଖ୍ୟବକ୍ତା ସମିତିସଭ୍ୟ ଶାନ୍ତିଲତା ଦ୍ୱିବେଦୀ, ସମ୍ମାନନୀୟ ଅତିଥି ଭାବେ ହେମଲତା କ୍ଲଷ୍ଟରର ସିଆର୍‌ସିସି ନିରଞ୍ଜନ ସାହୁ, ମଣ୍ଡଳ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ସଂପାଦକ ଅବଦୁଲ ହମିଦ, ବରିଷ୍ଠ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଓ ପ୍ରଧାନଶିକ୍ଷୟିତ୍ରୀ ବନ୍ଦନା ନାୟକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ କହିଥିଲେ ଓ ଖେଳାଳି ମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ କିପରି ସମ୍ମାନିତ କରାଯାଉଛି ତା'ର ଉଦାହରଣ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିଷ୍ଣୁଚନ୍ଦ୍ର କର ବେଦପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପିଏମ ଶ୍ରୀ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ରେଢୁଆ ଜୋନ୍‌ର ୧୫ଟି ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୦୫ ଜଣ ପ୍ରତିଯୋଗି ୧୪ ବର୍ଷ ଓ ୧୭ ବର୍ଷ ବାଳକ ଓ ବାଳିକା ବର୍ଗରେ ଭାଗ ନେଇଥିଲେ। ଏଥିରୁ ଜୟପ୍ରକାଶ ଶିକ୍ଷାନିକେତନ, ଚର୍ଚ୍ଚିକାଇ ଉଚ୍ଚ ପ୍ରାଥମିକ, ମହେଶ୍ୱର ଉଚ୍ଚ ବିଦ୍ୟାଳୟ, ଗୁଆଳିପୁର, ହେମଲତା ଉଚ୍ଚ ପ୍ରାଥମିକ, ଚିକିଣିଆ, ପିଏମଶ୍ରୀ ସରକାରୀଉଚ୍ଚ ବିଦ୍ୟାଳୟ, ରେଢୁଆର ୬୪ ଜଣ ପ୍ରତିଯୋଗି ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଉର୍ତ୍ତୀତ ହୋଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ କ୍ରୀଡ଼ା ଶିକ୍ଷକ ପରେଶ୍ କୁମାର ମହାପାତ୍ର, ନିର୍ମଳ କୁମାର ସାହୁ, ଭେନୁଗୋପାଳ ମିଶ୍ର। କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ଧରଣୀଧର ଜେନା, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ସୁଧୀର କୁମାର ନାୟକ ଓ ଶାରଦା ପ୍ରସାଦ ନାୟକ ଓ ନିରୋଦ କୁମାର ଜେନା। ଶେଷରେ ସୁଧୀର କୁମାର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ଜିଲ୍ଲା ମହୋତ୍ସବ ସରିବାର ୬ ମାସ ବିତିଲାଣି

# 'କଲ୍ଲୋଳ' ସମୀକ୍ଷା କଥା ଭୁଲିଯାଇଛି ପ୍ରଶାସନ!

ଜଗତସିଂହପୁର,୧୨।୧୦(ସମିସ): ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ସରିବାର ୬ ମାସ ବିତିଲାଣି। ହେଲେ ଏହି ମହୋତ୍ସବ ପାଳନ ବେଳେ ଦେଖା ଦେଇଥିବା ଅବ୍ୟବସ୍ଥା ଏବଂ ଭୂଲତ୍ରୁଟିର ସମୀକ୍ଷା ପାଇଁ ବୈଠକ ଡାକିବାକୁ ଭୁଲିଯାଇଛି ପ୍ରଶାସନ। ଗତଥର ମଧ୍ୟ ଏମିତି ଭୁଲିଯାଇଥିଲା ପ୍ରଶାସନ। ଏଥର ମଧ୍ୟ ଠିକ୍ ସେହିଭଳି ମହୋତ୍ସବରେ ଦେଖାଦେଇଥିବା ତ୍ରୁଟିର ସମୀକ୍ଷା କରିବାକୁ ପ୍ରଶାସନ ଚାହୁଁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସବୁଠୁ ବଡ଼ କଥା ଜିଲ୍ଲା ପ୍ରଶାସନ ଜିଲ୍ଲା ସଂସ୍କୃତି ବିଭାଗ ଭଳି ଜିଲ୍ଲାର ମନ୍ତ୍ରୀ, ସାଂସଦ, ବିଧାୟକମାନେ ମଧ୍ୟ ଏ ନେଇ ନିରବ ରହିବା ସଂସ୍କୃତିପ୍ରେମୀଙ୍କୁ ବ୍ୟଥିତ କରିଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ମାସ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୬' ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଥିଲା। ବିଶେଷ କରି ମହୋତ୍ସବ ଆୟୋଜନରେ ହୋଇଥିବା ଆୟ-ବ୍ୟୟ ସାର୍ବଜନୀନ କରିବାରେ ସଂସ୍କୃତି ବିଭାଗର ପଛଘୁଞ୍ଚା ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଚଳିତବର୍ଷ ମଧ୍ୟ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ମନମାନୀ ପ୍ରତିଫଳିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍‌କମିଟିର ନିଷ୍ପତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବା ବେଳେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଏହାକୁ ନଜରରେ ରଖି ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଉଛି।

ଗତବର୍ଷ ମଧ୍ୟ ଏହି ଭଳି ପ୍ରଶାସନ ସମୀକ୍ଷା ବୈଠକ ଡାକିବାକୁ ଭୁଲିଯିବାରୁ ସ୍ଥାନୀୟ ବିଧାୟକ ବାରମ୍ବାର ଏ ନେଇ ପ୍ରଶାସନକୁ ମନେ ପକାଇ ଦେଇଥିଲେ। ସେହିବର୍ଷ ଜୁଲାଇ ୧୮ରେ ସେ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। କିନ୍ତୁ ପ୍ରଶାସନ ସେ ସବୁକୁ କର୍ଣ୍ଣପାତ କରିନଥିଲା। ପୁଣିଥରେ ୨୦୨୬ ଫେବୃୟାରୀ ୨୦ ତାରିଖରେ କ୍ଷୋଭବ୍ୟକ୍ତ କରିବା ସହିତ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲ୍ଲାପାଳଙ୍କୁ ବିଧାୟକ ଚିଠି ଲେଖିଥିଲେ। ହେଲେ ଜିଲ୍ଲାପାଳ କିମ୍ବା ଜିଲ୍ଲା ସଂସ୍କୃତି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ବାରମ୍ବାର ଏଭଳି ହେଉଥିବାରୁ ଜିଲ୍ଲାପାଳ ଏବଂ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସମୀକ୍ଷା ବୈଠକ ଡକାଯାଉ ନଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗରେ ସତ୍ୟତା ରହିଥିବା ସାଧାରଣରେ ଆଲୋଚନା କରାଯାଉଛି।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୨।୧୦(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୬୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୦ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୫ଟି, ଆବାସ ପାଇଁ ୯ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୬ଟି, ଭତ୍ତା ପାଇବା ପାଇଁ ୧ଟି, ପୁଲିସ ସହାୟତା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ବିରିଡ଼ି, ତହସିଲଦାର, ବିରିଡ଼ି, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

### ବନ୍ଦର ନିଷିଦ୍ଧାଞ୍ଚଳରେ ଲୁହାପଥର ଅନ୍‌ଲୋଡିଂରେ ବିଳମ୍ବ

# ବନ୍ଦର ୨ ନମ୍ବର ଗେଟ୍‌ରେ ଡ୍ରାଇଭରଙ୍କ ଧାରଣା

ପାରାଦୀପ,୧୨।୧୦(ସମିସ):

ପାରାଦୀପ ବନ୍ଦରକୁ ଲୁହାପଥର ଆଣି ଆସୁଥିବା ଆଇରନ୍ ଟ୍ରକ୍ ଡ୍ରାଇଭରଙ୍କ ଦୁର୍ଦ୍ଦଶା ଏବେ ଚରମ ସୀମାରେ। ଲୁହାପଥର ଖାଲି କରିବା ପାଇଁ ପାରାଦୀପକୁ ଆସି ଦୀର୍ଘ ଦିନ ଧରି ରାସ୍ତା ଉପରେ ଅଟକି ରହିବାକୁ ପଡୁଛି। ଏପରିକି ଅତିକମରେ ୧୦ ଦିନ ବାଟରେ ଅଟକି ରହୁଛନ୍ତି ଶହ ଶହ ଟ୍ରକ୍। ପାରାଦୀପ ଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ପର୍ଯ୍ୟନ୍ତ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ଏବେ ଅଟକି ରହିଥିବା ଅଭିଯୋଗ ହୋଇଛି। ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଭଳି ସ୍ଥିତିରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଡ୍ରାଇଭର ମାନେ ଆଉ କୌଣସି ବାଟ ନପାଇ ଆଜି ପାରାଦୀପ ୨ ନମ୍ବର ଫାଟକ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନର ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରିଛନ୍ତି ଡ୍ରାଇଭର ମାନେ।



ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ବର୍ଥରେ ଲୁହାପଥର ଖଲାସ କରିବା ପାଇଁ ଆସିଥିବା ଟ୍ରକ୍ ଗୁଡ଼ିକ ଦୀର୍ଘ ୧୦ ଦିନ ଧରି ରାସ୍ତା ଉପରେ କାହିଁକି ଅଟକି ରହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ୧୦ ଦିନ ଧରି ଆସିଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ଟ୍ରକ୍‌ରୁ ମାଲ୍ ଖଲାସ ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି ସେମାନେ। ଏତେ ଦିନ ଧରି ଗାଡ଼ି ଅଟକି ରହିବା ଯୋଗୁଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ସେମାନଙ୍କ ପାଖରେ ଥିବା ଟଙ୍କାପଇସା ଶେଷ ହୋଇଗଲାଣି। ଖାଇବା ପିଇବା ପାଇଁ ମଧ୍ୟ ଟଙ୍କା ନାହିଁ। ଅନ୍ୟପଟେ ଗାଡ଼ିରୁ ତେଲ, ମୋବାଇଲ୍, ପର୍ସ ଭଳି ଜିନିଷ ଚୋରି ହେଉଥିବା ନେଇ ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। କେବଳ ପାରାଦୀପ ନୁହେଁ, ପାରାଦୀପ ଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ପର୍ଯ୍ୟନ୍ତ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ଅଟକି ରହିଛି। ଯାହା ଫଳରେ ଡ୍ରାଇଭର ମାନେ ଆର୍ଥିକ ସମସ୍ୟା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଟ୍ରକରୁ ଲୁହାପଥର ଖଲାସ କରିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ଧାରଣାରତ ଡ୍ରାଇଭର ମାନେ। ଯଦି ତୁରନ୍ତ ସେମାନଙ୍କ ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି।

# ରୁଙ୍ଗଟା କାରଖାନାରେ ମୋବାଇଲ ବାରଣକୁ ନେଇ ଉତ୍ତେଜନା

## ଦୁର୍ଘଟଣା ଲୁଚାଇବାକୁ ପ୍ରୟାସ ନେଇ କର୍ମଚାରୀଙ୍କ ତୀବ୍ର ପ୍ରତିବାଦ

ହିନ୍ଦୋଳ,୧୨ ।୧୦(ସମିସ)



ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରୁଙ୍ଗଟା ମାଇନ୍ସ କାରଖାନାରେ ମୋବାଇଲ ବାରଣକୁ ନେଇ କର୍ମଚାରୀ ମହଲରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି । କାରଖାନା ମଧ୍ୟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାର ଫଟୋ ଓ ଭିଡିଓ ଭାଇରଲ ହେଇଯିବା ଆଶଙ୍କାକୁ ଦୃଷ୍ଟିରେ ରଖି କାରଖାନା କର୍ତ୍ତୃପକ୍ଷ ନିଜ ଦୋଷ ଘୋଡ଼ାଇବାକୁ ଏପରି ଉଦ୍ୟମ କରି ମୋବାଇଲ ପ୍ରବେଶକୁ ନିଷେଧ କରିଥିଲେ । ଏ ନେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଶତାଧିକ କର୍ମଚାରୀ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ତୀବ୍ର ପ୍ରତିବାଦ କରିଥିଲେ ।

ରୁଙ୍ଗଟା କମ୍ପାନୀ ଭିତରେ ଆଗରୁ ବହୁ ଦୁର୍ଘଟଣା ଘଟିଥିବା ବେଳେ ପ୍ରାୟ ସମୟରେ କର୍ତ୍ତୃପକ୍ଷ ଏହାକୁ ଚପାଇ ଦେବାକୁ ଉଦ୍ୟମ କରିଥିବା ନଜିର ରହିଛି । କେତେବେଳେ କମ୍ପାନୀ ଗାଡ଼ି ତଳେ କର୍ମଚାରୀଙ୍କ ଜୀବନ ଗଲାଣି ତ କେତେବେଳେ ବ୍ଲାଷ୍ଟିଂରେ ଜୀବନ ଯାଉଛି । ଏ ସବୁ ଘଟଣା ବାହାରକୁ ଆସୁଛି । ନିଜ ଦୋଷକୁ ଘୋଡ଼ାଇବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ମୋବାଇଲ ନେବାକୁ କାର୍ଯ୍ୟରତ କର୍ମଚାରୀଙ୍କୁ ବାରଣ କରିଥିଲେ । ହେଲେ ଢେଙ୍କାନାଳରେ ବହୁ କମ୍ପାନୀ ରହିଛି । କିନ୍ତୁ ରୁଙ୍ଗଟା କମ୍ପାନୀ ପରିସରକୁ କର୍ମଚାରୀ ମୋବାଇଲ ନେଇପାରିବେ ନି ଏଭଳି ନିୟମ କରିବାକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ନିଜ ସଫେଇରେ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି, ମୋବାଇଲ ନେବାକୁ ବାରଣ ସେମାନଙ୍କ ଭଲ ପାଇଁ ହୋଇଛି । ମୋବାଇଲରେ ବ୍ୟସ୍ତ ରହି ଦୁର୍ଘଟଣା ଘଟୁଛି । ସେଥିପାଇଁ ମୋବାଇଲ ନେବାକୁ ନିଷେଧ କରାଯାଇଛି । ହେଲେ କର୍ମଚାରୀ କିଛି ଅଲଗା କଥା କହୁଛନ୍ତି । କାଳେ ସେମାନେ ମୋବାଇଲରେ ଦୁର୍ଘଟଣାର କୌଣସି ଫଟୋ କି ଭିଡିଓ ବନାଇବେ ସେଥିପାଇଁ ମୋବାଇଲ ନିଷେଧ କରାଯାଇଛି । ଏଭଳି ଭାବେ କମ୍ପାନୀ ପରିସରରେ ଘଟୁଥିବା କିଛି ଘଟଣା ପଦାକୁ ଆସିବନି କି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ କିଛି ଉତ୍ତର ରଖିବାକୁ ପଡ଼ିବନି । ଏସବୁ ସତ୍ତ୍ୱେ ଆମର କିଛି ବ୍ୟକ୍ତିଗତ ସମସ୍ୟା ରହିଛି । ୮ ଘଣ୍ଟା ଯଦି ଆମେ କାମ କରିବୁ ମୋବାଇଲ ଡିପୋଜିଟ କରି ଡ୍ୟୁଟି କଲେ ସମସ୍ୟା ଉପୁଜିବ । ଏହି ଘଟଣାକୁ ନେଇ କର୍ମଚାରୀମାନେ ତୀବ୍ର ବିରୋଧ କରିଛନ୍ତି ।

## ଛାତ୍ର ରାଜନୀତିକୁ ନେଇ ବଢୁଛି ଉଷ୍ମତା

ଭୁବନ,୧୨ ।୧୦(ସମିସ): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଛାତ୍ର ରାଜନିତିର ଉଷ୍ମତା ଦେଖିବାକୁ ମିଳିଛି । ଦିର୍ଘ ୮ବର୍ଷ ପରେ ଛାତ୍ରସଂସଦ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀମାନେ ପ୍ରଥମଥର ଭୋଟ ଦେବାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ବିଶେଷକରି ଏବିଭିପି ଓ ବିସିଜେଡି ଛାତ୍ର ସଙ୍ଗଠନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି । ପ୍ରାର୍ଥୀମାନେ ପ୍ରଚାରପ୍ରସାର ଆରମ୍ଭ କରିବା ସହ ପୁସିଂକାର୍ଡ ବାଣ୍ଟି ଭୋଟରଙ୍କୁ ମନାଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ସେହିପରି ଭୁବନ ଜିରାଳ ମହାବିଦ୍ୟାଳୟରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ବିଜୟଶୋଭାଯାତ୍ରା କରିଛନ୍ତି ।

■ ମଡିଫାଏଡ ସାଇଲେନ୍ସର ଲଗାଇ କରୁଥିଲେ ବିକଟାଳ ଶବ୍ଦ

## ମାଡ଼ିବସିଲା ପୁଲିସ, ୫୦ ସାଇଲେନ୍ସର ନଷ୍ଟ



ଢେଙ୍କାନାଳ,୧୨ ।୧୦(ସମିସ): ଅମାନିଆ ଭାବରେ ଗାଡ଼ି ଚାଳନା କରୁଥିବା ଓ ବାଇକ୍‌ର ସାଇଲେନ୍ସରକୁ ମଡିଫାଇ କରି ବିକଟାଳ ଶବ୍ଦ କରୁଥିବା ୫୦ଟି ବୁଲେଟର ସାଇଲେନ୍ସରକୁ ଢେଙ୍କାନାଳ ଟାଉନ ଥାନା ପୁଲିସ ନଷ୍ଟ କରିଛି । ଏସପି ଆଜିଙ୍କ୍ୟ ବାବୁରାଓ ମାଣେଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ଧୀରେନ କୁମାର ବେହେରା ଏବଂ ଏସଡିପିଓଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରିଥିଲା । ଜବତ ହୋଇଥିବା ୫୦ ସାଇଲେନ୍ସକୁ ରୋଲର ଚଢ଼ାଇ ନଷ୍ଟ କରାଯାଇଛି । ଏଥିସହ ୩୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

## ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ସୁରଭି'



ଖଜୁରିଆକଟା,୧୨ ।୧୦(ସମିସ): ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତିଶଙ୍କର ନାୟକ, ମୁଖ୍ୟବକ୍ତା ଭାବେ କୋରହିଗାଡ଼ିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ଦାଶ ଯୋଗଦେଇଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖୁଣ୍ଟୁଝରି ଉନ୍ନୀତ ବିଦ୍ୟାଳୟ, କୋରେହିଗାଡ଼ିଆ ପ୍ରାଥମିକ ବିଦ୍ୟାଳୟ, ଚନ୍ଦନମଣ୍ଡପ ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର ଉଚ୍ଚ ବିଦ୍ୟାଳୟ, ଇନ୍ଦିପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଣ୍ଡୁରାପସି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ, ବକ୍ତୃତା ନାଚ, ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆସନ୍ତା ୧୬ ତାରିଖ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି ।

ଛାତ୍ରସଂସଦ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ

## ଜୋର୍‌ଦାର୍ ପ୍ରଚାର କରୁଛନ୍ତି ବିସିଜେଡି ପ୍ରାର୍ଥୀ

କାମାକ୍ଷାନଗର,୧୨ ।୧୦(ସମିସ)



ଆସନ୍ତା ୧୫ ତାରିଖ ହେବାକୁ ଥିବା ଛାତ୍ରସଂସଦ ନିର୍ବାଚନ ପାଇଁ କାମାକ୍ଷାନଗରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବିଜେଡି । ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହଚରଣ ସାହୁ ଉପସ୍ଥିତ ରହି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିବା ବେଳେ ଜୋରଦାର ପ୍ରଚାର କରୁଛନ୍ତି କରୁଛନ୍ତି ବିସିଜେଡି ପ୍ରାର୍ଥୀ । ବିସିଜେଡିର ସମସ୍ତ ପ୍ରାର୍ଥୀ କିପରି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବେ, ସେ ନେଇ ବୈଠକରେ ଆଲୋଚନା ହୋଇଛି । ନିର୍ବାଚନରେ ଲଢୁଥିବା ବିସିଜେଡିର ସମସ୍ତ ପ୍ରାର୍ଥୀ, ଦଳୀୟ କାର୍ଯ୍ୟକର୍ତ୍ତା ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କ୍ୟାମ୍ପେନରେ ଶତାଧିକ ପିଲା ବିସିଜେଡି ପ୍ରାର୍ଥୀଙ୍କ ସହ ବୁଲୁଥିବା ବେଳେ କଲେଜ କ୍ୟାମ୍ପସ ଏବେ ସରଗରମ ହୋଇଉଠିଛି । କଲେଜରେ ଏକପ୍ରକାର ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି ।

## ଜନଶୁଣାଣିରେ ୧୦୦ ଅଭିଯୋଗ

ଭୁବନ,୧୨ ।୧୦(ସମିସ): ଭୁବନ ପଞ୍ଚାୟତ ସମିତି ସଭାଗୃହରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ଏସପି ଆଜିଙ୍କ୍ୟ ବାବୁରାଓ ମାଣେ ଯୋଗଦେଇଥିଲେ । ଏଥିରେ ସମୁଦାୟ ୧୦୦ ଅଭିଯୋଗ ଦାଖଲ କରାଯାଇଥିବା ବେଳେ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣ ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ସମୁଦାୟ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା, ଆଡିସିନାଲ ପିଡି ସୌଦାମିନୀ ଦାସ, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ସପନ କୁମାର ମହାନ୍ତି, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ତହସିଲଦାର ଶୁଭଶ୍ରୀ ରଥ, ମେଡିକାଲ ଇନଚାର୍ଜ ଡା. ରମେଶ କୁମାର ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

■ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଗ୍ରଗତି ସମୀକ୍ଷା

## ହାତୀ ଆଗମନ ପୂର୍ବ ସୂଚନା ବ୍ୟବସ୍ଥା ପରିଦର୍ଶନ



ଢେଙ୍କାନାଳ, ୧୨ ।୧୦ (ସମିସ): ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ ଯୁଗ୍ମ ସଚିବ ତଥା ଢେଙ୍କାନାଳ ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଶାଳିନୀ ପଣ୍ଡିତ ଢେଙ୍କାନାଳ ଜିଲ୍ଲା ଗସ୍ତକରି ନିତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ଓ ଏହାର କ୍ଷେତ୍ରସ୍ତରୀୟ ପ୍ରଭାବ ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ଗୋବିନ୍ଦପୁରସ୍ଥିତ ମ୍ୟାଙ୍ଗୋ ହବ୍ କେନ୍ଦ୍ର, ମହର୍ଷି ଦୟାନନ୍ଦ ସେବା ମିଶନ, ଶକ୍ତି ସଦନ, ଜୀବନଜ୍ୟୋତି ବୌଦ୍ଧିକ ଭିନ୍ନକ୍ଷମ ବିଦ୍ୟାଳୟ, ବୋରାପଦା ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶ୍ୟାମାଚରଣପୁରସ୍ଥିତ ହାତୀ ଆଗମନ ପୂର୍ବ ସୂଚନା ବ୍ୟବସ୍ଥା ପରିଦର୍ଶନ କରିଛନ୍ତି । ସେହିପରି ବିବି ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସରୁମ୍ ଓ ଡିଜିଟାଲ୍ ରିଡିଂ ରୁମ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ଥାୟୀ ଦକ୍ଷତା ପ୍ରଶିକ୍ଷଣ ପ୍ରୟୋଗଶାଳା, ୱାନ୍ ଷ୍ଟପ୍ ସେଣ୍ଟର ଏବଂ ମହିଷାପାଟସ୍ଥିତ ହସ୍ତଶିଳ୍ପ ମାର୍ଟ ପରିଦର୍ଶନ କରିଛନ୍ତି । ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ, ଅଗ୍ରଗତି ଏବଂ ଏହାର ସୁଫଳ ଲୋକଙ୍କ ନିକଟରେ କିପରି ପହଞ୍ଚୁଛି, ସେ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଯୋଜନାର ଅଗ୍ରଗତି ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବିକାଶ ସହଯୋଗୀ ସଂସ୍ଥା ଓ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ । ନିତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ପ୍ରମୁଖ ସୂଚକାଙ୍କ ଆଧାରରେ ଜିଲ୍ଲାର ପ୍ରଦର୍ଶନ ଓ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ନେଇ ପଣ୍ଡିତ ସନ୍ତୋଷ ପ୍ରକାଶ କରିଛନ୍ତି ।

## ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ପାଳିତ

ଢେଙ୍କାନାଳ, ୧୨ ।୧୦ (ସମିସ) : ଜିଲ୍ଲା ଶିଶୁ ସୁରକ୍ଷା ଶାଖା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ତିନୋଟି ଶିଶୁ ଯତ୍ନ ଅନୁଷ୍ଠାନ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଆଦୃତା ଶିଶୁ ସଦନ ଓ ବିଶ୍ୱକୁନ୍ତଳା ଶିଶୁ ଗୃହର ଅନ୍ତେବାସୀ ମାନଙ୍କ ମଧ୍ୟରେ ଉତ୍ସାହ ଉତ୍ସବରେ ବିଭିନ୍ନ ପ୍ରକାର କ୍ରୀଡା ଯଥା ଫୁଟବଲ, କ୍ୟାରମ, ଦୌଡ଼ ଓ ଡିଆଁ ଓ ଚେସ ଇତ୍ୟାଦି ପ୍ରତିଯୋଗିତା ଷ୍ଟାଡିଅମଠାରେ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ବିଜ୍ଞାନ କେନ୍ଦ୍ରଠାରେ ଚିତ୍ରାଙ୍କନ, ଜଣା ଅଜଣା, ତର୍କ, ସଙ୍ଗୀତ ଓ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା । ଏହି ସମସ୍ତ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଅନ୍ତେବାସୀମାନଙ୍କୁ




ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା । ବିଜେତା ପ୍ରାର୍ଥୀମାନେ ରାଜ୍ୟସ୍ତରୀୟ ମହକ ଓ ଉତ୍ସାହ ମହୋତ୍ସବରେ ଭାଗ ନେବା ପାଇଁ ଚୟନ କରାଯାଇଥିଲା । କ୍ରୀଡା ଓ ଆଭ୍ୟନ୍ତରୀଣ ପ୍ରତିଭା ପ୍ରଦର୍ଶନ ମାଧ୍ୟମରେ ଶିଶୁମାନେ ଆଗକୁ ଯାଇ ନିଜ ଭବିଷ୍ୟତ ଗଢ଼ିତୋଳିବେ ବୋଲି ଉପସ୍ଥିତ ମୁଖ୍ୟଅତିଥି ପରେଶ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ ଓ ଅନ୍ୟତମ ଅତିଥି ଗୋଲଖ ବିହାରୀ ପାଣିଗ୍ରାହୀ, ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସଭ୍ୟ, ଜିତେନ୍ଦ୍ର ପାଣି ଓ ସଭ୍ୟା ଭାନୁମତି ପାଣି, ବରିଷ୍ଠ ସମାଜ ସେବି ଅମୀୟ ଚାନ୍ଦ ମାର୍ଗ ଦର୍ଶନ କରାଇଥିଲେ । ଉକ୍ତ ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକରେ ବିଚାରପତି ଭାବେ ପରେଶ ପଟ୍ଟନାୟକ, ପୁଷ୍ପଲତା ରଥ, ନରେଶ ମହାରଣା, ବିଦ୍ଧୁର ରାଉଳ, ସୁଶାନ୍ତ ଦାସ, ସବିତା ଧୀର ଓ ମଧୁସ୍ମିତା ସାହୁ ପ୍ରମୁଖ ପ୍ରତିଯୋଗିତା ଗୁଡ଼ିକ କରାଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକର ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଅନୁରାଧା ଗୋସ୍ୱାମୀ ଓ ସମସ୍ତ କର୍ମଚାରି, ଶିଶୁ ସହାୟତା ହେଲ୍ପଲାଇନ୍‌ର ସମସ୍ତ କର୍ମଚାରି ଓ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଶ୍ରୀକରଣ ସମାଜ ବାର୍ଷିକ ଅଧିବେଶନ



ଢେଙ୍କାନାଳ, ୧୨ ।୧୦(ସମିସ): ସ୍ଥାନୀୟ ଗୋପୀନାଥ ଗାର୍ଡେନରେ ଅକ୍ଷୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶ୍ରୀକରଣ ସମାଜର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି । ଲଳିତ ପଟ୍ଟନାୟକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ବୈଠକରେ ଦିପ୍ତିମୟ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, କଲ୍ୟାଣ କାନୁନଗୋ, ନିମାଇଁ ମହାନ୍ତି, ଅବିନାଶ ପଟନାୟକ ଯୋଗୀ ମହାନ୍ତି, ଅମିତ କାନୁନଗୋ, ହୃଦୟ ମହାନ୍ତି ଓ ଦିପ୍ତୀଶ ପଟନାୟକ ଅଂଶ ଗ୍ରହଣ କରିଥିଲେ । ଶ୍ରୀକରଣ ଓ କରଣ ସମାଜ ମିଶ୍ରଣ ସମ୍ପର୍କରେ ଗତ ସେପ୍ଟେମ୍ବର ୧୯ ତାରିଖର ବୈଠକ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯାହାକି ସମସ୍ତ ସଭ୍ୟମାନେ କରଣ ବଂଶଜ ବୋଲି ସ୍ୱୀକାରୋକ୍ତି ଦେବେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରୁ ହେମନ୍ତ ପଟନାୟକ, ନିରୋଦ ପଟନାୟକ, ଅଶୋକ ପଟ୍ଟନାୟକ, ଚିତ ପଟ୍ଟନାୟକ, ବିଜୟାନନ୍ଦ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ନଳିନୀ ପଟ୍ଟନାୟକ, ବାଣେଶ୍ୱର ପଟ୍ଟନାୟକ, ନଚିକେତା ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ଅରୁଣ ଭୂଷଣ ମହାନ୍ତି, ଡା. ଅଭିନନ୍ଦନ, ଅଜାତଶତ୍ରୁ ପଟ୍ଟନାୟକ, ସବ୍ୟସାଚୀ ପଟ୍ଟନାୟକ, ବାଦଲ ବିହାରୀ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ ବ୍ୟତୀତ ଯେଉଁ ପ୍ରତିଷ୍ଠାତା ସଭ୍ୟମାନେ ବୟସାଧିକ ଓ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଯୋଗୁଁ ଶ୍ରୀକରଣ ସମାଜ ବୈଠକକୁ ଆଉ ଆସିପାରୁ ନାହାନ୍ତି ସେମାନେ ଡା. ଉମେଶଚନ୍ଦ୍ର ପଟ୍ଟନାୟକ, ଅକ୍ଷୟ କୁମାର ପଟ୍ଟନାୟକ, ନିର୍ମଳ ପ୍ରସାଦ ଦାସ, ଶରତ କୁମାର ଦାସ, କ୍ୟାପଟେନ ପ୍ରଫୁଲ୍ଲ ପଟ୍ଟନାୟକ, ସଙ୍କଟ ଭଞ୍ଜନ ପଟ୍ଟନାୟକଙ୍କୁ ତାଙ୍କ ବାସଗୃହରେ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସାପୁଆ ସ୍ୱଜଳ ଅଭିଯାନର ସ୍ୱତନ୍ତ୍ର ଅଧିବେଶନ

ଢେଙ୍କାନାଳ,୧୨ ।୧୦(ସମିସ): ସଦର ବ୍ଲକ ବିଷ୍ଣୁପୁରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମହାନଦୀର ଉପନଦୀ "ସାପୁଆ"ର ପୁନର୍ଜୀବନ ଲକ୍ଷ୍ୟରେ "ସାପୁଆ ସ୍ୱଜଳ ଅଭିଯାନ"ର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଛି । ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାପୁଆର ଉତ୍ପତ୍ତିସ୍ଥଳ ହିନ୍ଦୋଳଠାରୁ ମୁହାଣ ଆଠଗଡ଼ ପର୍ଯ୍ୟନ୍ତ ଏକ ବିଶାଳ ଜନଜାଗରଣ ସୃଷ୍ଟି କରିବା ଉପରେ ଉପସ୍ଥିତ କର୍ମକର୍ତ୍ତା ଗୁରୁତ୍ୱ ଦେଇଥିଲେ । ଗତ ଅଗଷ୍ଟରେ ସାପୁଆରେ ହୋଇଥିବା ଭୟଙ୍କର ବନ୍ୟାରେ ଧନଜୀବନ ନଷ୍ଟ ହେବା ମାଧ୍ୟମରେ "ସାପୁଆ" ତା'ର ସ୍ଥିତି ସମ୍ପର୍କରେ ଚେତେଇ ଦେଇଛି ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ଆସନ୍ତା ବର୍ଷାଋତୁ ପୂର୍ବରୁ ଏହାର ପ୍ରତିକାର ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସାପୁଆ ପୁନରୁଦ୍ଧାର ସମ୍ପର୍କରେ ଦାବିପତ୍ର ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏଥିନିମନ୍ତେ ଆସନ୍ତା ନଭେମ୍ବରରେ ଦୁଇଟି ଜନସଭା ଆୟୋଜନ, ଭାପୁର ସାପ୍ତାହିକ ହାଟ, ନୂଆହାଟଠାରେ ପଥପ୍ରାନ୍ତ ସଭା ଆୟୋଜନ, ମହାବିଦ୍ୟାଳୟ ଓ ଯୁବକସଂଘ ସ୍ତରରେ ସଚେତନତା ଆଦି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅଧିବେଶନରେ ପୂର୍ବତନ ପ୍ରଧାନଶିକ୍ଷକ ତଥା 'ଆମ ଛଦେଶ'ର ସଂକଳକ ଗତିକୃଷ୍ଣ ବିଶ୍ୱାଳ, ସମାଜସେବୀ ପ୍ରାଣବନ୍ଧୁ ନାୟକ, ଅବସରପ୍ରାପ୍ତ ସୈନିକ ଅଖିଳ ମହାପାତ୍ର, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଧନଞ୍ଜୟ ଧଳ, ସମାଜସେବୀ ଆର୍ଯ୍ୟେନ୍ଦୁ



ବିଶ୍ୱଜିତ ଜେନା, ଦେବବ୍ରତ ମହାପାତ୍ର, ପ୍ରକାଶ ମହାପାତ୍ର, ସନ୍ତୋଷ ମହାରଣା ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ । 'ସାପୁଆ ସ୍ୱଜଳ ଅଭିଯାନ'ର ଆବାହକ ତଥା 'ବିଶ୍ୱ ଓଡ଼ିଶା' ସମ୍ପାଦକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଅଭିଯାନର ରୂପରେଖ, ପରବର୍ତ୍ତୀ ପଦକ୍ଷେପ, ସାପୁଆ ନଦୀର ଭୌଗୋଳିକ ତଥ୍ୟ ଉପସ୍ଥାପନ କରିଥିଲେ ।

## ବ୍ଲକ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା

ଢେଙ୍କାନାଳ,୧୨ ।୧୦(ସମିସ): ସଦର ବ୍ଲକ୍ ସପ୍ତଶଯ୍ୟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆରେ ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦଘାଟିତ ହୋଇଛି । ମୁଖ୍ୟଅତିଥି ରୂପେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଲମ୍ବୋଦର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ଶାରୀରିକ ଶିକ୍ଷା ଶିକ୍ଷକ ତଥା ସଦର ବ୍ଲକ ସମ୍ପାଦକ ସୁଶୀଲ ପଣ୍ଡା, ସିଆର୍‌ସିସି କାମଦେବ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସନ୍ତୋଷ କୁମାର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପବିତ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନସିମ୍ ଆରା ବେଗମ ସଭାପତିତ୍ୱ କରିଥିଲେ । ହିନ୍ଦୀ ଶିକ୍ଷକ ଉତ୍ତମ କୁମାର ସାମନ୍ତ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଉମେଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷା ଶିକ୍ଷକମାନେ କ୍ରୀଡ଼ାକୁ ପରିଚାଳନା କରିଥିଲେ ।

## ସନ୍ଥପୁର ସାଧନ କେନ୍ଦ୍ରସ୍ତରୀୟ 'ସୁରଭି'

ଗନ୍ଦିଆ,୧୨ ।୧୦(ସମିସ): ଗଁଦିଆ ବ୍ଲକ ସନ୍ଥପୁର ପ୍ରାଥମିକ ବିଦ୍ୟାଳୟରେ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସାଧନ କେନ୍ଦ୍ର ଅନ୍ତର୍ଗତ ୧୧ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୦ ବିଭାଗରେ ବିଭିନ୍ନ ପ୍ରତିଯୋଗିତା କରାଯାଇ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ସନ୍ଥପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଛାୟାପ୍ରକାଶ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଁଦିଆ ବିଆରସିସି ସୁବାସ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ଦିବାସିନୀ ସାମଲ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଶତପଥୀ, ମୁଖ୍ୟବକ୍ତା ଭାବେ ସତ୍ୟ ନନ୍ଦ ଯୋଗଦେଇଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ । ପ୍ରକୃତିବନ୍ଧୁ ମନୋଜ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ ମଲ୍ଲିକ, ଚକ୍ରଧର ଜେନା, ସୋନାଲି ସାମଲ ସହଯୋଗ କରିଥିଲେ ।

# ବିଷ ପିଇ ଆତ୍ମହତ୍ୟା କରିବାକୁ ଧମକ; ଉଠାଇନେଲା ପୁଲିସ

ଭୁବନ,୧୨ ।୧୦(ସମିସ)

- ୩ ବର୍ଷ ହେଲା ଗ୍ରାମରୁ ବାସନ୍ଦ
- ହଇରାଣ କରାଯାଉଥିବା ଅଭିଯୋଗ
- ୫ ଲକ୍ଷ ଦେଲେ ଗ୍ରାମରେ ମିଶିବ

ଭୁବନ ବ୍ଲକ ଜୟପୁର ଗ୍ରାମର ଶିବରାମ ମଲ୍ଲିକଙ୍କ ପରିବାର ଗ୍ରାମରୁ ୩ ବର୍ଷ ହେଲା ବାସନ୍ଦ ହୋଇଥିବା ବେଳେ ଗ୍ରାମବାସୀ ତାଙ୍କୁ ବହୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି । ଏପରିକି ୫ଲକ୍ଷ ଟଙ୍କା ଦେଲେ ଗ୍ରାମରେ ମିଶିବାକୁ ଦିଆଯିବ ବୋଲି କହିଛନ୍ତି । ଗ୍ରାମବାସୀ ବିଲରୁ ସୋଲାର ଖୁଣ୍ଟି ଓପାଡ଼ି ନେଇଯିବା ସହ ପନିପରିବା ଚାଷ କ୍ଷେତକୁ ଯିବାପାଇଁ ରାସ୍ତା ଛାଡୁନାହାନ୍ତି । ତିନିବର୍ଷ ତଳେ ଅଙ୍ଗନାବାଡ଼ି କର୍ମୀ ନିଯୁକ୍ତିକୁ ନେଇ ଏହି ସମସ୍ୟା ଉପୁଜିଛି । ଏଥିରେ ଶିବରାମଙ୍କ ପରିବାର ନିରାଶ ହୋଇ ଭୁବନ ବ୍ଲକ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ଅଭିଯୋଗ ନ ଶୁଣିଲେ ବିଷ ପିଇ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଥିଲେ । ଏପରିକି ବୋତଲ ଧରି ପ୍ରସ୍ତୁତି କରି ମଧ୍ୟ ଆସିଥିଲେ । ତେବେ କୌଣସି ଅଘଟଣ ପୂର୍ବରୁ ଭୁବନ ପୁଲିସ ଶିବରାମଙ୍କୁ କାବୁ କରି ଉଠାଇ ନେଇଥିଲା ।

୨୦୨୩ରେ ଅଙ୍ଗନାବାଡ଼ି କର୍ମୀ ନିଯୁକ୍ତିକୁ ନେଇ ଗ୍ରାମବାସୀ ଓ ଶିବରାମଙ୍କ ପରିବାର ମଧ୍ୟରେ ତିକ୍ତତା ଦେଖାଦେଇଥିଲା । ଗ୍ରାମରୁ ବାସନ୍ଦ ହୋଇ ଶିବରାମଙ୍କ ପରିବାର ବହୁ ହଇରାଣ ହେଉଥିଲେ । ପ୍ରଶାସନର ହସ୍ତକ୍ଷେପ ପରେ ଗ୍ରାମରେ ଏକଘରିକିଆ ହୋଇ ରହିଥିଲେ ମଧ୍ୟ ଶିବରାମଙ୍କ ପରିବାର ଶାନ୍ତିରେ ରହୁଥିଲେ ।

ତେବେ ନିକଟରେ ଶିବରାମଙ୍କ ବିଲରୁ ଗ୍ରାମବାସୀ ସୋଲାର ଖୁଣ୍ଟି ଉପାଡ଼ି ନେଇଯିବା ଓ ବିଲକୁ ରାସ୍ତା ନ ଛାଡ଼ିବା କାରଣକୁ ନେଇ ଭୁବନ ଥାନାରେ ଅଭିଯୋଗ ହୋଇଥିଲା । ଏଥିରୁ ନ୍ୟାୟ ପାଇବାରେ ବିଳମ୍ବକୁ ନେଇ ସୋମବାର ଶିବରାମଙ୍କ ପରିବାର ଜିଲ୍ଲାପାଳଙ୍କ ନିକଟକୁ ନ୍ୟାୟ ପାଇଁ ଆସିଥିବା ବେଳେ ଏପରି ଘଟଣା ଘଟିଛି । ଏହି ଘଟଣାକୁ ନେଇ ଶିବରାମଙ୍କ ପରିବାର ସମ୍ପୂର୍ଣ୍ଣ ହତୋତ୍ସାହିତ ହୋଇ ନ୍ୟାୟ ଅପେକ୍ଷାରେ ଥିବାବେଳେ ଏ ନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି । ପରେ ଶିବରାମଙ୍କୁ ପୁଲିସ ଛାଡ଼ି ଦେଇଥିବା ଓ ଖୁବଶୀଘ୍ର ଜିଲ୍ଲାପାଳ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶିବରାମଙ୍କ ପରିବାରକୁ ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି ।

ବିଜେଡିର କ୍ଷୋଭ

# ଓଡ଼ିଶା ହକିକୁ ଅବହେଳା କରୁଛି ବିଜେପି ସରକାର

ଭୁବନେଶ୍ୱର,୧୨।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା ହକି ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇ ଶିଖର ଛୁଇଁଥିଲା। କିନ୍ତୁ ବର୍ତ୍ତମାନ ଡବଲ ଇଞ୍ଜିନ ସରକାରଙ୍କ ହକି ପ୍ରତି ଉଦାସୀନତା ମନୋଭାବ ଯୋଗୁଁ ଏହା ପରିଚୟ ହରାଇବାରେ ଲାଗିଛି। ଓଡ଼ିଶାରେ

- ହକି ଆସୋସିଏସନ୍ ଅଫ୍ ଓଡ଼ିଶାକୁ ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟକୁ ପୁନଃବର୍ଗୀକରଣ କରାଯିବ!
- ନବୀନଙ୍କ ଶାସନ କାଳରେ ଶିଖର ଛୁଇଁଥିଲା ଓଡ଼ିଶା ହକି
- ବିଜେପି ସରକାରଙ୍କ ଉଦାସୀନତା ଯୋଗୁଁ ଓଡ଼ିଶା ହକି ପରିଚୟ ହରାଉଛି

ହକି ଏକ ଭାବନା ବୋଲି ବିଜେପି ସରକାର ଭୁଲି ଯାଇଛନ୍ତି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି ଓଡ଼ିଶାର ହକି ପ୍ରତି ଅବହେଳା ନେଇ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି।

ବିଧାୟକ ଶ୍ରୀ ବେହେରା କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ନିରନ୍ତର ପ୍ରୟାସ ଫଳରେ ହକିରେ ଓଡ଼ିଶା ସମଗ୍ର ଭାରତରେ ଶିଖରରେ ପହଞ୍ଚିଥିଲା। ଓଡ଼ିଶାରେ ଦୁଇ ଥର ହକି ବିଶ୍ୱ କପ୍ ଆୟୋଜନ କରାଯାଇଥିଲା। ହକି ଖେଳର ଉନ୍ନତି ପାଇଁ ନବୀନ ବାବୁ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ନୂତନ ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ଯାହା ପାଇଁ ଦେଶ ବିଦେଶରେ ଓଡ଼ିଶା ହକିର ନୂତନ ପରିଚୟ ହାସଲ କରିଥିଲା। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରରେ ଗତ ଅଢେଇ ବର୍ଷ ମଧ୍ୟରେ ଓଡ଼ିଶା ହକି ନିଜ ପରିଚୟ ହରାଇଛି। ଗତ ଅକ୍ଟୋବର ୬ ତାରିଖରେ ହକି ଇଣ୍ଡିଆର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ପରେ ଓଡ଼ିଶା ହକି ସଂଘକୁ ହକି ଇଣ୍ଡିଆ ଆସୋସିଏସନ୍




ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଯେଉଁଥିରେ ଓଡ଼ିଶା ହକିର ମାନ୍ୟତା ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟକୁ ପୁନଃ ନବୀକରଣ କରିବା, ଜାତୀୟ ମହାସଂଘର ବାଇ-ଲ (ନିୟମାବଳୀ) ପାଳନରେ ଅବହେଳା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ହକି ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟି ଥିବା ବେଳେ ଆଜି ଦୁର୍ଭାଗ୍ୟ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିଜେପି ସରକାରଙ୍କ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ଲଜ୍ଜିତ ହେଉଛି। ଓଡ଼ିଆ ଅସ୍ମିତା ରକ୍ଷା କରିବା ପାଇଁ ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ଭୁଲି ଗଲେଣି କି ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଛନ୍ତି। ହକି ଓଡ଼ିଶାର ଭାବନା ସହ ଜଡ଼ିତ ଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ଅପାରଗ ପଣିଆ ପାଇଁ ଆଜି ପରିଚୟ ହରାଇବାକୁ ଯାଉଛି। ଓଡ଼ିଶାର ହକି ପରିଚୟ ଦିନକୁ ଦିନ ନିମ୍ନଗାମୀ ହେଉଥିବା ବେଳେ ତାହାକୁ ରୋକିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଡ. ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ କ୍ରୀଡ଼ା ମନ୍ତ୍ରୀ ଭୁଲି ଯାଇଛନ୍ତି। ସୁନ୍ଦରଗଡ ଜିଲ୍ଲା ହେଉଛି ହକି ଖେଳର ଏନ୍ତୁଡ଼ିଶାଳ। ଯାହାକୁ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ସଦା ପ୍ରଶଂସିତ ରହିଛି। ସୁନ୍ଦରଗଡ ହକି ଖେଳାଳି ଆଗକୁ ଗଲେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଆହୁରି ପ୍ରସଂଶିତ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଜାଣିଥିଲେ। ଯାହାକୁ ନେଇ ସେ ସଦା ଯତ୍ନଶୀଳ ହୋଇ କାର୍ଯ୍ୟ କରୁଥିଲେ। ଅନ୍ୟ ରାଷ୍ଟ୍ରମାନେ ବିଶ୍ୱ କପ୍ ନେଇ ଅକ୍ଷମତା ପ୍ରକାଶ କରିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହାକୁ ଆୟୋଜନ କରି ଓଡ଼ିଶା ହକିକୁ ନୂତନ ପରିଚୟ ପ୍ରଦାନ କରିଥିଲେ। ମାତ୍ର ଗତ ଅଢେଇ ବର୍ଷ ଧରି ହକି ପ୍ରତି ଉଦାସୀନତା ଯୋଗୁଁ ଓଡ଼ିଶାର ହକି ମାନରେ ଅବନତି ଘଟିଛି। ହକି ପ୍ରତି ଅବହେଳା ଯୋଗୁଁ ହକି ଆସୋସିଏସନ୍ ଅଫ୍ ଓଡ଼ିଶାକୁ ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟକୁ ପୁନଃବର୍ଗୀକରଣ କରାଯିବ। ଯାହାକୁ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ହକି ଖେଳ ଉତ୍ପତ୍ତି ସ୍ଥଳୀ ଓଡ଼ିଶାକୁ ଯଦି ହକି ଇଣ୍ଡିଆର କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ, ତାହା ଅତି ନିନ୍ଦନୀୟ। ଏହା କଣ ଆମ ଓଡ଼ିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁ ହକି ଖେଳକୁ ନେଇ ଓଡ଼ିଆ ଗର୍ବିତ ହେଉଥିବା ବେଳେ ଆଜି କାରଣ ଦର୍ଶାଅ ନୋଟିସ ପାଇଁ ନିନ୍ଦିତ ହେଉଛି। ଡବଲ ଇଞ୍ଜିନ ସରକାର ପାଇଁ ଆଜି ପରିଚୟ ହରାଇବାକୁ ଯାଉଛି। ଏଥି ପାଇଁ ପ୍ରତିଟି ଓଡିଆ ଅପମାନିତ ହେଉଛନ୍ତି। ଏଥି ପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ପ୍ରଦାନ କରନ୍ତୁ ବୋଲି ଡ. ମହାନ୍ତି କହିଛନ୍ତି।

## ପୁରୀରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ବେଳାଭୂମି ଓ ମନ୍ଦିର ସୌନ୍ଦର୍ଯ୍ୟକରଣ ନକ୍ସା ପ୍ରସ୍ତୁତ

ଭୁବନେଶ୍ୱର,୧୨।୧୦(ସମିସ): ସୋମବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ତ୍ୱରାନ୍ୱିତ ହେବ ବିମାନବନ୍ଦର ଓ ରଘୁନନ୍ଦନ ପାଠାଗାର କାର୍ଯ୍ୟ



ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରାଯିବ। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର, ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍‌ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଆଲୋଚନା ହୋଇଛି।

ସେହିପରି ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା କରାଯାଇଛି। ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର। ତେଣୁ ଶ୍ରୀକ୍ଷେତ୍ରର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟକାରିତାରେ କୌଣସି ପ୍ରକାରର ଅବହେଳା, ବିଳମ୍ବ କିମ୍ବା ଅନିୟମିତତାକୁ ଆଦୌ ସହ୍ୟ କରାଯିବ ନାହିଁ। ସମସ୍ତ ବିଭାଗୀୟ ଅଫିସର, ଜିଲ୍ଲାପାଳ ଓ ଏସପିଙ୍କୁ କ୍ଷେତ୍ରସ୍ତରରେ ନିଜେ ତଦାରଖ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ଉନ୍ନୟନ କମିଶନର ଡି.କେ ସିଂହ , ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଲ୍ଲୀ ମାର୍ଚ୍ଚରେ ଗର୍ଜିଲେ ଓଡ଼ିଶା କଂଗ୍ରେସ ନେତା

ଭୁବନେଶ୍ୱର,୧୨।୧୦(ସମିସ): ଦିଲ୍ଲୀରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ହୋଇଥିବା ମାର୍ଚ୍ଚରେ ସାମିଲ ହେଲେ ରାଜ୍ୟ କଂଗ୍ରେସ ନେତୃବୃନ୍ଦ। ପିସିସି ସଭାପତିଙ୍କ ସମେତ ଦଳର ସମସ୍ତ ବିଧାୟକ ଓ ଅନ୍ୟ ବହୁ ବରିଷ୍ଠ ନେତା ଦିଲ୍ଲୀ ଯାଇ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମାର୍ଚ୍ଚ କରିଛନ୍ତି। ଏସ୍ଆଇଆର୍‌କୁ

### ରାଜ୍ୟରେ ଆଗକୁ ତେଜିବ ଆନ୍ଦୋଳନ

ନେଇ ବିବାଦ ଓ ସିଇସି ଜ୍ଞାନେଶ କୁମାରଙ୍କ ବରିଷ୍କାର ଦାବିରେ ଏହି ମାର୍ଚ୍ଚ କରାଯାଇଛି। ଏହି ଅବସରରେ ପିସିସି ସଭାପତି କହିଛନ୍ତି, ରାହୁଲ ଗାନ୍ଧୀଙ୍କ ଐତିହାସିକ ସାମ୍ବାଦିକ ସମ୍ମିଳନୀ ଏବଂ ସୁପ୍ରିମକୋର୍ଟ ମାର୍ଚ୍ଚ ଦ୍ୱାରା ସୃଷ୍ଟି ହୋଇଥିବା ଜାତୀୟ ଆନ୍ଦୋଳନର ପ୍ରଭାବକୁ ଓପିସିସି ଓଡ଼ିଶାର ପ୍ରତିଟି ଜିଲ୍ଲାରେ ଜୋରଦାର ଭାବେ ଆଗକୁ ବଢ଼ାଇବ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାର ଯେତେବେଳେ ଆମ ଗଣତନ୍ତ୍ରକୁ କ୍ଷତି ପହଞ୍ଚାଇବା ପାଇଁ କେନ୍ଦ୍ରର ରବର ଷ୍ଟାମ୍ପ ଭାବେ କାର୍ଯ୍ୟ




କରୁଛନ୍ତି, ସେତେବେଳେ ଆମେ ଚୁପ୍ ହୋଇ ବସିବୁ ନାହିଁ। ଓପିସିସି ପକ୍ଷରୁ ସମଗ୍ର ରାଜ୍ୟରେ ଏସଆଇଆରର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଓ ବାତିଲ, ନିକଟରେ ପ୍ରକାଶିତ ସମସ୍ତ ଭୋଟର ତାଲିକାର ବ୍ୟାପକ ଅଡିଟ୍ ଏବଂ ବର୍ତ୍ତମାନର ସିଇସିଙ୍କ ଅଧୀନରେ ହୋଇଥିବା ନିର୍ବାଚନ ଜାଲିଆତିର ଉତ୍ତରଦାୟିତ୍ୱ ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରାଯିବ। ସମ୍ବିଧାନ ସୁରକ୍ଷା ପାଇଁ ଲଢ଼େଇ ଏବେ ଓଡ଼ିଶାର ରାଜପଥରେ ପହଞ୍ଚିଛି ଏବଂ ଗଣତନ୍ତ୍ରର ପୁନରୁଦ୍ଧାର ନହେବା ପର୍ଯ୍ୟନ୍ତ ଆମେ ଏହି ଲଢ଼େଇ ଜାରି ରଖିବୁ ବୋଲି ଭକ୍ତ କହିଛନ୍ତି। ଏମଏମଡିଆର ସଂଶୋଧିତ ଅଧିନିୟମ ପ୍ରତ୍ୟାହାର ଦାବି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଓ ବନ୍ୟାବିପନ୍ନଙ୍କୁ ତୁରନ୍ତ ସୁରକ୍ଷା ଦାବିରେ ପୂର୍ବରୁ ପିସିସି ଓ ଓଡ଼ିଶାର ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନକୁ ମଧ୍ୟ ଆହୁରି ତୀବ୍ରତର କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।

ଏଆଇସିସିର ନିର୍ଦ୍ଦେଶ କ୍ରମେ କଂଗ୍ରେସ ନେତାମାନେ ରବିବାର ରାତିରେ ଦିଲ୍ଲୀରେ ପହଞ୍ଚିଥିଲେ। ଏଥିରେ ଓଡ଼ିଶାର ସମସ୍ତ ବିଧାୟକ ଓ ସାଂସଦଙ୍କ ସମେତ ପିସିସି ସଭାପତି ଓ ପିସିସି ପଦାଧିକାରୀମାନଙ୍କୁ ଦିଲ୍ଲୀ ମାର୍ଚ୍ଚରେ ଯୋଗ ଦେବାକୁ କୁହାଯାଇଥିଲା। ଏହି କ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ବିଧାୟକ ଅଶୋକ ଦାସ, ସାଗର ଦାସ, ମଙ୍ଗୁ ଖିଲ, ସୁରେଶ ରାଉତରାୟ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ହାତରେ ବ୍ୟାନର ଧରି ଦିଲ୍ଲୀରେ କେନ୍ଦ୍ର ବିରୋଧରେ ନାରା ଦେଇ ମାର୍ଚ୍ଚ କରିଥିଲେ।

ବାଲିଯାତ୍ରା ପ୍ଲଟ୍ ଆବଣ୍ଟନ

# ୧୦୦ରୁ ଊର୍ଦ୍ଧ୍ୱ ପ୍ଲଟ୍ ପାଇଁ ପଞ୍ଜୀକରଣ

କଟକ,୧୨।୧୦(ସମିସ): ଐତିହାସିକ ବାଲିଯାତ୍ରା କଟକ -୨୦୨୬ ପାଇଁ ପ୍ଲଟ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବା ସହ ବ୍ୟବସାୟୀ ଓ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଅକ୍ଟୋବର ୧୦ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟାରେ ଆଜି ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ପ୍ଲଟ୍ ପାଇଁ ପଞ୍ଜୀକରଣ ହୋଇସାରିଛି। ଚଳିତବର୍ଷ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁବିଧାଜନକ କରାଯାଇଛି। କ୍ଷୁଦ୍ର ବ୍ୟବସାୟୀ, ବିଭିନ୍ନ ଅନୁଷ୍ଠାନ, ଉଦ୍ୟୋଗ ସଂସ୍ଥା ତଥା ଅନ୍ୟ ଆଗ୍ରହୀ ବ୍ୟକ୍ତିବିଶେଷ ଅନଲାଇନ୍‌ରେ katakabalijatra.net କିମ୍ବା kataka.odisha.gov.in ୱେବ୍‌ସାଇଟ୍‌କୁ ଯାଇ ନିଜ ପସନ୍ଦର ପ୍ଲଟ୍ ପାଇଁ ପଞ୍ଜୀକରଣ କରିପାରିବେ। ଏଥିସହ ପୂର୍ବବର୍ଷ ପରି ବାରବାଟୀ ପ୍ୟାଲେସ୍‌ରେ ଅଫ୍‌ଲାଇନ୍ ମାଧ୍ୟମରେ ମଧ୍ୟ ପଞ୍ଜୀକରଣର ସୁବିଧା ରହିଛି। ଏହି ସୁବିଧା ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ।""ପ୍ରଶାସନ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଅକ୍ଟୋବର ୧୦ରୁ ପ୍ରଥମ ପର୍ଯ୍ୟାୟ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ ଅକ୍ଟୋବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବ। ପଞ୍ଜୀକରଣ ପରେ ନଭେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ଲଟ୍ ନିଲାମ ଏବଂ ନଭେମ୍ବର ୯ ଓ ୧୦ ତାରିଖରେ ସ୍ୱତନ୍ତ୍ର ନିଲାମ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ତେଣୁ ଆଗ୍ରହୀ ବ୍ୟବସାୟୀମାନେ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଜ ନିଜର ପ୍ଲଟ୍ ପଞ୍ଜୀକରଣ କରାଇନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ, ୨ ଆହତ

ଗଁଦିଆ,୧୨।୧୦(ସମିସ): ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ଇଲେଇଜଙ୍ଗ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଅଲେଖ ନାୟକ (୭୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ଗ୍ରାମର ପଙ୍କଜ ନାଏକ (୪୪) ଓ ମଧୁ ନାୟକ (୬୫) ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଗ୍ରାମର ଗାଁର ଜଣେ ବ୍ୟକ୍ତିଙ୍କ ଶବ ସତ୍କାର କାର୍ଯ୍ୟ ସାରି ଗ୍ରାମବାସୀଙ୍କ ସହ ଫେରୁଥିବା ସମୟରେ ସନ୍ଧ୍ୟା ପ୍ରାୟ ୬ଟାରେ ଏକ ଦନ୍ତାହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରୁଛନ୍ତି।

- ଗୁଟ୍‌କା ଓ ତମାଖୁଯୁକ୍ତ ପାନମସଲା ଉପରେ କଟକଣା ପ୍ରସଙ୍ଗ

# ମାମଲାର ସାନି ଶୁଣାଣି କରିବେ ଜଣିକିଆ ବିଚାରପତି

କଟକ,୧୨।୧୦(ସମିସ): ରାଜ୍ୟରେ ଗୁଟ୍‌କା ପ୍ରସ୍ତୁତି ଓ ବିକ୍ରି ଉପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଲଗାଯାଇଥିବା କଟକଣା ବିରୋଧରେ ଦାୟର ମାମଲା ଗୁଡ଼ିକୁ ଖାରଜ କରି ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟକୁ ବିରୋଧ କରି ରୁଜୁ ରିଟ୍ ଅପିଲର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଜଣିକିଆ ବିଚାରପତି ଏହି ମାମଲାର ସାନି ଶୁଣାଣି କରିବେ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଟିଭିଙ୍ଗ ଟବାକୋ ଉତ୍ପାଦନ ଓ ବିକ୍ରି କରୁଥିବା କଟକର ଏକ କମ୍ପାନି ପକ୍ଷରୁ ଦାୟର ରିଟ ଅପିଲର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତମାଖୁ କଟକଣା ନେଇ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ବେଳେ କଟକଣା ଜାରି ପୂର୍ବକ ପ୍ରକାଶିତ ବିଜ୍ଞପ୍ତି ଆଇନ ସମ୍ମତ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ତେବେ ସଂପୃକ୍ତ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଲୋଡ଼ି ଆବେଦନକାରୀଙ୍କ ପକ୍ଷରୁ ଜଣିକିଆ ବିଚାରପତିଙ୍କ ନିକଟରେ ଆବେଦନ ଦାୟର ପରେ ଏହାର ସାନି ଶୁଣାଣି କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଟିଭିଙ୍ଗ ଟବାକୋ ବା ଗୁଟ୍‌କା ଉପରେ କଟକଣା ଜାରି କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୨୬, ଜାନୁଆରୀ ୨୧ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ କେତେକ ମାମଲା ଦାୟର ହୋଇଥିଲା। ଜଣିକିଆ ବିଚାରପତି ଗତ ଜାନୁଆରି ୨୧ର ବିଜ୍ଞପ୍ତିରେ ହସ୍ତକ୍ଷେପ କରିବାକୁ ମନା କରିବା ସହିତ ଏହାକୁ ଚାଲେଞ୍ଜ କରି ଗୋପାଳ ଆରୋମାଟିକ୍ ଓ ଅନ୍ୟ କମ୍ପାନି ଗୁଡ଼ିକ ତରଫରୁ ଦାୟର ୪ଟି ମାମଲାକୁ ଅଗଷ୍ଟ ୨୧ରେ ଖାରଜ କରିଥିଲେ। ଏହି ରାୟ ବିରୋଧରେ ଆବେଦନକାରୀ ଦୁଇ ଜଣିଆ ଖଣ୍ଡପୀଠରେ ରିଟ ଅପିଲ ଦାୟର କରିଥିଲେ। ହାଇକୋର୍ଟ ଉପରୋକ୍ତ କଟକଣା ବିଜ୍ଞପ୍ତି ଉପରେ ଅନ୍ତରୀଣ ଅଙ୍କୁଶ ଜାରି କରିଥିଲେ। ଏବେ ଅନ୍ତରୀଣ ଅଙ୍କୁଶ ହଟିଯାଇଥିବା ବେଳେ ଜଣିକିଆ ବିଚାରପତି ମାମଲାର ଶୁଣାଣି କରିବେ।

## ୬୩୮୭ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ନିଯୁକ୍ତି ନିଷ୍ପତ୍ତି ପ୍ରସଙ୍ଗ

# ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ ବଳବତ୍ତର

କଟକ,୧୨।୧୦(ସମିସ):ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ସ୍କୁଲ, ସଂସ୍କୃତ ଟୋଲ ଗୁଡିକରେ ୬୩୮୭ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ଅନ୍ତରୀଣ ରହିତାଦେଶ ନଭେମ୍ବର ୪ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।ଜଷ୍ଟିସ ଆର.କେ.ପଟ୍ଟନାୟକ ଏ ସଂପର୍କିତ ମାମଲା ଗୁଡ଼ିକର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ମାମଲାର ଶୁଣାଣି ଅସଂପୂର୍ଣ୍ଣ ରହିଥିଲା ବେଳେ ନଭେମ୍ବର ୪କୁ ପୂର୍ଣ୍ଣାଙ୍ଗ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ସ୍କୁଲ, ସଂସ୍କୃତ ଟୋଲରେ ୬୩୮୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ ସଂକ୍ରାନ୍ତୀୟ ସରକାରଙ୍କ ୨୦୨୫, ଅଗଷ୍ଟ ୧ର ନିଷ୍ପତ୍ତିର କାର୍ଯ୍ୟକାରିତା ଉପରେ ହାଇକୋର୍ଟ ୨୦୨୬, ସେପ୍ଟେମ୍ବର ୨୯ରେ ରହିତାଦେଶ ଜାରି କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ ରାଜ୍ୟର ବିଭିନ୍ନ ସ୍କୁଲ ଗୁରିକରେ ୨୦୨୫-୨୬ ଶିକ୍ଷା ବର୍ଷରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ୬୩୮୭ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ୨୦୨୫, ଅଗଷ୍ଟ ୧ର ଗଣଶିକ୍ଷା ବିଭାଗ ଚିଠିରେ କୁହାଯାଇଥିଲା। ଏହି ଚିଠି ଆଧାରରେ କେତେକ ଜିଲ୍ଲାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ମଧ୍ୟ ନିଯୁକ୍ତି ଦିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିୟମିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଶିକ୍ଷକ ନିଯୁକ୍ତି ନ କରି ଏପରି ଭାବେ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ବେଆଇନ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ୨୦୨୫, ସେପ୍ଟେମ୍ବରରେ ଦାୟର ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଶିକ୍ଷା ଅଧିକାର ଆଇନ ଓ ଏନସିଟିଇ ନିୟମାବଳୀ ଉଲ୍ଲଂଘନ କରି ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ବେକାର ଉଚ୍ଚଶିକ୍ଷିତ ଯୁବ ବର୍ଗ ପାଇଁ ଏପରି ସରକାରୀ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରୁଛି। ତେଣୁ ୬୩୮୭ ଅତିଥି ଶିକ୍ଷକ ନିଯୁକ୍ତି ସଂପର୍କିତ ନିଷ୍ପତ୍ତିକୁ ରଦ୍ଦ କରାଯାଉ। ୨୦୨୫, ସେପ୍ଟେମ୍ବର ୨୩ରେ ହାଇକୋର୍ଟ ମାମଲାର ଶୁଣାଣି କରି ଖାଲି ପଦବି ପାଇଁ ନିୟମିତ ବ୍ୟବଧାନରେ କାହିଁକି ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉ ନାହିଁ ବୋଲି ପ୍ରଶ୍ନ କରିବା ସହିତ ଶିକ୍ଷିତ ଯୁବକ ଯୁବତୀ କୁଆଡେ ଯିବେ ବୋଲି କହିଥିଲେ। ୨୦୨୬, ସେପ୍ଟେମ୍ବର ୨୯ରେ ହାଇକୋର୍ଟ ଏହି ବିଜ୍ଞପ୍ତିର କାର୍ଯ୍ୟକାରିତା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ।ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀର କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

# ଇଣ୍ଡିଆନ୍ ୟୁନିସ୍ପୋର୍ଟ ଫେଡେରେସନ୍‌ର ପ୍ରଥମ ସଭାପତି ହେଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର,୧୨।୧୦(ସମିସ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଣ୍ଡିଆନ୍ ୟୁନିସ୍ପୋର୍ଟ ଫେଡେରେସନ୍ (ଆଇୟୁଏସ ଏଫ)ର ପ୍ରଥମ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂଆଦିଲ୍ଲୀ ଠାରେ ଆୟୋଜିତ ଫେଡେରେସନ୍‌ର ପ୍ରଥମ ବାର୍ଷିକ କାର୍ଯ୍ୟକାରିଣୀ ସଭାରେ ସେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ନୂତନ ଦାୟିତ୍ୱ ସହ ଦେଶର ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତ୍‌ଙ୍କୁ ଉଚ୍ଚସ୍ତରରେ ପହଞ୍ଚାଇବା କ୍ଷେତ୍ରରେ




ତାଙ୍କ ଭୂମିକା ଆହୁରି ବ୍ୟାପକ ହେବ ବୋଲି ଆଶା କରାଯାଉଛି। ସଭାପତି ଭାବେ ନିର୍ବାଚିତ ହେବା ପରେ ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀ ସାମନ୍ତ ଭାରତରେ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଦେଶର କ୍ରୀଡ଼ାବିତ୍‌ମାନଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ସାମୂହିକ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ। ବିଶ୍ୱବିଦ୍ୟାଳୟସ୍ତରରେ କ୍ରୀଡ଼ାର ବିକାଶ ପାଇଁ ତାଙ୍କର ଏହି ଦୀର୍ଘକାଳୀନ ଅବଦାନକୁ ବିଚାରକୁ ନେଇ ସଂଘ ଶ୍ରୀ ସାମନ୍ତଙ୍କୁ ଏହାର ପ୍ରଥମ ସଭାପତି ଭାବେ ମନୋନୀତ କରିଛି। ବିଶ୍ୱର ବିଭିନ୍ନ ଦେଶରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂଘମାନ ରହିଥିବା ବେଳେ ଭାରତରେ ଏହା ନଥିଲା। ପ୍ରଥମ ଥର ଭାରତରେ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାକୁ ଏକ ସୁସଂଗଠିତ ଢାଞ୍ଚାରେ ଆଗେଇ ନେବା ଲକ୍ଷ୍ୟରେ ଏହି ସଂଘ ଗଠନ କରାଯାଇଛି।କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏହି ସଂଘକୁ ଅନୁମୋଦନ ଦେଇଛନ୍ତି। ଏଥିରେ ଭାରତର ରାଜ୍ୟର କ୍ରୀଡ଼ାସଂଘର ୨ ଜଣ ଲେଖାଏଁ ସଦସ୍ୟ ଥିବା ବେଳେ ୧୫ଜଣ ଅଫିସ ବିୟରର ଅଛନ୍ତି। ଫେଡେରେସନ ଇଣ୍ଟରନ୍ୟାସନାଲ ସ୍ପୋର୍ଟସ ୟୁନିଭରସିଟି (ଫିସୁ) ସହ ଏହା ଅନୁବନ୍ଧିତ ହେବ। ଭାରତରେ ଥିବା ୧୨ଶହରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇବା ଦିଗରେ ଏହି ସଂଘ କାର୍ଯ୍ୟ କରିବ। ଏହି ସଂଘକୁ ଅନୁମୋଦନ ଦେଇଥିବାରୁ ଶ୍ରୀ ସାମନ୍ତ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ବିଜେପିକୁ ଘାରିଛି ଛାତ୍ର ସଂସଦ ନିର୍ବାଚନ ପରାଜୟ ଭୟ

# ବିଜେପି ବିଧାୟକ ଓ ସାଂସଦ କ୍ୟାମ୍ପସକୁ ପ୍ରବେଶ କରି ରାଜନୈତିକ ହସ୍ତକ୍ଷେପ କରୁଛନ୍ତି: ବିଜେଡି

ଭୁବନେଶ୍ୱର,୧୨।୧୦(ସମିସ): ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀଙ୍କୁ ବିଜୟ କରାଇବାକୁ ବିଜେପି ସରକାର ତାଙ୍କର ସରକାରୀ କଳ ଓ ବଳ ଲଗାଇ ଦେଇଛନ୍ତି। ଯାହାକୁ ନେଇ ରାଜ୍ୟବ୍ୟାପୀ କ୍ୟାମ୍ପସରେ ନିର୍ବାଚନ ପରିଚାଳନା ଓ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ରହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଇପ୍ସିତା ସାହୁ ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

ବିସିଜେଡି ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ବିଜେପି ସରକାର ରାଜ୍ୟର ଅଧିକାଂଶ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏବିଭିପି ପରାଜୟକୁ ନେଇ ଭୟଭିତ ହୋଇଛନ୍ତି। ତେଣୁ ବିଜେପି ମନ୍ତ୍ରୀ, ବିଧାୟକ ଓ ସାଂସଦ ମାନେ ମହାବିଦ୍ୟାଳୟ କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ରାଜନୈତିକ ହସ୍ତକ୍ଷେପ କରୁଛନ୍ତି । ରମାଦେବୀ ବିଶ୍ୱବିଦ୍ୟାଳୟରେ ଏହିପରି କାର୍ଯ୍ୟକଳାପ ନେଇ ଏକ ଅଡିଓ ଟେପ୍ ଭାଇରାଲ ହୋଇଛି। ଯେଉଁଥିରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନରେ ରମାଦେବୀ ବିଶ୍ୱବିଦ୍ୟାଳୟ ବିଜେପି ସରକାରଙ୍କ ଦଖଲ ନିହାତି ଭାବେ ମୁଖ୍ୟମନ୍ତ୍ରୀଙ୍କ ଆବଶ୍ୟକ। ସେଠାରେ ଏବିଭିପି ପ୍ରାର୍ଥୀଙ୍କୁ ଯେକୌଣସି ମୂଲ୍ୟରେ ବିଜୟ କରାଇ ନିଜ ଦଖଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ଯାହାକୁ ନେଇ ଛାତ୍ର ସଂସଦ ନିର୍ବାଚନରେ ରମାଦେବୀ ବିଶ୍ୱବିଦ୍ୟାଳୟ ପାଇଁ ଟଙ୍କାର ବର୍ଷା କରୁଛନ୍ତି ବୋଲି ରମାଦେବୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସଞ୍ଜୟ ରାଉଳ କହିଥିବାର ଅଡିଓ ଭାଇରାଲ ହେଉଛି। ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଇଛି। ବିଜେପି ସରକାରରେ ନାରୀ ଅସୁରକ୍ଷିତ ହୋଇ ପଡିଛନ୍ତି । ବିଜେପି ସରକାର ତାହାକୁ ଲୁଚାଇବା ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟର ନିର୍ବାଚନ ସାହାରା ନେଇଛନ୍ତି । ଛାତ୍ର ସଂସଦ ନିର୍ବାଚନ ବିଜୟ ପାଇଁ ବିଜେପି ସରକାର କୁଳପତି ଓ ଅଧକ୍ଷ ମାନଙ୍କୁ ଫୋନ କରି ସପକ୍ଷରେ ଭୋଟ କରିବା ପାଇଁ ଲାଗି ପଡିଛନ୍ତି। ଯାହାକୁ ନେଇ ଉକ୍ତ ପ୍ରାଧ୍ୟାପକ ମଧ୍ୟ ବିଶ୍ୱବିଦ୍ୟାଳୟ ଛାତ୍ରୀ ମାନଙ୍କ ତଥ୍ୟ ସଂଗ୍ରହ କରି ବିଜେପି ସରକାରଙ୍କୁ ପ୍ରଦାନ କରୁଛନ୍ତି । ବିଜେପି ସରକାରଙ୍କ ଗୁଡ ବୁକରେ ରହିବା ପାଇଁ ସେ ଲାଗି ପଡିଛନ୍ତି। ବିଜେପି ସରକାରଙ୍କୁ ଯଦି ଛାତ୍ର ସଂସଦ ନିର୍ବାଚନ ପରାଜୟ ଭୟ ରହିଛି, ତେବେ



- ଏବିଭିପି ପ୍ରାର୍ଥୀଙ୍କୁ ବିଜୟ କରାଇବାକୁ ଲାଗିଛି ସରକାରୀ କଳ ଓ ବଳ
- ଲିଙ୍ଗଡୋ ଆୟୋଗ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରୁଛି ବିଜେପି ସରକାର
- -ରାଜ୍ୟର ମୁଖ୍ୟ ପ୍ରସଙ୍ଗରୁ ନଜର ହଟାଇବାକୁ ତରବରିଆ ଛାତ୍ର ସଂସଦ ନିର୍ବାଚନ ଘୋଷଣା

ନିର୍ବାଚନ କରୁଛ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ପ୍ରାର୍ଥୀ ବିଜୟ ସମ୍ଭାବନା ନଥିଲେ, ବିଜେପି ସରକାର ପ୍ରଶାସନିକ ହସ୍ତକ୍ଷେପ କରି ବିନା ଗଣ୍ଡଗୋଳରେ ନିର୍ବାଚନକୁ ବାତିଲ କରାଉଛନ୍ତି। ବିଜେପି ସରକାର ଛାତ୍ରଛାତ୍ରୀ ମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରିଛନ୍ତି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପି ପ୍ରାର୍ଥୀଙ୍କ ପାଇଁ ଅଧ୍ୟାପକ ଓ ଅଧ୍ୟାପିକାମାନେ କ୍ୟାମ୍ପେନ କରୁଛନ୍ତି । ହ୍ୱାଟ୍ସଆପ ଗ୍ରୁପରେ କ୍ୟାମ୍ପେନ ନେଇ ଫଟୋ ମଧ୍ୟ ଭାଇରାଲ ହୋଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବିଜେପି ବିଧାୟକ ମାନସ ଦତ୍ତ ଓ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଲିଙ୍ଗଡୋ କମିଶନଙ୍କ ନିୟମକୁ ଖୁଲମଖୁଲା ଭାବେ ଅବମାନନା କରିଛନ୍ତି । ଛାତ୍ର ସଂସଦ ନିର୍ବାଚନ ସାମିଲ ହୋଇ ଏବିଭିପି ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଛନ୍ତି। ପିପିଲି କଲେଜରେ ବିଜେପି ଗୁଣ୍ଡା ମାନେ ପ୍ରାର୍ଥୀଙ୍କୁ ଉଠାଇ ନେଇ ଭୟଭୀତ କରାଇବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଏହିପରି ରାଜ୍ୟ ବ୍ୟାପୀ ବିଜେପି ସରକାରଙ୍କ ମନଇଚ୍ଛା ଛାତ୍ର ସଂସଦ ନିର୍ବାଚନ ଜାରି ରହିଛି। ଏହାସତ୍ତ୍ୱେ ବିସିଜେଡି ପ୍ରାର୍ଥୀମାନେ ରାଜ୍ୟର ୧୦୦ଟି ମହାବିଦ୍ୟାଳୟରେ ବିଜୟୀ ହୋଇସାରିଛନ୍ତି । ବିଜେପି ସରକାର ସମସ୍ତ ଅବୈଧ ପଦକ୍ଷେପ ସତ୍ତ୍ୱେ ବିସିଜେଡି ପ୍ରାର୍ଥୀ ମାନେ ବିପୁଳ ଭୋଟରେ ଜିତିବେ ବୋଲି ସେ କହିଛନ୍ତି । ଡ. ମହାନ୍ତି କହିଛନ୍ତି ଯେ ରମାଦେବୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ ସଞ୍ଜୟ ରାଉଳ ଛାତ୍ରୀ ମାନଙ୍କ ଗୋପନୀୟ ରେକର୍ଡ ସଂଗ୍ରହ କରିବାକୁ ଚେଷ୍ଟା କରିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ନାମ ଉଲ୍ଲେଖ କରିଛନ୍ତି । ଏହା ଗୁରୁତର ବିଷୟ । ତେଣୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିଜେପି ଏ ବିଷୟରେ ସ୍ପଷ୍ଟୀକରଣ ଦେବା ଉଚିତ। ସହକାରୀ ପ୍ରଫେସର ଡକ୍ଟର ସଞ୍ଜୟ ରାଉଳଙ୍କୁ ନିଲମ୍ବିତ କରି ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ । ବିଜେପି ସରକାର ପରାଜୟର ଭୟରେ ସମସ୍ତ କୁତ୍ସିତ ପନ୍ଥା ଅବଲମ୍ବନ କରୁଛନ୍ତି। ବିପୁଳ ପାଣ୍ଠି ଖର୍ଚ୍ଚ କରାଯାଉଛି ଏବଂ ଶାସକ ଦଳର ପ୍ରାର୍ଥୀଙ୍କୁ ସୁବିଧା ଦେବା ପାଇଁ ଅପରାଧୀ ମାନଙ୍କୁ ବ୍ୟବହାର କରାଯାଉଛି । ଏନେଇ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ଛାତ୍ର ସଂସଦ ନିର୍ବାଚନରେ ଏହିପରି ରାଜନୀତିକ ହସ୍ତକ୍ଷେପ ଛାତ୍ର ନିର୍ବାଚନ ପାଇଁ ଏକ କଳା ଦିନ । ଯାହାକି ଅତି ନିନ୍ଦନୀୟ ବୋଲି ଡ. ମହାନ୍ତି କହିଛନ୍ତି।



ଭାରତୀୟ ପୃଷ୍ଠଭୂମିରେ ଶକ୍ତି ଆରାଧନାର ପରମ୍ପରା ବହୁ ପ୍ରାଚୀନ । ବୈଦିକ କାଳରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି, ଦର୍ଶନ ଏବଂ ଆଧ୍ୟାତ୍ମିକ ଜୀବନରେ ଶକ୍ତି ଉପାସନା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ସିନ୍ଧୁ ସଭ୍ୟତାର 'ମାତୃକା ମୂର୍ତ୍ତି'ଠାରୁ ଆରମ୍ଭ କରି ବେଦର ଗାୟତ୍ରୀ ଏବଂ ପୁରାଣର ଦୁର୍ଗା, କାଳୀ ଓ ସରସ୍ୱତୀ ମାତାଙ୍କ ପର୍ଯ୍ୟନ୍ତ ଏହି ଧାରା ସଦା ପ୍ରବହମାନ । ଭାରତୀୟ ଦର୍ଶନ ଅନୁସାରେ, ଶକ୍ତି ହିଁ ପ୍ରକୃତି, ଯିଏ ସମଗ୍ର ବ୍ରହ୍ମାଣ୍ଡକୁ ସଞ୍ଚାଳିତ କରୁଛନ୍ତି । ଭାରତ ବର୍ଷର କୋଣ-ଅନୁକୋଣରେ ବିଛେଇ ହୋଇ ରହିଥିବା ୫୧ ଶକ୍ତିପୀଠ ଏହି ପରମ୍ପରାର ଜୀବନ୍ତ ସାକ୍ଷୀ । ଓଡ଼ିଶାରେ ମଧ୍ୟ ମା' ବିମଳା, ବିରଜା, ମଙ୍ଗଳା, ସମଲେଶ୍ୱରୀ ଆଦି ଦେବୀପୀଠଗୁଡ଼ିକ କେବଳ ପୂଜାର୍ଚ୍ଚନାର ସ୍ଥଳ ନୁହନ୍ତି; ଏଗୁଡ଼ିକ ଓଡ଼ିଶାର ପ୍ରାଚୀନ ଇତିହାସ, ସ୍ଥାପତ୍ୟ କଳା ଏବଂ ଓଡ଼ିଆ ସଂସ୍କୃତିର ସୁରକ୍ଷା କବଚ । ଓଡ଼ିଶାର ଅନେକ ଦେବୀ ବା ଶକ୍ତି ପୀଠରେ କିଛି ଗୁପ୍ତ ଓ ନିଗୂଢ଼ ନୀତିକାନ୍ତି ରହିଛି, ଯାହା ଶତାବ୍ଦୀ ଶତାବ୍ଦୀ ଧରି କେବଳ ପରମ୍ପରା ମଧ୍ୟରେ ସୀମିତ ରହିଆସିଛି । ଏହି ଗୁପ୍ତ ରୀତିନୀତିଗୁଡ଼ିକ ତାନ୍ତ୍ରିକ ଏବଂ ବୈଦିକ ପରମ୍ପରାର ଏକ ଅପୂର୍ବ ସମନ୍ୱୟ, ଯାହା ଶକ୍ତି ଉପାସନାକୁ ଅଧିକ ରହସ୍ୟମୟ ଓ ଆଧ୍ୟାତ୍ମିକ ଭାବେ ସମୃଦ୍ଧ କରିଥାଏ । ଏହି ସମସ୍ତ ପୀଠର ପୂଜାବିଧି କେବଳ ବାହ୍ୟ ଆଚାର ଅନୁଷ୍ଠାନ ମଧ୍ୟରେ ସୀମିତ ନୁହେଁ; ବରଂ ଏହା ପଛରେ ରହିଛି ଗଭୀର ଆଧ୍ୟାତ୍ମିକ ରହସ୍ୟ, ମନ୍ତ୍ର ସାଧନା ଓ ସନାତନ ସଂସ୍କୃତିର ପ୍ରାଚୀନ ଧାରା । ସେଥିପାଇଁ ବିଭିନ୍ନ ପର୍ବପର୍ବାଣି ସମୟରେ ସାଧାରଣ ଶ୍ରଦ୍ଧାଳୁଙ୍କ ଅଗୋଚରରେ ସମ୍ପନ୍ନ ହେଉଥିବା ଏହି ଦେବୀ ଆରାଧନା ଆଜି ବି ବିଶ୍ୱାସ ଓ ଜିଜ୍ଞାସାର ଅନନ୍ୟ କେନ୍ଦ୍ରବିନ୍ଦୁ ହୋଇ ରହିଛି । ଏହି ପବିତ୍ର ଦେବୀପୀଠଗୁଡ଼ିକର ରହସ୍ୟ, ମାହାତ୍ମ୍ୟ ଏବଂ ଏହାର ଅନନ୍ୟ ପରମ୍ପରାକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା...

## ଶ୍ରୀକ୍ଷେତ୍ର ଅଧିଷ୍ଠାତ୍ରୀ
# ମା' ବିମଳା

■ ହେମନ୍ତ ନାୟକ

**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମରେ ମା' ବିମଳାଙ୍କ ଉପାସନା କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ଏହା ଶ୍ରୀକ୍ଷେତ୍ରର ଶାକ୍ତ, ଶୈବ ଓ ବୈଷ୍ଣବ ଉପାସନାର ଅନନ୍ୟ ସମନ୍ୱୟ । ଶାରଦୀୟ ନବରାତ୍ରରେ ମା'ଙ୍କ ପୀଠରେ ଅନୁଷ୍ଠିତ ବିଶେଷ ପୂଜାବିଧି, ସପ୍ତମୀରୁ ନବମୀ ପର୍ଯ୍ୟନ୍ତ ତ୍ରିଦିବସୀୟ ଦୁର୍ଗାପୂଜା ଏବଂ ମହାଷ୍ଟମୀର ମହତ୍ତ୍ୱ ଏହି ପରମ୍ପରାକୁ ଆହୁରି ଗୌରବମୟ କରିଥାଏ । ଭାରତର ପ୍ରମୁଖ ଧାର୍ମିକ କ୍ଷେତ୍ରଗୁଡ଼ିକ ମଧ୍ୟରେ ଶ୍ରୀକ୍ଷେତ୍ର ପୁରୀର ସ୍ଥାନ ସ୍ୱତନ୍ତ୍ର । ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆରାଧନା ସହିତ ଶକ୍ତି ଉପାସନାର ଏକ ପ୍ରାଚୀନ ଓ ସମୃଦ୍ଧ ପରମ୍ପରା ରହିଛି ।**





ଶ୍ରୀମନ୍ଦିର ପରିସରରେ ଅବସ୍ଥିତ ମା' ବିମଳାଙ୍କ ମନ୍ଦିର ଏହି ପରମ୍ପରାର ଏକ ପ୍ରମୁଖ କେନ୍ଦ୍ର । ମା' ବିମଳାଙ୍କୁ ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଶକ୍ତି ଭାବେ ମଧ୍ୟ ଭକ୍ତିପୂର୍ବକ ସ୍ମରଣ କରାଯାଏ । ଦେଶର ୫୧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ଏହି ପୀଠ । କିମ୍ବଦନ୍ତୀ ଅନୁସାରେ ଏଠାରେ ସତୀଙ୍କ ପାଦ ପଡ଼ିଥିଲା, ତେଣୁ ଏହା ଶ୍ରୀପାଦେଶ୍ୱରୀ ପୀଠ ନାମରେ ମଧ୍ୟ ପ୍ରସିଦ୍ଧ । ସ୍କନ୍ଦ ପୁରାଣରେ ମା' ବିମଳା ଅଷ୍ଟଚଣ୍ଡୀ ମଧ୍ୟରୁ ଜଣେ ବୋଲି ବର୍ଣ୍ଣିତ । ବର୍ଷର ୩୪୯ ଦିନ ମା' ପରମବୈଷ୍ଣବୀ ରୂପେ ପୂଜା ପାଆନ୍ତି । ପ୍ରତିଦିନ ମହାପ୍ରଭୁଙ୍କର ଶ୍ରୀମହାପ୍ରସାଦ ଦେବୀଙ୍କୁ ଅର୍ପଣ କରାଯାଏ ।

### ଷୋଡ଼ଶ ଦିନାତ୍ମକ ପୂଜା

ମା' ବିମଳାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଉଛି ଷୋଡ଼ଶ ଦିନାତ୍ମକ ପୂଜା ପରମ୍ପରା । ସାଧାରଣତଃ ଦୁର୍ଗା ପୂଜା କହିଲେ ମହାସପ୍ତମୀ, ମହାଷ୍ଟମୀ, ମହାନବମୀ ଓ ବିଜୟା ଦଶମୀର କଥା ମନକୁ ଆସେ । କିନ୍ତୁ ଶ୍ରୀକ୍ଷେତ୍ରର ମା' ବିମଳାଙ୍କ ପୀଠରେ ଏହି ପୂଜାର ଏକ ଦୀର୍ଘ ଓ ସ୍ୱତନ୍ତ୍ର ବିଧିବିଧାନ ରହିଛି । ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀଠାରୁ ଏହି ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜାର ଆରମ୍ଭ ହୋଇ ବିଜୟା ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ନୀତିକାନ୍ତି ଚାଲିଥାଏ । ବର୍ଷର ଏହି ୧୬ ଦିନ ମା' ସମ୍ପୂର୍ଣ୍ଣ ଭାବେ ତାଙ୍କ ଉଗ୍ର ଶକ୍ତି ରୂପକୁ ଫେରିଯାଆନ୍ତି । ଏହି ସମୟରେ ମା'ଙ୍କ ଆରାଧନାରେ ବିଶେଷ ପୂଜା, ମନ୍ତ୍ରପାଠ, ଚଣ୍ଡୀପାଠ ଓ ବିଭିନ୍ନ ବେଶର ମହତ୍ତ୍ୱ ରହିଛି । ପୂଜାର୍ଚ୍ଚନା ପାଇଁ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଏ । ରାଜଗୁରୁ ପୁରୋହିତ ଗଜପତି ମହାରାଜଙ୍କ ପ୍ରାସାଦକୁ ଯାଇ ତାଙ୍କ ହାତ ଛୁଆଁ ଗୁଆ ଓ ନଡ଼ିଆ ଆଣନ୍ତି ଏବଂ ତାହା ଦେଇ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରନ୍ତି । ମା' ବିମଳାଙ୍କ ପାଇଁ ଜଣେ ପୂଜକ, ଜଣେ ପରିଛା, ଚଣ୍ଡୀ ପାଠକ, ସହସ୍ରନାମ ପାଠକ ଓ ମନ୍ତ୍ରଜାପକଙ୍କୁ ବରଣ କରାଯାଏ ।

### ମା'ଙ୍କ ରୂପ ଦର୍ଶନ

ପରମ୍ପରା ଅନୁଯାୟୀ, ମା'ଙ୍କୁ ବିଭିନ୍ନ ଶକ୍ତିସ୍ୱରୂପରେ ସଜ୍ଜିତ କରାଯାଏ । ଏହି ୧୬ ଦିନ ମା'ଙ୍କର ତ୍ରିକାଳ ପୂଜା ହୁଏ, ଚଣ୍ଡୀ ପାଠ ହୁଏ ଏବଂ ମା' ବିଭିନ୍ନ ବେଶରେ ବିଭୂଷିତ ହୁଅନ୍ତି । ବନଦୁର୍ଗା, ଭୁବନେଶ୍ୱରୀ, ନାରାୟଣୀ, ଜୟଦୁର୍ଗା, ଉଗ୍ରତାରା, ମାତଙ୍ଗିନୀ, ଦଶଭୁଜା, ରାଜରାଜେଶ୍ୱରୀ ଓ ସିଂହବାହିନୀ ଆଦି ରୂପରେ ଦର୍ଶନ ଦିଅନ୍ତି ।

### ଦୁର୍ଗାମାଧବ ଉପାସନା

ଶ୍ରୀକ୍ଷେତ୍ରର ଶାରଦୀୟ ଦୁର୍ଗାପୂଜାରେ ମା' ବିମଳାଙ୍କ ଆରାଧନା ସହିତ ଦୁର୍ଗାମାଧବ ଉପାସନାର ଏକ ବିଶେଷ ପରମ୍ପରା ରହିଛି । ଅନେକ ଦୁର୍ଗାପୂଜା ପରମ୍ପରାରେ ଦେବୀଙ୍କ ସହିତ ଶିବଙ୍କ ଉପାସନା ପ୍ରମୁଖ ହୋଇଥିବାବେଳେ, ପୁରୀରେ ଦେବୀ ଦୁର୍ଗାଙ୍କ ସହିତ ମାଧବଙ୍କ ଉପାସନା ଏକ ସ୍ୱତନ୍ତ୍ର ପରିଚୟ ବହନ କରେ । ସେଥିପାଇଁ ଏହି ୧୬ ଦିନର ପ୍ରଥମ ୮ ଦିନ ବିମଳା ମନ୍ଦିରରେ ଦୁର୍ଗା ଓ ମାଧବଙ୍କୁ ଏକାଠି ପୂଜା କରାଯାଏ ଏବଂ ପରେ ନବମ ଦିନରୁ ନବମୀ ତିଥି ପର୍ଯ୍ୟନ୍ତ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରରେ ପୂଜା ହୁଏ ।

### ମା'ଙ୍କ ଭୋଗ

ସପ୍ତମୀ, ଅଷ୍ଟମୀ, ନବମୀ ତ୍ରିଦିବସୀୟ ପୂଜା ହେଉଛି ମା' ବିମଳାଙ୍କର ଅନନ୍ୟ ପରମ୍ପରା । ନବରାତ୍ରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ତିନି ଦିନ ହେଉଛି ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀ । ଏହି ତିନିଦିନ ଶ୍ରୀମନ୍ଦିର ପରିସରରେ ଏକ ଅସ୍ଥାୟୀ ରୋଷଶାଳ କରାଯାଏ । ସେହି ରୋଷରେ ଆମିଷ ରନ୍ଧା ହୋଇ ମା'ଙ୍କ ପାଖରେ ଭୋଗ ଭାବେ ଲାଗି ହୁଏ । ବର୍ଷର ଅନ୍ୟ ସବୁ ଦିନ ମା'ଙ୍କ ପାଖରେ ଆମିଷ ସମ୍ପୂର୍ଣ୍ଣ ନିଷେଧ । କେବଳ ଏହି ତିନିଦିନ ହିଁ ମା' ମାଛ ଭୋଗ ଗ୍ରହଣ କରନ୍ତି । ଏହି ତିନିଦିନ ରାତିରେ ମନ୍ଦିର ପହୁଡ଼ ପରେ ମହାନିଶା ପୂଜା ଓ ଗୁପ୍ତ ବଳି ନୀତି ଅନୁଷ୍ଠିତ ହୁଏ । ଏହି ନୀତି ଅର୍ଦ୍ଧରାତ୍ରରେ ଗୁପ୍ତ ଭାବେ କରାଯାଏ ।

ସେହିପରି ଏହି ୧୬ ଦିନ ମହିଳାମାନେ ବିମଳା ମନ୍ଦିର ଭିତରକୁ ପ୍ରବେଶ କରନ୍ତି ନାହିଁ । ଏହା ପଛରେ ଶାସ୍ତ୍ରୀୟ କାରଣ ଅଛି । ଏହି ସମୟରେ ମା' ଚଣ୍ଡିକା ରୂପରେ ଅତ୍ୟନ୍ତ ଉଗ୍ର ରୂପରେ ଥାଆନ୍ତି, ସମ୍ପୂର୍ଣ୍ଣ ଶୁଦ୍ଧପୂତ ଭାବେ ତନ୍ତ୍ର ପୂଜା ଚାଲିଥାଏ । ତେଣୁ ପୂଜାର ପବିତ୍ରତା ରକ୍ଷା ପାଇଁ ଏବଂ ମା'ଙ୍କ ଭୟଙ୍କର ରୂପ ଦର୍ଶନରୁ ମହିଳାମାନଙ୍କୁ ଦୂରେଇ ରଖାଯାଇଥାଏ ।

## ପ୍ରସିଦ୍ଧ ତନ୍ତ୍ର ପୀଠ
# ମା' ଉଗ୍ରତାରା

■ ରଞ୍ଜିତ କେ.ଏନ୍. ସାମନ୍ତରାୟ

**ଖୋର୍ଦ୍ଧା ଟାଙ୍ଗି ବ୍ଲକ୍ ଭୂଷଣ୍ଡପୁର ମୂଳିଝରଗଡ଼ ସ୍ଥିତ ମା' ଉଗ୍ରତାରା ପ୍ରତ୍ୟକ୍ଷଦେବୀ ମଧ୍ୟରେ ଅନ୍ୟତମ । ଏହା ପ୍ରାଚୀନ ପୀଠ ରୂପେ ପରିଚିତ । ଅଧିଷ୍ଠାତ୍ରୀ ଦେବୀ ଉଗ୍ରତାରା ଗଜପତି ମହାରାଜ କପିଳେନ୍ଦ୍ର ଦେବଙ୍କ କୀର୍ତ୍ତି ବୋଲି ଜନଶ୍ରୁତି ରହିଛି । ପୀଠର ତିନି ଦିଗରେ ପାହାଡ଼ ଥିବାବେଳେ ଦକ୍ଷିଣରେ ଚିଲିକା ହ୍ରଦ ରହିଛି । ପୀଠ ପଞ୍ଚକୋଶ ମଧ୍ୟରେ ଶ୍ରୀଚଣ୍ଡେଶ୍ୱର, ଶ୍ରୀ ଉତରେଶ୍ୱର, ଶ୍ରୀରାମଶ୍ୱେର, ଶ୍ରୀକପିଳେଶ୍ୱର ଏବଂ ଶ୍ରଗତୀଶ୍ୱର ବିରାଜମାନ । ସାଧବପୁଅମାନେ ଜାଭା, ସୁମାତ୍ରାରୁ ବୋଇତ ବାଣିଜ୍ୟ ସାରି ଚିଲିକା ଦେଇ ଫେରିବା ବାଟରେ ମା'ଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରୁଥିଲେ । ତେବେ ଏହି ପୀଠରେ ମା'ଙ୍କ ନବରାତ୍ରୀ ପୂଜା ଖୁବ୍ ଆଡ଼ମ୍ବରରେ କରାଯାଏ ।**

### ଉଗ୍ର ହୋଇ ବି ମା' ଏଠି ଶାନ୍ତ

ମନ୍ଦିର ପୂଜକ ଯୁଧିଷ୍ଠିର ସାମନ୍ତରାୟଙ୍କ କହିବାନୁଯାୟୀ, ବିଶ୍ୱାସ ରହିଛି ମା' କାଳୀ ଉଗ୍ରରୂପ ଧାରଣ କରିବା ପରେ ଶାନ୍ତରୂପରେ ଦର୍ଶନ ଦେଉଥିବାରୁ ମା' ଉଗ୍ରତାରା ରୂପରେ ଜଣାଶୁଣା । ମା'ଙ୍କ ବିଶେଷ ପର୍ବ ହେଉଛି ବାସନ୍ତିକ ଓ ଶାରଦୀୟ ପୂଜା ଏବଂ ରଜ ଉତ୍ସବ ଶାରଦୀୟ ଦୁର୍ଗାପୂଜା ମୂଳାଷ୍ଟମୀଠାରୁ ସହସ୍ର କୁମ୍ଭ ବରଣ ହୋଇ ପୀଠରେ କଳସ ସ୍ଥାପନ ହୋଇ ଷୋଡ଼ଶ ପୂଜା ଆରମ୍ଭ ହୋଇଥାଏ । ନବରାତ୍ରରେ ମା' ବ୍ରହ୍ମଚାରଣୀ, ଶୈଳପୁତ୍ରୀ, ଚନ୍ଦ୍ରଘଣ୍ଟା, କୁଷମାଣ୍ଡି, ସିଦ୍ଧିଦାତ୍ରୀ, କାର୍ତ୍ତିକାୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିରାତ୍ରୀ ବେଶରେ ଦର୍ଶନ ଦେଇଥାନ୍ତି । ମା'ଙ୍କ ବେଶ ଦର୍ଶନ କରି ଭକ୍ତମାନେ ତଲୀନ ହେଇପଡୁଛନ୍ତି । ସପ୍ତମୀ, ଅଷ୍ଟମୀ ଓ ମହାନବମୀରେ ରାତ୍ର ମହାପୂଜା ଅନୁଷ୍ଠିତ ହୋଇଥାଏ । ସପ୍ତମୀ ପୂଜା ରାତ୍ରରେ ହରିପୁରସ୍ଥ ମା' ବଘେଇଙ୍କ କଳସ ଏବଂ କାଶୀପୁରସ୍ଥ ମା' ଭୈରବୀଙ୍କ ଆଜ୍ଞାମାଳ ଆସି ପୀଠରେ ସ୍ଥାପନା ହେବା ପରେ ମାଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ । ମହାଷ୍ଟମୀରେ ମା'ଙ୍କ ସନ୍ଧି ପୂଜା, ମହାନବମୀରେ ଶାନ୍ତିପୂଜା ଏବଂ ବିଜୟାଦଶମୀ ଦିନ ମା'ଙ୍କ ବର୍ଦ୍ଧନୀ କଳସ ପାଇକ ସେବାୟତମାନଙ୍କ ଦ୍ୱାରା ନିକଟସ୍ଥ ପାଇକପଦାକୁ ଶୋଭାଯାତ୍ରାକୁ ଯାଇଥାଏ । ପାଇକପଦାଠାରେ ମା'ଙ୍କ ହୋମ ପୂଜାପାଠ ସହ କଳସ ବିସର୍ଜନ କରାଯାଇଥାଏ । ମା'ଙ୍କ ମୂଳ ବିଜେସ୍ଥଳୀ ହେଉଛି ମୂଳିଝରଡ଼ । ଯାହାକି ଖୋର୍ଦ୍ଧାର ବିଭିନ୍ନ ଗଡ଼ ମଧ୍ୟରୁ ଅନ୍ୟତମ । ମା'ଙ୍କ ମନ୍ଦିରକୁ ସୁରକ୍ଷା ଦେବାକୁ ରାଜା ପାଇକ ଖଞ୍ଜିଥିବାବେଳେ ଆଜି ମଧ୍ୟ ପାଇକଙ୍କ ଦାୟାଦମାନେ ପାରମ୍ପରିକ ବେଶ ପୋଷାକରେ ଶାରଦୀୟ ଦଶହରା ସମୟରେ ମା'ଙ୍କ ନିକଟରେ ପୂଜା ପାଠ କରିବା ସହ ପୁରୁଣା ପରାମ୍ପରାକୁ ବଜାଏ ରଖି ପାଇକ ଆଖଡ଼ା କଳା ପ୍ରଦର୍ଶନ କରିଥାନ୍ତି । ସମଗ୍ର ବିଶ୍ୱରେ ତାରାପୀଠ ୪ ଗୋଟି ସ୍ଥାନରେ ଦେଖିବାକୁ ମିଳେ । ଭାରତ ବର୍ଷରେ ଏହାର ସଂଖ୍ୟା ୨ ହୋଇଥିବା ବେଳେ ଗୋଟିଏ ପଶ୍ଚିମବଙ୍ଗର ବୀରଭୂମି ଏବଂ ଅନ୍ୟଟି ଓଡ଼ିଶାର ଉଗ୍ରତାର ପୀଠ ବୋଲି ସେ ପ୍ରକାଶ କରିଛନ୍ତି । ମା'ଙ୍କ ବିଶେଷ ପର୍ବ ହେଉଛି ବାସନ୍ତିକ, ଶାରଦୀୟ ପୂଜା ଏବଂ ରଜ ଉତ୍ସବ ।



### ମା'ଙ୍କ ନୈବେଦ୍ୟ

ଲୋକମତରେ ଏହି ପୀଠ ପ୍ରଥମେ ମାଳତୀବୃକ୍ଷ ପରିବେଷ୍ଟିତ ଏକ ଚାଳ ଗୃହ ଥିଲା । ପଞ୍ଚଦଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ର ଦେବ ରାଜ୍ୟ ବିସ୍ତାର ସମୟରେ ମା'ଙ୍କ ଦର୍ଶନ ଲାଭ କରିଥିଲେ । ମା'ଙ୍କ ପୂଜାର୍ଚ୍ଚନା ପାଇଁ ଜମିଜମା, ସେବାୟତ ତଥା ସୁରକ୍ଷା କାର୍ଯ୍ୟ ପାଇଁ ପାଇକ ସେବାୟତ ନିୟୋଜିତ କରିଥିଲେ । ପ୍ରତ୍ୟହ ପ୍ରାତଃକାଳରେ ମନ୍ଦିର ଖୋଲାଯାଇ ପ୍ରଥମେ ମଙ୍ଗଳ ଆଳତି, ମାଜଣା ପରେ ବାଳଭୋଗ ଲାଗି କରାଯାଏ । ପରେ ସର୍ବସାଧାରଣ ଦର୍ଶନ, ମଧ୍ୟାହ୍ନରେ ଅନ୍ନପ୍ରସାଦ ଭୋଗ, ମଧ୍ୟାହ୍ନ ଆଳତି ପରେ ପହୁଡ଼ ନୀତି ହୋଇଥାଏ । ପରେ ପୁଣି ସାଧାରଣ ଦର୍ଶନ ହୋଇଥାଏ । ସନ୍ଧ୍ୟା ଆଳତି ପରେ ମନ୍ଦିର ବନ୍ଦ ହୋଇଥାଏ । ମା'ଙ୍କ ନୈବେଦ୍ୟରେ ବିଭିନ୍ନ ପ୍ରକାର ଫଳ, ଚୁଡ଼ାଘଷା, ମିଷ୍ଟାନ୍ନ ଓ ସାଦା ଅନ୍ନ ପ୍ରସାଦ ସହିତ ପୋଡ଼ାମାଛ, ମାଛ ବେସର, କ୍ଷିରୀ, ଦହିପଖାଳ, କାକରାପିଠା, ଡାଲି, ଖଟା ପ୍ରଭୃତି ଲାଗି କରାଯାଏ ।

# ମହିମାମୟୀ ମା' ଦକ୍ଷିଣକାଳୀ ପୀଠ

■ ଅନୀଲ କୁମାର ପଣ୍ଡା

**ଓଡ଼ିଶାରେ ଯେଉଁ କେତୋଟି ପ୍ରସିଦ୍ଧ ଦେବୀ ପୀଠ ରହିଛି ତନ୍ମଧ୍ୟରେ ନୟାଗଡ଼ ଜିଲ୍ଲାରେ ଅବସ୍ଥିତ ମା' ଦକ୍ଷିଣକାଳୀ ପୀଠ ହେଉଛି ଅନ୍ୟତମ ।**

### ମନ୍ଦିର ପଛର ଜନଶ୍ରୁତି

ଜନଶ୍ରୁତି ଅନୁସାରେ, ପ୍ରାଚୀନ କାଳରେ ଖଣ୍ଡପଡ଼ା ନିକଟରେ "ନନ୍ଦନବନ" ନାମକ ଏକ ଘଞ୍ଚ ଜଙ୍ଗଲ ଥିଲା, ଯେଉଁଠି ଦିନ ଦୁଇପହରରେ ମଧ୍ୟ ସୂର୍ଯ୍ୟ କିରଣ ପ୍ରବେଶ କରିପାରୁନଥିଲା । ସେହି ଅରଣ୍ୟ ମଧ୍ୟରେ ଉମା ଦେଇଙ୍କ ଆସ୍ଥାନ ରହିଥିଲା । ଉକ୍ତ ପୀଠର ସେପରି କୌଣସି ମାହାତ୍ମ୍ୟ ପୂର୍ବରୁ କେବେ କେହି ଅନୁଭବ କରି ନ ଥିଲେ । ଗୌରହରି ବିଧାର ନାମକ ଜୈନିକ ବ୍ୟକ୍ତି ନୟାଗଡ଼ ପୁରୁଣା ସହରରେ ବାସ କରୁଥିଲେ । ବିଧାର ତାଙ୍କର ଜନୈକ ବନ୍ଧୁଙ୍କ ଅନୁରୋଧ କ୍ରମେ ତାଙ୍କ ଗ୍ରାମକୁ ଯାଉଥିଲେ । ବିଧାର ପାଦରେ ଚାଲି ଚାଲି ଖଣ୍ଡପଡ଼ା ଗଡ଼ ମଧ୍ୟରେ ପ୍ରବେଶ କରି, ନନ୍ଦନ ବନରେ ପ୍ରବେଶ କଲେ । ନନ୍ଦନ ବନ ଅତିକ୍ରମ କରିବାବେଳେ ଅଚାନକ ଭାବେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଗଲା, ସେ ଓଦା ହୋଇଗଲେ । ସେ ଓଦା ସଡ଼ସଡ଼ ହୋଇ ଅରଣ୍ୟ ମଧ୍ୟରେ ଯିବାବେଳେ ଏକ ଜୀର୍ଣ୍ଣ କୁଟୀରର ଦେଖି ସେ ତା' ମଧ୍ୟକୁ ପ୍ରବେଶ କଲେ । କୁଟୀରରେ ଥିବା ଚଉପାଢ଼ିର ଗୋଟିଏ କୋଣରେ ବସି ରହିଲେ ।



ଏହିସମୟରେ ସେ ଗାଢ଼ ନିଦ୍ରାରେ ଶୋଇଗଲେ । ବିଧାର ଶୋଇଥିବାବେଳେ ତାଙ୍କ ସ୍ୱପ୍ନରେ ଜଣେ ଦେବୀ ଆର୍ବିଭୂତ ହେଲେ । ସେହି ଦେବୀଙ୍କ ନାମ ଉମାଦେଇ । ତାଙ୍କୁ ସେଠାରୁ ଉଦ୍ଧାର କରି ଅନ୍ୟତ୍ର ନେଇ ବିଧିମତେ ପୂଜା କରିବାକୁ ଦେବୀ ବିଧାରଙ୍କୁ ଆଦେଶ ଦେଲେ । ବିଧାର ସଙ୍ଗେ ସଙ୍ଗେ ନିଦରୁ ଉଠିପଡ଼ି ଚଉପାଢ଼ି ମଧ୍ୟରେ ଥିବା କ୍ଷୁଦ୍ର କୋଠରିକୁ ପ୍ରବେଶ କରି, ଦୁଇ ହସ୍ତ ପ୍ରସାରୀ ମୃତ୍ତିକା ଉପରେ ଥିବା ସମସ୍ତ ସାମଗ୍ରୀ ଉଠାଇ ନେଲେ । କାଳ ବିଳମ୍ବ ନ କରି ସେହି ଅନ୍ଧକାର ମଧ୍ୟରେ ଗୃହାଭିମୂଖେ ଯାତ୍ରା କଲେ । ବିଧାର ଗୃହ ନିକଟରେ ପହଞ୍ଚି ଉମାଦେଇ ପୀଠରୁ ଆଣିଥିବା ସାମଗ୍ରୀକୁ ଗୃହର ପଶ୍ଚାତ୍ ଦିଗରେ ଏକ ପ୍ରସ୍ତର ଗମ୍ଭିରା ମଧ୍ୟରେ ରଖି ସବୁଦିନ ସକାଳେ ସଞ୍ଜେ ବିଧି ମୁତାବକ ପୂଜା କରିବାକୁ ଲାଗିଲେ । ଦେବୀ ତାଙ୍କ ଗୃହରେ ନ ରହି ଅନ୍ୟତ୍ର ରହିବାକୁ ଇଚ୍ଛା ପ୍ରକାଶ କରି ବିଧାରଙ୍କୁ ସ୍ୱପ୍ନାଦେଶ କରିବାରୁ ବିଧାର ଏକ ନିକାଞ୍ଚନ ସ୍ଥାନ ନିରୁପଣ କରି ମା'ଙ୍କୁ ସେଠାକୁ ସ୍ଥାନାନ୍ତର କଲେ । ପରେ ପରେ ଏହି ସ୍ଥାନରେ ମାଙ୍କ ପୂଜାର୍ଚ୍ଚନାରେ ବହୁ ବିଶୃଙ୍ଖଳା ଘଟିବାରୁ, ବିଧାର ପୁଣି ନେଇ ବର୍ତ୍ତମାନ ଯେଉଁଠାରେ ମନ୍ଦିର ପ୍ରତିଷ୍ଠିତ, ସେହି ସ୍ଥାନରେ ଏକ ପ୍ରସ୍ତର ଉପରେ ସ୍ଥାପନ କଲେ । କେତେଦିନ ପରେ ଅବୈତନିକ ଜଣେ ନୈଷ୍ଠିକ ବ୍ରାହ୍ମଣଙ୍କ ରାୟଗୁରୁଙ୍କ ତତ୍ତ୍ୱାବଧାନରେ ମାଆଙ୍କର ସେବା ପୂଜା ଭାର ନ୍ୟସ୍ତ କରାଗଲା । ପରେ ପରେ ବହୁ ବାଧାବିଘ୍ନ ସତ୍ତ୍ୱେ ଅବଦୁଲ ସତାର ଖାଁ, ପଞ୍ଚନନ ମୁରୁଜି ନାମକ ବ୍ୟକ୍ତିଙ୍କ ଦ୍ୱାରା ଏଠାରେ ମାଆଙ୍କର ଏଠାରେ କ୍ଷୁଦ୍ର ମନ୍ଦିର ପ୍ରତିଷ୍ଠିତ ହେବା କଥା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କ ଦ୍ୱାରା ଲିଖିତ ପୁସ୍ତକ ଜଗତ୍‌ଜନନୀ ମା ଦକ୍ଷିଣକାଳୀରୁ ଜଣାଯାଏ ।

### ଦୈନନ୍ଦିନ ମୁଖ୍ୟ ନୀତିକାନ୍ତି

ମାଆଙ୍କର ଦୈନିକ ନୀତିକାନ୍ତି ଓ ସେବା ପୂଜା ନିଆରା ବୋଲି ଜଣାଯାଏ । ମାଆଙ୍କର ପ୍ରତେହ୍ୟ ତିନି ଧୂପ ହୋଇଥାଏ । ସକାଳ ସାଢ଼େ ୬ଟା ସମୟରେ ମାଆଙ୍କର ସମସ୍ତ ନୀତିକାନ୍ତି କରାଯାଇ ଖଇ, କୋରା ଓ ମୂଆଁ ପୂଜା କରାଯା ।। ଏହାପରେ ସାଢ଼େ ୯ ଟା ସମୟରେ ଖେଚେଡ଼ି, ଡାଲି, ତରକାରୀ, ଖଟା ଓ ମାଛ ଭଜା ଚାରି ଥାଳି ଭୋଗ କରାଯାଏ । ସେପରି ସନ୍ଧ୍ୟା ସାଢ଼େ ୬ଟାରେ ଆଳତୀ କରାଯାଇ ଟେରା, ସରପୁଳି ଦୁଇଗିନା ବୁନ୍ଦିଆ ଚାରିଠୋଲା, ଛେନାପଣା ଏକ ଗ୍ଲାସ୍ ଓ ଦୁଇଟି ମୁଆଁ ପୂଜା କରାଯାଏ ଏହାପରେ ରାତ୍ର ୧୦ଟାରେ ବଡ଼ ସିଂହାର ଭୋଗ ହୁଏ । ବଡସିଂହାର ଭୋଗରେ ଖୁରୁମା' ଆଠ ଗୋଟା, କାକରା ଚାରିଗୋଟା, ଗୋପାଳ ଚାରିଗଣ୍ଡା, କଦମ୍ବା ଆଠ ଗୋଟା ପୂଜା କରାଯାଏ । ପଣା ସଂକ୍ରାନ୍ତିରେ ମା'ଙ୍କ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ ।

## ଦେଶପାଣ୍ଡେଙ୍କ ହ୍ୟାଟ୍ରିକ୍; ଜାଡେଜାଙ୍କ ଶତକ

ମୁମ୍ବଇ, ୧୨।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ପ୍ରଥମ ଖେଳାଳି ଭାବରେ ମୁମ୍ବଇର ତୁଷାର ଦେଶପାଣ୍ଡେ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଛନ୍ତି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଚଣ୍ଡିଗଡ଼ ବିପକ୍ଷରେ ଚାଲିଥିବା ଏଲିଟ୍ ଗ୍ରୁପ୍-ଡି ମୁକାବିଲାରେ ତୁଷାର ହ୍ୟାଟ୍ରିକ ନେଇଥିଲେ। ସେ ୧୧ତମ ଓଭରର ୩ୟ, ୪ର୍ଥ ଓ ପଞ୍ଚମ ବଲରେ ଯଥାକ୍ରମେ ଅର୍ଜୁନ ଆଜାଦ, ଶିବମ ଭାମ୍ବ୍ରୀ ଓ ଦୀପେନ୍ଦ୍ର କୁଶଙ୍କୁ ଆଉଟ୍ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଇନିଂସରେ ତୁଷାର ୭ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୧୭ ରନ ବ୍ୟୟରେ ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଫଳରେ ମୁମ୍ବଇର ୪୨୯ ରନ ଜବାବରେ ଚଣ୍ଡିଗଡ଼ ମାତ୍ର ୭୮ ରନରେ ସୀମିତ ରହିଥିଲା। ଅପରପକ୍ଷରେ ରାଜକୋଟରେ ଛତିଶଗଡ଼ ବିପକ୍ଷରେ ଚାଲିଥିବା ମ୍ୟାଚରେ ଘରୋଇ ସୌରାଷ୍ଟ୍ର ଦୃଢ଼ସ୍ଥିତିରେ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ସୌରାଷ୍ଟ୍ର ରବୀନ୍ଦ୍ର ଜାଡେଜା (୧୦୨ ରନ) ଓ ପ୍ରେରକ ମଙ୍କଡ (୧୨୯ ରନ)ଙ୍କ ଶତକ ବଳରେ ୧୧୦.୪ ଓଭରରେ ୩୯୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ଜାଡେଜାଙ୍କ ଏହା ୧୬ତମ ଓ ରଣଜୀ ଟ୍ରଫିରେ ୯ମ ଶତକ ହୋଇଛି।

## ଲାବୁଶ୍ୟେନଙ୍କ ବିରଳ ସଂଯୋଗ; ସମାନ ବଲ୍‌ରେ ସମାନ ରନ



ଡର୍ବାନ, ୧୨।୧୦ (ଏଜେନ୍ସି): ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆର ମାର୍ନସ ଲାବୁଶ୍ୟେନ ଏକ ବିରଳ ପାଳି ଖେଳିଛନ୍ତି। ଅଷ୍ଟ୍ରେଲିଆର ଉଭୟ ପାଳିରେ ଲାବୁଶ୍ୟେନ ୫୮ ବଲରେ ୩୭ ରନ କରିଥିଲେ। ଅର୍ଥାତ୍ ଉଭୟ ପାଳିରେ ସେ ସାମ୍ନା କରିଥିବା ବଲ୍ ସଂଖ୍ୟା ଓ ରନ ସମାନ ରହିଥିଲା। ପୂର୍ବରୁ ଟେଷ୍ଟ କ୍ରିକେଟ ଇତିହାସରେ ଏଭଳି ସଂଯୋଗ ୪୮ ବର୍ଷ ପୂର୍ବେ ଦେଖିବାକୁ ମିଳିଥିଲା। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧୯୭୭ ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ ସମୟରେ ଏହା ପ୍ରଥମଥର ଘଟିଥିଲା। ଭାରତର ସୟଦ କିରମାନି ଉଭୟ ଇନିଂସରେ ୬୨ ବଲ ଖେଳି ସମାନ ୨୯ ରନ କରିଥିଲେ। ଲାବୁଶ୍ୟେନ ୪୮ ବର୍ଷର ଦୀର୍ଘ ଅପେକ୍ଷା ପରେ ଏହି ସଂଯୋଗକୁ ପୁନରାବୃତ୍ତି କରିଛନ୍ତି।

## ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୧୦ (ସମିସ): ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ଚାମ୍ପିଅନସିପ୍‌ର ୧୧ତମ ସଂସ୍କରଣ ସୋମବାର ସ୍ଥାନୀୟ ହାଇଟେକ ମେଡିକାଲ କଲେଜ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର କଳ୍ପନା ଦାସ ଓ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ପାଞ୍ଚଦିବସୀୟ ଏହି ପ୍ରତିଯୋଗିତାରେ ରାଜ୍ୟର ୧୮ଟି ଦଳର ୩୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ତିନୋଟି ଗ୍ରାଉଣ୍ଡରେ ମୋଟ୍ ୧୧ଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା।

■ ଓମ୍‌କାରଙ୍କୁ ୪, ତୁଫୈଲଙ୍କୁ ୩ ୱିକେଟ

## ବିହାର ୨୦୭ ରନ୍‌ରେ ଅଟକିଲା



ଓମ୍‌କାର ମହାନ୍ତି



ସୟଦ ତୁଫୈଲ

ବଲାଙ୍ଗିରରେ ସିକେ ନାଇଡୁ ଟ୍ରଫି

ବଲାଙ୍ଗିର,୧୨।୧୦(ସମିସ): ଦୁଇ ବାମହାତୀ ବୋଲର ବଲାଙ୍ଗିରର ଓମ୍‌କାର ମହାନ୍ତି ଓ ଭୁବନେଶ୍ୱରର ସୟଦ ତୁଫୈଲ ଅହମ୍ମଦ୍‌ଙ୍କ ସୁନ୍ଦର ବୋଲିଂ ବଳରେ ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍‌ରେ ଆଜି ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ପ୍ରଥମେ ବ୍ୟାଟିଂ କରି ବିହାର ପ୍ରଥମ ଇନିଂସରେ ୨୦୭ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ଅଧିନାୟକ ଆଦିତ୍ୟ ରାଜ ୫ଚୌକା ଓ ୩ଛକା ସହ ସର୍ବାଧିକ ୭୪, ଆୟୁଷ ଆନନ୍ଦ ୨୫ ଓ ନଂ-୧୦ ବ୍ୟାଟର ୨୯ ରନ୍ କରିଥିଲେ। ବାମହାତୀ ପେସ ବୋଲର ତଥା ସ୍ଥାନୀୟ ଖେଳାଳି ଓମ୍‌କାର ମହାନ୍ତି ୩୭ ରନ୍‌ରେ ୪ଟି ଓ ବାମହାତୀ ସ୍ପିନର ତୁଫୈଲ ୪୧ରନ୍‌ରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ରଣଜୀ ଦଳରେ ସ୍ଥାନ ପାଇଥିବା ତୁଫୈଲଙ୍କୁ ଖେଳିବାର ସୁଯୋଗ ନ ମିଳିବାରୁ ସେ ୨୩ ବର୍ଷରୁକମ୍ ଦଳରେ ସାମିଲ ହୋଇଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଓଡ଼ିଶା ମାତ୍ର ୯ ଓଭର ଖେଳି ଉମେଶ କୁମାର ଗୌତମ (୨୧ବଲ୍‌ରେ ୩୧ରନ୍, ୩ଚୌକା, ୧ ଛକା)ଙ୍କ ୱିକେଟ ହରାଇ ୬୬ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ପାନକଲ ଶଶାଙ୍କ ୨୮ ବଲ୍‌ରୁ ୫ ଚୌକା ସହ ୩୨ ରନ୍‌ରେ ଅପରାଜିତ ରହିଛନ୍ତି। ଏହି ୪ ଦିନିଆ ମୁକାବିଲାର ପ୍ରଥମ ଦିନରେ ଓଡ଼ିଶା ହାତରେ ୯ଟି ପ୍ରଥମ ଇନିଂସ ୱିକେଟ ବାକିଥାଇ ୧୪୧ ରନ୍‌ରେ ପଛୁଆ ରହିଛି। ଏହି ମ୍ୟାଚ୍‌ରେ ଟସ୍ ଜିତିବା ପରେ ବିହାର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା।

## ରଣଜୀ ଟ୍ରଫି: ୪୯ ରନ୍‌ରେ ୭ ୱିକେଟର ପତନ

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

ଭୁବନେଶ୍ୱର,୧୨।୧୦(ସମିସ)

ଓପନର ଗୌରବ ଚୌଧୁରୀଙ୍କ ପ୍ରଥମଶତକ ଓ ସନ୍ଦୀପ ପଟ୍ଟନାୟକଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଅହମଦାବାଦ୍‌ର ନରେନ୍ଦ୍ର ମୋଦି-ବି' ଷ୍ଟାଡିୟମ୍‌ରେ ଚାଲିଥିବା ରଣଜୀ ଏଲିଟ-ସି' ଗ୍ରୁପ୍ ମୁକାବିଲାରେ ଓଡ଼ିଶା ବଡ଼ ସ୍କୋର କରିବାର ଏକ ସୁବର୍ଣ୍ଣ ସୁଯୋଗ ହରାଇଛି। ଏହି ମ୍ୟାଚ୍‌ରେ ଗୌରବ ୧୩୭ ଓ ସନ୍ଦୀପ ପଟ୍ଟନାୟକ ୬୯ ରନ୍ କରିବା ଓ ଏମାନଙ୍କ ଚତୁର୍ଥ ୱିକେଟ ଯୋଡ଼ିରୁ ୧୨୭ ରନ୍ ମିଳିବା ପରେ ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୩୨୪ ରନ୍ କରି ଅଲଆଉଟ ହୋଇଯାଇଛି। ଗତକାଲି ୩ ୱିକେଟରେ ୨୭୨ ରନ୍ କରିଥିବା ଓଡ଼ିଶା ଆଜି ଆଉ ୫୨ ରନ୍ ଯୋଗକରି ଅବଶିଷ୍ଟ ୭ ୱିକେଟ ହରାଇଥିଲା। ଗତକାଲିର ଦୁଇ ଅପରାଜିତ ବ୍ୟାଟର ଗୌରବ ଓ ସନ୍ଦୀପଙ୍କୁ ବାଦ୍ ଦେଲେ ଆଉଟ ହୋଇଥିବା ୫ଜଣ ଖେଳାଳିଙ୍କ ମଧ୍ୟରେ ଟପ୍ ସ୍କୋର ଥିଲା ୧୫। ଡେବ୍ୟୁଟାଣ୍ଟ ସମ୍ବିତ ବେଜା ଏହି ସ୍କୋର କରିଥିଲେ। ଭରସା ଥିବା ୩ ଖେଳାଳି ତଥା ଯୁବ ୱିକେଟ ରକ୍ଷକ ଆଶୀର୍ବାଦ ସ୍ୱାଇଁ ୨, ପେସାଦାର ଖେଳାଳି ନିନାଦ ରାଠୱା ୯ ଓ ସମ୍ବିତ ୧୫ ରନ୍ କରିଥିଲେ। ମିଡିୟମ୍ ପେସ୍ ବୋଲିଂ କରୁଥିଲେ ମଧ୍ୟ କିଛି ବ୍ୟାଟିଂ ଦକ୍ଷତା ଥିବା ଦ୍ୱିତୀୟ ପେସାଦାର ଖେଳାଳି ଲଳିତ ଯାଦବ ୦ ଓ ରାଜେଶ ମହାନ୍ତି ୮ ରନ୍ କରିଥିଲେ। ଦଳର ଭଲ ଆରମ୍ଭ ପରେ ବ୍ୟାଟିଂ ବିପର୍ଯ୍ୟୟ ହେବା ଓଡ଼ିଶା କ୍ରିକେଟର



ଗୌରବ ଚୌଧୁରୀ



ରାଜେଶ ମହାନ୍ତି

ଏକ ଧାରାରେ ପରିଣତ ହୋଇଗଲାଣି। ଏହାକୁ ଏବେ ଗୁଜରାଟ ବିପକ୍ଷରେ ପ୍ରଦର୍ଶନ କରିଛନ୍ତି ଓଡ଼ିଶାର ଭବିଷ୍ୟତ କୁହାଯାଉଥିବା ଏହି ଖେଳାଳିମାନେ। ଓଡ଼ିଶାର ୧୦ଟି ୱିକେଟ ମଧ୍ୟରୁ ଗୁଜରାଟର ପେସ୍ ବୋଲରମାନେ ୭ଟି ଅକ୍ତିଆର କରିଥିଲେ। ସେମାନଙ୍କ ମଧ୍ୟରେ ଆର୍ଜନ ନାଗସୱାରା ସର୍ବାଧିକ ୩ଟି, ଚିନ୍ତନ ଗଜ ଓ ହର୍ଷଲ ପଟେଲ ୨ଟି ଲେଖାଏଁ ନେଇଛନ୍ତି। ବାମହାତୀ ସ୍ପିନର ସିଦ୍ଧାର୍ଥ ଦେଶାଇଙ୍କୁ ୨ଟି ୱିକେଟ ନେଇଥିଲାବେଳେ ଓଡ଼ିଶାର ଜଣେ ଖେଳାଳି ନିନାଦ ରାଠୱା ରନ୍‌ଆଉଟ ହୋଇଥିଲେ। ଓଡ଼ିଶାର ତାହାର ଶେଷ ୭ ୱିକେଟ ୪୯ ରନ୍‌ରେ ହରାଇ ବିପଦରେ ପଡ଼ିଥିଲା।

ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଗୁଜରାଟ ୨ ୱିକେଟରେ ୨୦୫ ରନ୍ ସଂଗ୍ରହ କରିନେଇଛି। ଏହା ପ୍ରମାଣ କରୁଛି, ମ୍ୟାଚ୍ ଖେଳାଯାଇଥିବା ପିଚ୍ ଆଦୌ ବିପଜ୍ଜନକ ନ ଥିଲା। ଗୁଜରାଟର ବ୍ୟାଟର ଭଲ ପ୍ରଦର୍ଶନ କରିବା ଏହାର ଆଉ ଏକ ପ୍ରମାଣ। ଦଳ ପକ୍ଷରୁ ଆର୍ଯ୍ୟା ଦେଶାଇ ୯୪ ରନ୍ କରି ଆଉଟ ହୋଇଥିଲାବେଳେ ଡେବ୍ୟୁଟାଣ୍ଟ ବେଦାନ୍ତ ତ୍ରିବେଦୀ ୯୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ବେଦାନ୍ତଙ୍କ ସହ ମନନ ହିଙ୍ଗ୍ରାଜିଆ ୧୩ ରନ୍‌ରେ କ୍ରିଜ୍‌ରେ ଉପସ୍ଥିତ ଥିଲାବେଳେ ଓପନର ଅଭିଷେକ ଦେଶାଇ ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭରରେ ରାଜେଶ ମହାନ୍ତିଙ୍କ ଶିକାର ବନିଥିଲେ। ବାଦଲ ବିଶ୍ୱାଳ ଅନ୍ୟ ୱିକେଟଟି ଶେଷ ଭାଗରେ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ : ୩୨୪/୧୦, ୧୧୩ ଓଭର (ଗୌରବ-୧୩୭, ସନ୍ଦୀପ-୬୯, ମୁଣ୍ଡେ-୩୭, ନାଗସୱାଲା-୩/୬୫, ସିଦ୍ଧାର୍ଥ-୨/୫୪, ଗଜ-୨/୭୨, ହର୍ଷଲ-୨/୮୯)।

ଗୁଜରାଟ ପ୍ରଥମ ଇନିଂସ : ୨୦୫/୨, ୫୫ ଓଭର (ବେଦାନ୍ତ ତ୍ରିବେଦୀ-ବ୍ୟାଟିଂ-୯୪, ଆର୍ଯ୍ୟା ଦେଶାଇ-୯୪, ବାଦଲ ବିଶ୍ୱାଳ-୧/୩୧, ରାଜେଶ ମହାନ୍ତି-୧/୩୬)।

■ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ

## ଓଡ଼ିଶାର ତୃତୀୟ ପରାଜୟ

ଭୁବନେଶ୍ୱର,୧୨।୧୦(ସମିସ): ବେଙ୍ଗାଲୁରରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟରେ ଆଜି ଖେଳାଯାଇଥିବା ମୁକାବିଲାରେ ଓଡ଼ିଶା ୨୮ ରନ୍‌ରେ ବରୋଦା ନିକଟରୁ ପରାଜିତ ହୋଇଛି। ଏହା ଫଳରେ ନିଜ ଗ୍ରୁପ୍‌ରେ ଓଡ଼ିଶା ତୃତୀୟ ପରାଜୟ ବରଣ କରିଛି। ପୂର୍ବରୁ ଦଳ ଝାଡଖଣ୍ଡଠାରୁ ୬ ୱିକେଟ ଓ ହିମାଚଳ ପ୍ରଦେଶଠାରୁ ୭୦ ରନ୍‌ରେ ହାରିଥିଲା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବରୋଦା ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୩୭ ରନ୍ କରିଥିଲା। ତିଶା ଦଳ ପକ୍ଷରୁ ସର୍ବାଧିକ ୪୫ରନ୍ କରି ଅପରାଜିତ ରହିଥିଲେ। ପ୍ରତିପକ୍ଷ ଦଳର ଶ୍ରେୟା ପ୍ରିୟଦର୍ଶିନୀ ୩ଟି ଓ ଅନନ୍ୟା ରାଉତ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୧୯.୩ ଓଭରରେ ମାତ୍ର ୧୦୯ ରନ୍ କରି ଅଲଆଉଟ ହୋଇଯାଇଥିଲେ। ଦଳର ଆଞ୍ଚେଲ ରାଜ ଅପରାଜିତ ୨୭ ଓ ଇଶିତା ପାଣି ୨୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମୈତ୍ରୀ ମଣିଆରଙ୍କୁ ୪ଟି ୱିକେଟ ମିଳିଥିଲା।

■ ଶୁଭାଶିଷଙ୍କ ଶତକ ଓ ଶୁଭମଙ୍କ ଅର୍ଦ୍ଧଶତକ ବ୍ୟର୍ଥ

## ବିନୁ ମଙ୍କଡ଼ ଟ୍ରଫିରେ ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର,୧୨।୧୦(ସମିସ): ପୁଡୁଚେରୀରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା କ୍ରମାଗତ ପରାଜୟ ବରଣ କରିଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ୭ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଓଡ଼ିଶାର ଦୁଇ ଓପନର ଶୁଭାଶିଷ ମଲ୍ଲିକ (୧୧୭ବଲ୍‌ରେ ୧୧୪ରନ୍)ଙ୍କ ଶତକ ଓ ଶୁଭମ ପିଲାଇ (୭୪ବଲ୍‌ରେ ୫୮ରନ୍)ଙ୍କ ଅର୍ଦ୍ଧଶତକ ବ୍ୟର୍ଥ ହୋଇଛି। ଏମାନେ ପ୍ରଥମ ୱିକେଟ ପାର୍ଟନରସିପ୍‌ରେ ୧୩୯ ରନ୍ ସଂଗ୍ରହ କରିବା ଯୋଗୁଁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪୭.୪ ଓଭରରେ ୨୬୩ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ନିଧିଶ ଗୌର ୧୨୭ ବଲ୍‌ରେ ଅପରାଜିତ ୧୧୩ ଓ ସନ୍ଦୀପ ପରିହାର ୫୩ ବଲ୍‌ରେ ୬୩ ରନ୍ କରିବା ଫଳରେ ହରିୟାଣା ୪୬.୩ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଯୋଗେଶ୍ୱର ବାଗ୍ ଓ ରାଜା ଯାଦବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।



ଶୁଭାଶିଷ ମଲ୍ଲିକ



ଶୁଭମ ପିଲାଇ

● ରାଜ୍ୟ ୧୯ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

## ବଲାଙ୍ଗିରର ଦିବ୍ୟମ୍ କେଜ୍ରିୱାଲଙ୍କୁ ତ୍ରିମୁକୁଟ




ଭୁବନେଶ୍ୱର,୧୨।୧୦(ସମିସ): ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଆନୁକୂଲ୍ୟରେ ୩ ଦିନ ଧରି ଅନୁଷ୍ଠିତ ୪୦ତମ ରାଜ୍ୟ ୧୯ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ ଗତ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବଲାଙ୍ଗିରର ଦିବ୍ୟମ କେଜରୀୱାଲ ତ୍ରିମୁକୁଟ ହାସଲ କରିଛନ୍ତି। ସେ ପ୍ରଥମେ ବାଳକ ସିଙ୍ଗଲ୍ସରେ ଢେଙ୍କାନାଳର ଶୁଭ୍ରକେତନ ମଲ୍ଲିକଙ୍କୁ ୨-୦ରେ ପରାସ୍ତ କରି ପ୍ରଥମ ଟାଇଟଲ ବିଜୟୀ ହୋଇଥିଲେ। ସେହିପରି ଦିବ୍ୟମ ଓ ଶୁଭ୍ରକେତନ ଯୋଡି ହୋଇ ବାଳକ ଡବଲ୍ସ ଫାଇନାଲରେ ଖୋର୍ଦ୍ଧାର ବାପୁନ ରାଉତ ଓ ସମ୍ବଲପୁରର ଜୟକୃଷ୍ଣ ଗର୍ଦ୍ଦିଆଙ୍କୁ ୨-୧ ସେଟ୍‌ରେ ହରାଇ ଦ୍ୱିତୀୟ ଟାଇଟଲ ଜିତିଥିଲେ। ସେହିପରି ମିକ୍ସଡ ଡବଲ୍ସରେ ଦିବ୍ୟମ ଓ ରାୟଗଡାର ସ୍ୱିଟି ପ୍ରଧାନ ୨-୦ରେ ରାୟଗଡ଼ାର ପାଣ୍ଡାଲା ଚକ୍ରବର୍ତ୍ତୀ ଓ ଗଞ୍ଜାମର ଏ ସାଇ ଲକ୍ଷ୍ମୀ ରାଓଙ୍କୁ ୨-୦ରେ ହରାଇ ତୃତୀୟ ଟାଇଟଲ ହାସଲ କରିଥିଲେ। ଏହା ଫଳରେ ଦିବ୍ୟମ କେଜରୀୱାଲଙ୍କୁ ଏହି ପ୍ରତିଯୋଗିତାରେ ୩ଟି ଟାଇଟଲ ମିଳିଛି। ସେହିପରି ବାଳିକା ସିଙ୍ଗଲ୍ସ ଫାଇନାଲରେ ସୁନ୍ଦରଗଡର ଗୀତାଶ୍ରୀ ଦେ' ୨-୦ରେ ଭଦ୍ରକର ଜେସିକା ସାହୁଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ଯାଜପୁରର ରିତୀକା ଦାସ ଓ ଭଦ୍ରକର ବି ଲକ୍ଷ୍ମୀ ରେଡ୍ଡୀ ୨-୧ରେ ସମ୍ବଲପୁରର ଅମ୍ବିକା ମିଶ୍ର ଓ ରାୟଗଡାର ସ୍ୱିଟିପ୍ରିୟା ପ୍ରଧାନଙ୍କୁ ପରାସ୍ତ କରି ମହିଳା ଡବଲ୍ସ ଟାଇଟଲ କବ୍‌ଜା କରିଥିଲେ।

ଖେଳ ଶେଷରେ ଆୟୋଜକ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଦୀପ ପଟ୍ଟନାୟକ, ଅର୍ଗାନାଇଜିଂ ସେକ୍ରେଟାରୀ ଅଜିତ ମହାନ୍ତି ଓ ଚିଫ୍ ରେଫରୀ ରୀତା ଦାସ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

## ରାଜ୍ୟ ଜୁ ଜିତ୍‌ସୁ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଖୋର୍ଦ୍ଧାକୁ ଦଳଗତ ଟାଇଟଲ; ଯାଜପୁର ତୃତୀୟ



ଭୁବନେଶ୍ୱର,୧୨।୧୦(ସମିସ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁ-ଜିତ୍‌ସୁ ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ଓଡ଼ିଶା ଜୁ-ଜିତ୍‌ସୁ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟରୁ ପ୍ରାୟ ୧୦୦ ଜଣ ପ୍ରତିଯୋଗୀ ବିଭିନ୍ନ କାଟାଗୋରୀରେ ଅଂଶଗ୍ରହଣ କରିଥିଲେ। ଏମାନେ ଫାଇଟିଂ ସିଷ୍ଟମ ଓ କେ-ୱାଜାରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ୨୪ଟି ସ୍ୱର୍ଣ୍ଣ ପଦକ ଜିତି ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କଟକ ୭ଟି ଓ ଯାଜପୁର ଜିଲ୍ଲା ୫ଟି ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଆଡଭୋକେଟ କାଳୀପ୍ରସାଦ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିôତଲେ। ଓଡ଼ିଶା ଜୁ-ଜିତ୍‌ସୁ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ପ୍ରତିଯୋଗିତାରେ ବାଲେଶ୍ୱରର ରୋହିତ କୁମାର ପାତ୍ର, ଦେବଗଡର ରୁଦ୍ରନାରାୟଣ ପ୍ରଧାନ, ଗଞ୍ଜାମର କେ ମହେଶ ରେଡ୍ଡୀ, ଯାଜପୁରର ଶ୍ରୁତିଲଗ୍ନ ସାହୁ, ଭୂମିକା ଲାଢ଼ା, କ୍ରିଶୁଂକା ବେହେରା, ସ୍ମିଟି ମାସକାରା ଓ ଅଜିଜା ବେଗମ ପ୍ରମୁଖ ବିଭିନ୍ନ କାଟାଗୋରୀରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଅନ୍ୟ ସମସ୍ତ ସ୍ୱର୍ଣ୍ଣ ଖୋର୍ଦ୍ଧା ଓ କଟକ ପ୍ରତିଯୋଗୀଙ୍କୁ ମିଳିଥିଲା।

■ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ

## ଓଡିଏମ୍-କିସ୍ ଫାଇନାଲ

ଭୁବନେଶ୍ୱର,୧୨।୧୦(ସମିସ): ଓଡିଏମ୍ ଗ୍ଲୋବାଲ ସ୍କୁଲ ଓ କିସ (କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ) ସ୍କୁଲ ମଧ୍ୟରେ ଚତୁର୍ଥ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ବା ୟୁନିଲାଇଟ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ବା ସୋମବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ କିସ୍ ୩-୦ ଗୋଲରେ କ୍ୟାପିଟାଲ ହାଇସ୍କୁଲକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। କିସ୍ ପକ୍ଷରୁ ଡବଲ ଗୋଲ ଦେଇଥିବା ଜୟପ୍ରସାଦ ରିଅଙ୍ଗଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଗତକାଲି ବା ରବିବାର ଖେଳାଯାଇଥିବା ପ୍ରଥମ ସେମିରେ ଓଡିଏମ୍ ଗ୍ଲୋବାଲ ୫-୦ ଗୋଲରେ ବିକାଶ ରେସିଡେନସିଆଲ ସ୍କୁଲ୍‌କୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ସହାୟତାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ମଙ୍ଗଳବାର ସନ୍ଧ୍ୟା ୬ଟା୩୦ରୁ ଆରମ୍ଭ ହେବ।



● ସର୍ବଭାରତୀୟ ଟେନିସ ବଲ୍ କ୍ରିକେଟ୍ ଲିଗ୍

## ଓଡ଼ିଶା ଭାମ୍ପାୟାର ଚାମ୍ପିଅନ




ଭୁବନେଶ୍ୱର, ୧୨।୧୦ (ସମିସ) : ଉତ୍ତର ପ୍ରଦେଶରେ ଅନୁଷ୍ଠିତ ସର୍ବଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ସର୍କଲ୍ ଲିଗର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶା ଭାମ୍ପାୟାର୍ ଇନ୍‌ଭିନ୍ସିବଲ୍ ଦଳ ଚାମ୍ପିଅନ୍ ହୋଇଛି। ଫାଇନାଲରେ ଓଡ଼ିଶା ଭାମ୍ପାୟାର ୨୧ ରନରେ ମହାକାଲ୍ ଗୋରଖପୁର ଦଳକୁ ପରାସ୍ତ କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଓଡ଼ିଶା ଭାମ୍ପାୟାର୍ ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ୍ ହରାଇ ୫୨ ରନ୍ ସଂଗ୍ରହ କରିଥିଲା। ଅଧିନାୟକ ଭିକି ଦିଗାଲ୍ ୨୩, ପ୍ରକାଶ ସାହୁ ୧୭ ରନ କରିଥିଲେ। ଜବାବରେ ଗୋରଖପୁର ଦଳ ମାତ୍ର ୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ରବଡ଼ା ସର୍ବାଧିକ ୪ଟି ୱିକେଟ ନେଇଥିଲେ। ଅଧିନାୟକ ଭିକିଙ୍କୁ ଫାଇନାଲ୍ ସହ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଚାମ୍ପିଅନ ଓଡ଼ିଶା ଦଳକୁ ଟ୍ରଫି ସହ ୩ ଲକ୍ଷ ଟଙ୍କା ଓ ରନର୍ସଅପ୍ ଗୋରଖପୁରକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଓଡ଼ିଶା ଦଳର ମାଲିକ ପୁଷ୍ପମିତ୍ର ମହାନ୍ତି ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି

EXECUTIVE EDITOR: RANJIT MOHANTY